EKAMAATRA
RNI Regd. No. ODIODI/2017/71524

READ & SHARE
www.ekamaatra.com
ekamaatra@gmail.com
taraknews1@gmail.com
ekamaatraodia
ekamaatranews

# ଏକମାତ୍ର

ଅନୁସନ୍ଧାନ ପରେ ଖବର



ବର୍ଷ-୭ ସଂଖ୍ୟା-୧୯ ୨୨ - ୨୮ ମଇ, ୨୦୨୩ ଭୁବନେଶ୍ୱର Monday Weekly VOL-7 ISSUE-19 22nd - 28th MAY, 2023 BHUBANESWAR ₹ 5/- (8 Pages)

### ମୋଦିଙ୍କ ନେତୃତ୍ୱ ପ୍ରତି ଆସ୍ଥା ପ୍ରକଟ କଲେ ନବୀନ

## ଆଉଥରେ ପ୍ରଧାନମନ୍ତ୍ରୀ ଭାବେ ଦେଖିବାକୁ ଚାହାଁନ୍ତି



**ଭୁବନେଶ୍ୱର :** ଉଭୟ ଏନଡିଏ ଓ ୟୁପିଏଠୁ ସମଦୂରତ୍ୱ ନୀତି ବଜାୟ ରଖିବ ଏବଂ କୌଣସି ତୃତୀୟ ସାମ୍ମୁଖ୍ୟରେ ସାମିଲ ହେବନି ବୋଲି ନିକଟରେ ମତ ରଖିଥିବା ବିଜେଡି ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏକ ବଡ଼ ସନ୍ଦେଶ ଦେଇଛନ୍ତି। ନରେନ୍ଦ୍ର ମୋଦି ପୁଣିଥରେ ପ୍ରଧାନମନ୍ତ୍ରୀ ହୁଅନ୍ତୁ ବୋଲି ନବୀନ ଇସାରା ଇସାରାରେ କହିବା ସହ ମୋଦିଙ୍କ ନେତୃତ୍ୱ ପ୍ରତି ମଧ୍ୟ ଆସ୍ଥା ପ୍ରକଟ କରିଛନ୍ତି। ନବୀନଙ୍କ ଏଭଳି ଇସାରା ରାଜନୀତିକ ଉଷ୍ମତା ବଢ଼ାଇ ଥିବାବେଳେ ଓଡ଼ିଶା ପରିପ୍ରେକ୍ଷୀରେ ମୋଦିଙ୍କ ନେତୃତ୍ୱ ପ୍ରତି ଆସ୍ଥାପ୍ରକଟ କରି ତାଙ୍କୁ ପୁଣିଥରେ ପ୍ରଧାନମନ୍ତ୍ରୀ ଭାବେ ଦେଖିବା ପାଇଁ ଇଚ୍ଛା ବ୍ୟକ୍ତ କରିବା ନବୀନଙ୍କ ଆବଶ୍ୟକତା ନା ବାଧ୍ୟବାଧକତା ତାକୁ ନେଇ ଚର୍ଚ୍ଚା। ନିକଟରେ ପୁରୀ-ହାୱଡ଼ା 'ବନ୍ଦେ ଭାରତ ଏକ୍ସପ୍ରେସ' ଟ୍ରେନର ଚଳାଚଳର ଲୋକାର୍ପଣ ସହ ବିଭିନ୍ନ ରେଳବାଇ ପ୍ରକଳ୍ପକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭର୍ଚୁଆଲ ମୋଡରେ ଶିଳାନ୍ୟାସ ଓ ଉଦଘାଟନ କରିଛନ୍ତି। ଏହି ସରକାରୀ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ସାମିଲ ହୋଇ ପ୍ରଧାନମନ୍ତ୍ରୀଙ୍କ ସମ୍ମୁଖରେ ଓଡ଼ିଶା ପାଇଁ ଆଉ ଦୁଇଟି ବନ୍ଦେ ଭାରତ ଏକ୍ସପ୍ରେସ ଟ୍ରେନ ଓ ଅନ୍ୟ କେତେକ ରେଳବାଇ ପ୍ରକଳ୍ପ ନିମନ୍ତେ ଦାବି ରଖିଥିଲେ। ଏହାସହିତ ନବୀନ ନିଜ ଅଭିଭାଷଣରେ ପୁରୀରେ ପ୍ରସ୍ତାବିତ ଶ୍ରୀଜଗନ୍ନାଥ ଆନ୍ତର୍ଜାତିକ ବିମାନ ବନ୍ଦର ପ୍ରସଙ୍ଗରେ ନିକଟରେ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଭେଟି କରିଥିବା ଆଲୋଚନାକୁ ମଧ୍ୟ ଉଲ୍ଲେଖ କରିବାକୁ ପଛାଇ ନାହାନ୍ତି। ପୁରୀ ବିମାନବନ୍ଦରକୁ ବିଶ୍ୱସ୍ତରୀୟ ସମୁଦ୍ରକୂଳ ବିମାନ ବନ୍ଦରରେ ପରିଣତ କରିବା ନିମନ୍ତେ ପ୍ରଧାନମନ୍ତ୍ରୀ ମୋଦି ଦେଇଥିବା ପରାମର୍ଶକୁ ପାଳନ କରାଯିବ ଓ ପ୍ରଧାନମନ୍ତ୍ରୀ ମୋଦି ସହାୟତାରେ ଆଗାମୀ ୩ରୁ ୪ବର୍ଷ ମଧ୍ୟରେ ଏହି ବିମାନ ବନ୍ଦର ପ୍ରସ୍ତୁତ ହେବ। ଆଉ ଶ୍ରୀକ୍ଷେତ୍ର ଆସି ପ୍ରଧାନମନ୍ତ୍ରୀ ମୋଦି ଶ୍ରୀଜଗନ୍ନାଥ ଆନ୍ତର୍ଜାତିକ ବିମାନ ବନ୍ଦରର ଲୋକାର୍ପଣ କରିବେ ବୋଲି ନବୀନ ଇଚ୍ଛା ବ୍ୟକ୍ତ କରିଛନ୍ତି। କେବଳ ସେତିକି ନୁହେଁ, ମୋଦି ସରକାରଙ୍କ ମହତ୍ୱାକାଂକ୍ଷୀ ଯୋଜନା 'ବୁଲେଟ୍ ଟ୍ରେନ ଚଳାଚଳ' କଥା ମନେ ପକାଇ ନବୀନ କହିଛନ୍ତି ଯେ, ବୁଲେଟ୍ ଟ୍ରେନ ଚଳାଚଳ ସ୍ୱପ୍ନ ଖୁବଶୀଘ୍ର ବାସ୍ତବ ରୂପ ନେବ। ବନ୍ଦେ ଭାରତ ଏକ୍ସପ୍ରେସ ଟ୍ରେନ ଚଳାଚଳ ପରେ ଭାରତରେ ବୁଲେଟ ଟ୍ରେନର ➤ ପୃ-୬

### ଏଏସଓ ନିଯୁକ୍ତି ମାମଲା

## ମେଧା ତାଲିକା ରଦ୍ଦ



**୨ ମାସରେ ସାନି ତାଲିକା**

**କଟକ :** ଓଡ଼ିଶା ଲୋକସେବା ଆୟୋଗ (ଓପିଏସ୍‌ସି) ତରଫରୁ ଅନୁଷ୍ଠିତ ଆସିଷ୍ଟାଣ୍ଟ ସେକ୍ସନ ଅଫିସର (ଏଏସଓ) ନିଯୁକ୍ତି ପରୀକ୍ଷାରେ ପ୍ରକାଶିତ ମେଧା ତାଲିକାକୁ ହାଇକୋର୍ଟ ରଦ୍ଦ କରିଛନ୍ତି। ବିଷୟଭିତ୍ତିକ ସର୍ବନିମ୍ନ ମାର୍କ ନିୟମ ଲାଗୁ କରାଯିବା ନିଯୁକ୍ତି ନିୟମ ଅନୁସାରେ ଗ୍ରହଣୀୟ ନୁହେଁ। ଓଡ଼ିଶା ସେକ୍ରେଟାରିଏଟ (ମେଥଡ ଅଫ୍ ରିକ୍ରୁଟମେଣ୍ଟ) ଆଣ୍ଡ କଣ୍ଡିସନ୍ସ ଅଫ୍ ସର୍ଭିସ ଅଫ୍ ଏଏସଓ ରୁଲ୍ସ, ୨୦୧୬ର ଉଲ୍ଲଂଘନ କରି ବିଷୟ ଭିତ୍ତିକ ସର୍ବନିମ୍ନ ମାର୍କ ବ୍ୟବସ୍ଥା ଲାଗୁ କରାଯାଇଥିବାରୁ ପ୍ରକାଶିତ ମେଧା ତାଲିକା ରଦ୍ଦ କରାଯାଉଛି ବୋଲି ହାଇକୋର୍ଟଙ୍କ ରାୟରେ ଉଲ୍ଲେଖ କରାଯାଇଛି। ଏଥି ସହିତ ୨୦୧୬ର ରୁଲ୍ସ ପାଳନ କରି ସାନି ମେଧା ତାଲିକା ୨ ମାସ ଭିତରେ ପ୍ରକାଶ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଲିଖିତ ପରୀକ୍ଷାରେ ପ୍ରାର୍ଥୀ ମାନେ ବିଭିନ୍ନ ବିଷୟରେ ରଖିଥିବା ମାର୍କର ସମଷ୍ଟିକୁ ବିଚାରକୁ ନେଇ ସାନି ମେଧା ତାଲିକା ପ୍ରକାଶ କରାଯିବ। ଜଷ୍ଟିସ ଆଦିତ୍ୟ କୁମାର ମହାପାତ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ରଜତ କୁମାର ମିଶ୍ର ଓ ଅନ୍ୟମାନଙ୍କ ମାମଲାରେ ଏପରି ରାୟ ପ୍ରଦାନ କରିଛନ୍ତି। ମେଧା ତାଲିକା ରଦ୍ଦ କରାଯିବା ପରେ ବିଷୟଭିତ୍ତିକ ମାର୍କ ଆଧାରରେ ପ୍ରକ୍ରିୟାରୁ ବାଦ ପଡିଥିବା ବହୁ ଆଶାୟୀଙ୍କ ଅଶା ଉଜ୍ଜୀବିତ ହୋଇଛି। ଏଠାରେ ଉଲ୍ଲେଖ ଯୋଗ୍ୟ ଯେ, ଏଏସଓ ପରୀକ୍ଷାରେ ବ୍ୟାପକ ନିୟମ ଉଲ୍ଲଂଘନ କରାଯାଇଛି ଓ ବିଷୟଭିତ୍ତିକ ସର୍ବନିମ୍ନ ମାର୍କ ବ୍ୟବସ୍ଥା ଲାଗୁ କରାଯିବା ଆଇନ ଅନୁସାରେ ଗ୍ରହଣୀୟ ନୁହେଁ ବୋଲି ଦର୍ଶାଇ ଦାୟର ଆବେଦନର ଫେବ୍ରୁଆରି ୨ରେ ହାଇକୋର୍ଟ ଶୁଣାଣି ଶେଷ କରି ରାୟ ସଂରକ୍ଷିତ ରଖିଥିଲେ। ଏହି ରାୟ ଗତ ଶୁକ୍ରବାର ପ୍ରକାଶ ପାଇଛି। ୨୦୨୨, ଡିସେମ୍ବର ୨ରେ ହାଇକୋର୍ଟ ନିଯୁକ୍ତି ପ୍ରକ୍ରିୟା ପୂର୍ବ ନିର୍ଦ୍ଧାରିତ ସୂଚୀ ଅନୁସାରେ ଜାରି ରହିବ କିନ୍ତୁ ଚୂଡାନ୍ତ ମେଧା ତାଲିକା ପ୍ରକାଶ କରାଯିବ ନାହିଁ ବୋଲି ଅନ୍ତରୀଣ ନିର୍ଦ୍ଦେଶ ଦେଇଥିଲେ। ମାମଲାର ବିବରଣୀରୁ ପ୍ରକାଶ ଯେ, ୭୯୬ ଏଏସଓ ପଦ ପାଇଁ ୨୦୨୨, ଅଗଷ୍ଟ ୨୭ ତାରିଖରେ ଲିଖିତ ପରୀକ୍ଷା ହୋଇଥିଲା। ମୋଟ୍ ୧ଲକ୍ଷ ୪୮ହଜାର ୮୮୮ଜଣ ପ୍ରାର୍ଥୀ ପରୀକ୍ଷା ଦେଇଥିଲେ। ଆରମ୍ଭରୁ ବିବାଦରେ ରହିଥିବା ଏଏସଓ ପରୀକ୍ଷାକୁ ନେଇ କେତେକ ପ୍ରାର୍ଥୀ ଧାରଣା ଦେଇଥିଲେ। ଏ ନେଇ ପୂର୍ବରୁ ହାଇକୋର୍ଟରେ ଏକାଧିକ ➤ ପୃ-୬

### ଆରବିଆଇର ୨ ହଜାର ଟଙ୍କିଆ ନୋଟ ପ୍ରତ୍ୟାହାର ନିଷ୍ପତ୍ତି

## ଗୋଲାପି ନୋଟର ୭ ବର୍ଷର ଯାତ୍ରା ଶେଷ



**ନୂଆଦିଲ୍ଲୀ :** ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଆରବିଆଇ) ୨୦୦୦ ଟଙ୍କିଆ ନୋଟକୁ ବଜାରରୁ ଫେରାଇ ନେବାକୁ ନିଷ୍ପତ୍ତି ନେଇଛି। ଅବଶ୍ୟ ଏବେ ବଜାରରେ ଏହି ନୋଟ୍ ବୈଧ ରହିବ। ଭାରତୀୟ ରିଜର୍ଭ ବ୍ୟାଙ୍କ ବ୍ୟାଙ୍କଗୁଡ଼ିକୁ ପରାମର୍ଶ ଦେଇଛି ଯେ ସେମାନେ ତତ୍କାଳ ପ୍ରଭାବରେ ୨୦୦୦ ଟଙ୍କିଆ ନୋଟ୍ ଜାରି କରିବା ବନ୍ଦ କରନ୍ତୁ। ଆରବିଆଇ କହିଛି ଯେ ୩୦ ସେପ୍ଟେମ୍ବର ପର୍ଯ୍ୟନ୍ତ ଏହି ନୋଟ୍ ବୈଧ ରହିବ। ଅର୍ଥାତ ଯାହାଙ୍କ ପାଖରେ ଏବେ ୨ ହଜାର ଟଙ୍କା ନୋଟସ ଅଛି, ସେଗୁଡ଼ିକୁ ବ୍ୟାଙ୍କରେ ବଦଳାଇବାକୁ ପଡ଼ିବ। ନୋଟ୍ ବଦଳାଇବାର ପ୍ରକ୍ରିୟା ଆସନ୍ତା ୨୩ ତାରିଖରୁ ଆରମ୍ଭ ହେବ। ଆରବିଆଇ ପ୍ରେସ ରିଲିଜରେ କହିଛି ଯେ ୨୦୧୮-୧୯ରେ ହିଁ ୨ ହଜାର ଟଙ୍କିଆ ନୋଟ୍ ଛପା କାର୍ଯ୍ୟ ବନ୍ଦ କରାଯାଇଥିଲା। ➤ ପୃ-୬

### ମାଟ୍ରିକରେ ରେକର୍ଡ ୯୬.୪୦% ପାସ୍ ହାର

## ବଢ଼ିଲା +୨ ଆଡମିଶନ୍ ଟେନ୍‌ସନ



**ଭୁବନେଶ୍ୱର :** ରାଜ୍ୟରେ ବଢ଼ିଲା ମାଟ୍ରିକ ପାସ୍ ହାର। ତା'ସହ ବଢ଼ିଲା ଯୁକ୍ତ ଦୁଇ ଆଡମିଶନ୍ ଟେନ୍‌ସନ୍। ଏଥର ବଢ଼ିପାରେ ଯୁକ୍ତ ଦୁଇ କଟ୍‌ଅଫ୍ ମାର୍କ। କାରଣ ରାଜ୍ୟରେ କଲେଜ ଗୁଡିକର ସିଟ୍ ସଂଖ୍ୟା ଯେତିକି ରହିଛି, ତା'ଠୁ ଅଧିକ ଛାତ୍ରଛାତ୍ରୀ ପାସ୍ କରିଛନ୍ତି। ତେଣୁ ମାଟ୍ରିକରେ ରେକର୍ଡ ୯୬.୪୦ ପ୍ରତିଶତ ପାସ୍ ହାର ରହିବା ପରେ କଲେଜ୍ ଗୁଡିକରେ କଟ୍‌ଅଫ୍ ମାର୍କ ଚଳିତ ବର୍ଷ ଯଥେଷ୍ଟ ବଢିପାରେ। ଯେଉଁଥିଲାଗି ଅନେକ ମେଧାବୀ ଛାତ୍ରଛାତ୍ରୀ ଅଗ୍ରଣୀ କଲେଜରେ ପଢିବାର ସୁଯୋଗ ନପାଇପାରନ୍ତି। ରାଜ୍ୟରେ ମୋଟ ଦୁଇ ହଜାର ୬୭ଟି ଯୁକ୍ତ ଦୁଇ କଲେଜ ରହିଛି। ଯେଉଁଥିରେ ସିଟ୍ ସଂଖ୍ୟା ହେଲା ୫ ଲକ୍ଷ ୯ ହଜାର ୩୫୮। କିନ୍ତୁ ଏଥର ପାସ୍ କରିଛନ୍ତି ୫ ଲକ୍ଷ ୧୨ ହଜାର ୪୬୦ ଜଣ। ଏହାବାଦ ସିବିଏସ୍‌ଇ ଓ ଆଇସିଏସ୍‌ଇ ବୋର୍ଡରୁ ପ୍ରତିବର୍ଷ ପ୍ରାୟ ୧୫ ହଜାର ଛାତ୍ରଛାତ୍ରୀ ରାଜ୍ୟ ବୋର୍ଡକୁ ଆସିପାରନ୍ତି। ➤ ପୃ-୬

## ସୁପର ଧନୀଙ୍କ ସଂଖ୍ୟା ବଢୁଛି

### ୫ ବର୍ଷରେ ୨୫୦ କୋଟି ସମ୍ପତ୍ତିଧାରୀଙ୍କ ସଂଖ୍ୟାରେ ୫୮% ବୃଦ୍ଧି



**ନୂଆଦିଲ୍ଲୀ :** ଅରବପତିଙ୍କ କ୍ଷେତ୍ରରେ ଭାରତ ହେଉଛି ବିଶ୍ୱର ତୃତୀୟ ବୃହତ ରାଷ୍ଟ୍ର। ବର୍ତ୍ତମାନ ଭାରତରେ ସୁପର ଧନୀ (ୟୁଏଚ୍‌ଏନ୍‌ଆଇ)ଙ୍କ ସଂଖ୍ୟାରେ ଦ୍ରୁତ ଗତିରେ ବୃଦ୍ଧି ଘଟୁଛି। ସମ୍ପତ୍ତି ପରାମର୍ଶଦାତା ନାଇଟ୍ ଫ୍ରାଙ୍କର (ଦ ୱେଲ୍ଥ ରିପୋର୍ଟ ୨୦୨୩) ଅନୁଯାୟୀ, ଆସନ୍ତା ୫ ବର୍ଷ ମଧ୍ୟରେ ଦେଶରେ ୩୦ ନିୟୁତ ଡଲାର (୨୪୭ କୋଟି ଟଙ୍କା)ରୁ ଅଧିକ ସମ୍ପତ୍ତି ଥିବା ଲୋକଙ୍କ ସଂଖ୍ୟା ୫୮.୪% ବୃଦ୍ଧି ହୋଇ ୧୯,୧୧୯କୁ ବୃଦ୍ଧି ପାଇବ। ୨୦୨୨ରେ ଦେଶରେ ଅତି ଧନୀ ବ୍ୟକ୍ତିଙ୍କ ସଂଖ୍ୟା ୧୨,୦୬୯ ରହିଥିଲା। ପ୍ରକାଶିତ ଉକ୍ତ ରିପୋର୍ଟରେ ଏହା ମଧ୍ୟ କୁହାଯାଇଛି ଯେ ଆଗାମୀ ୫ ବର୍ଷରେ ୧ ବିଲିୟନ ଡଲାର ଅର୍ଥାତ୍ ୮୨୩୭ କୋଟି ଟଙ୍କାରୁ ଅଧିକ ସମ୍ପତ୍ତି ଥିବା ବିଲିୟନେୟାରଙ୍କ ସଂଖ୍ୟାରେ ୨୧% ବୃଦ୍ଧି ଦେଖାଦେଇ ୧୯୫ରେ ପହଞ୍ଚିବ। ➤ ପୃ-୬

### ବକ୍ରବାଣୀ



ମାଗି ଖିଆ ଯିଏ ଯଉଁଠି ଅଛ
ଧାଇଁ ଆସରେ ବେଇଗି ଭୁଂଶର
ଦୁବେଇ ବୁଲିକି ଆଇଲୁ ଆମେ
ଫଅଟ ନବରେ ଆମ ସାଙ୍ଗର
ଓଡ଼ିଆ ଦିବସ ପାଳିଲୁ ସେଠି
ଖାଇ ପିଇ କେତେ ମଉଜ କଲୁ
ଆଗକୁ ଭୋଅଟ ଆଉଚି ବୋଲି
ଗରୀବ ଧନରେ ବୁଲି ଆଇଲୁ
ସରମ ଆମକୁ ଛାଡ଼ିଗଲାକି
ବିଜୁଙ୍କର ଏଇ ସ୍ୱପ୍ନ ଥିଲାକି।

——— ଟୁଟୁ

## ୨୭ରେ 'ନିତି' ଆୟୋଗ ବୈଠକ

### ଉଠିବ ରାଜ୍ୟସ୍ୱାର୍ଥ ସମ୍ବଳିତ ଏକାଧିକ ପ୍ରସଙ୍ଗ



**ଭୁବନେଶ୍ୱର :** ଆସନ୍ତା ୨୭ ତାରିଖରେ 'ନିତି' ଆୟୋଗର ଅଷ୍ଟମ ସାଧାରଣ ପରିଚାଳନା ବୈଠକ ଅନୁଷ୍ଠିତ ହେବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧକ୍ଷତାରେ ବୈଠକ ଅନୁଷ୍ଠିତ ହେବାକୁ ଥିବାବେଳେ ବିଭିନ୍ନ ରାଜ୍ୟର ମୁଖ୍ୟମନ୍ତ୍ରୀ, କେନ୍ଦ୍ର ଶାସିତ ଅଞ୍ଚଳର ରାଜ୍ୟପାଳମାନେ ଏଥିରେ ଯୋଗଦେବେ। ଆସନ୍ତାବର୍ଷ ସାଧାରଣ ନିର୍ବାଚନ ହେବାକୁ ଥିବାବେଳେ ଏହି ବୈଠକକୁ କେନ୍ଦ୍ରରେ ମୋଦୀ ସରକାରଙ୍କ ଦ୍ୱିତୀୟ ପାଳିର ଶେଷ ନିତି ଆୟୋଗ ବୈଠକ ଭାବେ ବିଚାର କରାଯାଉଛି। ଏହି ଦୃଷ୍ଟିରୁ ଏହି ବୈଠକଟି ବେଶ୍ ଗୁରୁତ୍ୱ ବହନ କରୁଥିବା ବେଳେ ଓଡ଼ିଶା ପକ୍ଷରୁ ବହୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଏହି ବୈଠକରେ ଉଠିପାରେ। ଗତ ୨୦୨୨ ମସିହା ଅଗଷ୍ଟ ମାସରେ ଅନୁଷ୍ଠିତ ସପ୍ତମ ନିତି ଆୟୋଗ ବୈଠକରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯୋଗଦେଇ ରାଜ୍ୟସ୍ୱାର୍ଥ ସମ୍ବଳିତ ପ୍ରସଙ୍ଗମାନ ଉଠାଇଥିଲେ। ବିଶେଷକରି ରାଜ୍ୟକୁ ଫୋକସ ଷ୍ଟେଟ୍ ମାନ୍ୟତା, ରେଳବାଇ ଟେଲିକମ୍, ବ୍ୟାଙ୍କିଙ୍ଗ କ୍ଷେତ୍ରରେ ସହାୟତା, ବିପର୍ଯ୍ୟୟ ନିରୋଧୀ ଭିତ୍ତିଭୂମି ପାଇଁ ସହାୟତା ପରି ପ୍ରସଙ୍ଗକୁ ନବୀନ ଉଠାଇବା ସହ କେନ୍ଦ୍ର ସରକାରଙ୍କ ସହଯୋଗ ଲୋଡ଼ିଥିଲେ। ଆସନ୍ତା ୨୭ ତାରିଖରେ ଅନୁଷ୍ଠିତ ବୈଠକରେ ମୁଖ୍ୟମନ୍ତ୍ରୀଙ୍କ ଯୋଗଦେବାର ଯଥେଷ୍ଟ ସମ୍ଭାବନା ରହିଥିବା ବେଳେ ସମାନ ପ୍ରସଙ୍ଗ ସହ ଅନ୍ୟ କେତେକ ପ୍ରସଙ୍ଗ ସମ୍ପର୍କରେ ମୁଖ୍ୟମନ୍ତ୍ରୀ ପ୍ରଧାନମନ୍ତ୍ରୀଙ୍କ ଧ୍ୟାନ ➤ ପୃ-୬

## ଆର୍ଥିକ ପରିଚାଳନାରେ ସଶକ୍ତ ଓଡ଼ିଶା

### ରାଜ୍ୟର ବଢୁଛି ନିଜସ୍ୱ ରାଜସ୍ୱ ଆଦାୟ

**ଭୁବନେଶ୍ୱର :** ବର୍ଷକୁ ବର୍ଷ ରାଜ୍ୟର ବିତ୍ତୀୟ ପରିଚାଳନା ଏବଂ ପ୍ରଦର୍ଶନ ତୁଳନାତ୍ମକ ଭାବେ ଅଗ୍ରଗତି ହାସଲ କରିଚାଲିଛି। ବିଶେଷ କରି ମହାବାତ୍ୟା ପରେ ପରେ କ୍ଷମତାକୁ ଆସିବା ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟର ବିପର୍ଯ୍ୟସ୍ତ ଆର୍ଥିକ ପରିସ୍ଥିତିକୁ ସୁଧାରି ରାଜ୍ୟକୁ ନିଅଣ୍ଟିଆରୁ ରାଜସ୍ୱ ବଳକା ରାଜ୍ୟରେ ପରିଣତ କରିବାରେ ସକ୍ଷମ ହୋଇପାରିଛନ୍ତି। ୨୦୦୫-୦୬ ମସିହାଠାରୁ ରାଜ୍ୟ ସରକାର କ୍ରମାଗତ ଭାବେ ରାଜସ୍ୱ ବଳକା ରାଜ୍ୟ ଭାବେ ପରିଗଣିତ ହେଉଥିବା ବେଳେ ସମସ୍ତ ଋଣ କେବଳ ପୁଞ୍ଜି ଖର୍ଚ୍ଚ ପାଇଁ ବ୍ୟବହାର କରାଯାଉଛି। ସେହିପରି ରାଜ୍ୟର ନିଜସ୍ୱ ଟିକସ ରାଜସ୍ୱ ଆଦାୟ ବଢ଼ିଥିବା ବେଳେ କ୍ରମାଗତ ଭାବେ କେନ୍ଦ୍ରୀୟ ନିର୍ଭରଶୀଳତା କମୁଛି। ଯାହାକି ରାଜ୍ୟର ଶୃଙ୍ଖଳିତ ଏବଂ ଶ୍ରେଷ୍ଠ ବିତ୍ତୀୟ ପରିଚାଳନାକୁ ଦର୍ଶାଉଛି ବୋଲି ଅର୍ଥନୈତିକ ବିଶେଷଜ୍ଞମାନେ ମତପ୍ରକାଶ କରିଛନ୍ତି। ୨୦୦୦ରେ ନବୀନ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ଭାବେ ଓଡ଼ିଶାର ନେତୃତ୍ୱ ନେବା ବେଳେ ରାଜ୍ୟରେ ଘୋର ଆର୍ଥିକ ସ୍ଥିତି ଥିବାବେଳେ ସରକାରୀ କର୍ମଚାରୀଙ୍କୁ ଦରମା ଦେବାକୁ ସରକାରଙ୍କ ପାଖରେ ଅର୍ଥ ନଥିଲା। ମାତ୍ର ଏହାର ୫ ବର୍ଷ ପରେ ଓଡ଼ିଶା ନିଜକୁ ରାଜସ୍ୱ ବଳକା ରାଜ୍ୟ ବାବେ ପରିଚିତ କରାଇପାରିଛି। ଲଗାତାର ଭାବେ ଆର୍ଥିକ ସ୍ତରରେ ସଂସ୍କାର ମୂଳକ ପଦକ୍ଷେପ ସହ ୨୦୦୫ରେ ଭାଟର ପ୍ରଣୟନ, ପ୍ରଶାସନିକ ସ୍ତରରେ ଟେକ୍ନୋଲୋଜିକୁ ବ୍ୟବହାର, ରାଜସ୍ୱ ସଂଗ୍ରହର ମାସିକ ସମୀକ୍ଷା ବୈଠକ ସର୍ବୋପରି ୫-ଟି ଉପକ୍ରମର ଅନୁକରଣ କରି ରାଜ୍ୟ ସରକାର ଏକ୍ଷେତ୍ରରେ ବେଶ୍ ସହାୟକ ହୋଇପାରିଛି। ୨୦୦୦ ମସିହାରେ ଓଡ଼ିଶାର ବଜେଟ ୧୦ ହଜାର କୋଟି ଟଙ୍କାରୁ କମ୍ ଥିବାବେଳେ ପ୍ରତିବର୍ଷ ବଢ଼ି ବଢ଼ି ଏହା ୨୦୨୩-୨୪ ଆର୍ଥିକ ବର୍ଷରେ ୨.୩୦ ଲକ୍ଷ କୋଟିରେ ପହଞ୍ଚିଛି। ୨୦୨୩-୨୪ ଆର୍ଥିକ ବର୍ଷ ପାଇଁ ଅଟକଳ ବଜେଟରେ କାର୍ଯ୍ୟକ୍ରମ ବ୍ୟୟ ପାଇଁ ୧.୨୫ ଲକ୍ଷ ହଜାର କୋଟିର ବ୍ୟୟ ପ୍ରସ୍ତାବ ରହିଛି। ଏଥିରେ ପୁଞ୍ଜିବ୍ୟୟ ବାବଦକୁ ୫୧୬୮୩ କୋଟି ଟଙ୍କା ଅଟକଳ ହୋଇଛି ଯାହାକି ସାମଗ୍ରିକ ରାଜ୍ୟ ଘରୋଇ ଉତ୍ପାଦ(ଜିଏସଡିପି)ର ୬ ପ୍ରତିଶତ ଅଟେ। ଦେଶର ସମସ୍ତ ପ୍ରମୁଖ ରାଜ୍ୟ ତୁଳନାରେ ଓଡ଼ିଶାର ମୋଟ ବଜେଟରେ ପୁଞ୍ଜି ବ୍ୟୟର ଅନୁପାତ ସର୍ବାଧିକ ଅଟେ ବୋଲି ଜଣାପଡ଼ିଛି। ଅନ୍ୟପକ୍ଷରେ ଯଦି ଋଣଭାର କଥା ବିଚାରକୁ ନିଆଯାଏ, ତାହେଲେ ୨୦୨୩-୨୪ ଆର୍ଥିକ ବର୍ଷ ଶେଷ ସୁଦ୍ଧା ରାଜ୍ୟର ମୋଟ ଋଣବୋଝ ➤ ପୃ-୬




### ମହାନଦୀ ପ୍ରସଙ୍ଗରେ କଂଗ୍ରେସର କଟାକ୍ଷ

## ପଦ୍ମ ଘୁଞ୍ଚି ଘୁଞ୍ଚି ଯାଉଛି



**ଭୁବନେଶ୍ୱର :** ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ଆହୁତ ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରଦେଶ କଂଗ୍ରେସ କମିଟି ସଭାପତି ଶରତ ପଟ୍ଟନାୟକ, ପ୍ରଦେଶ କଂଗ୍ରେସ ପ୍ରଚାର କମିଟିର ଅଧ୍ୟକ୍ଷ ବିଜୟ କୁମାର ପଟ୍ଟନାୟକ ଓ ପ୍ରଦେଶ କଂଗ୍ରେସ କମିଟି ମିଡିଆ ବିଭାଗ ଅଧ୍ୟକ୍ଷ ଗଣେଶ୍ୱର ବେହେରା, ମହାନଦୀ ପ୍ରସଙ୍ଗରେ ଉଭୟ ଟ୍ରିବ୍ୟୁନାଲ ଓ ରାଜ୍ୟ ସରକାରଙ୍କୁ ଗୁଡ଼ାଇ ତୁଡ଼ାଇ ପ୍ରଶ୍ନ ପଚାରି ତାର ଉତ୍ତର ଦାବି କରିଛନ୍ତି। ମିଡିଆ ଅଧ୍ୟକ୍ଷ ଗଣେଶ୍ୱର ବେହେରା ଆରୋପ କରିଥିଲେ ଯେ, ପଦ୍ମ ଘୁଞ୍ଚି ଘୁଞ୍ଚି ଯାଉଛି। ମାର୍ଚ୍ଚ ୧୨, ୨୦୧୮ରେ ଟ୍ରିବୁନାଲ ଗଠିତ ହୋଇଥିଲା। ଇତି ମଧ୍ୟରେ ୫ ବର୍ଷ କିଛି ସମୟ ବିତିଯାଇଥିଲେ ମଧ୍ୟ ମହାନଦୀ ଜଳ ବିବାଦ ସମସ୍ୟା ସମାଧାନର କୌଣସି ବାଟ ଫିଟୁ ନାହିଁ। ଏ କ୍ଷେତ୍ରରେ ସରକାରଙ୍କ ଆନ୍ତରିକତାକୁ ଅଙ୍ଗୁଳି ନିର୍ଦ୍ଦେଶ କରି କହିଥିଲେ ଯେ ରାଜ୍ୟ ସରକାର ମୁଖ୍ୟମନ୍ତ୍ରୀ ଓ ବାଚସ୍ପତିଙ୍କ ଅଧ୍ୟକ୍ଷତାରେ ଦୁଇ ଦୁଇଟି କମିଟି ଗଠନ କଲେ। କିନ୍ତୁ ୬ ବର୍ଷରୁ ଅଧିକ ସମୟ ଅତିକ୍ରାନ୍ତ ହୋଇଯାଇଥିବା ସ୍ଥଳେ କୌଣସି କମିଟିର ଗୋଟିଏ ବି ବୈଠକ ଏ ପର୍ଯ୍ୟନ୍ତ ବସିଲା ନାହିଁ କାହିଁକି? ଦ୍ୱିତୀୟରେ କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର ଗତ ବିଧାନ ସଭାରେ ବଜେଟ ଅଧିବେଶନରେ ଆଲୋଚନା ନିମନ୍ତେ ଅନୁରୋଧ କରିଥିଲେ। ବାଚସ୍ପତି ମହୋଦୟ ବ୍ୟୟମଞ୍ଜୁରି ବିଧେୟକ ପାରିତ ହେଲାପରେ ଆଲୋଚନା ପାଇଁ ସମୟ ଧାର୍ଯ୍ୟ କରାଯିବ ବୋଲି ଗୃହରେ ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ବ୍ୟୟମଞ୍ଜୁରି ବିଧେୟକ ପାରିତ ହେବା ମାତ୍ରେ ସେହି ଦିନ ମାର୍ଚ୍ଚ ୩୧ରେ ଗୃହ ମୁଲତବୀ କରିଦିଆଗଲା। ମହାନଦୀ ପ୍ରସ୍ତାବ ଆଲୋଚନା ହୋଇପାରିଲା ନାହିଁ। ଏଇତ ସରକାରଙ୍କ ଆନ୍ତରିକତା? ସାମ୍ବାଦିକ ସମ୍ମିଳନୀରେ ପିସିସି ସଭାପତି ଶରତ ପଟ୍ଟନାୟକ ରାଜ୍ୟ ସରକାରଙ୍କ ଆନ୍ତରିକତା ମୁଖ୍ୟତଃ ମହାନଦୀ ଜଳ ବିବାଦ ପାଇଁ ଦାୟୀ ବୋଲି ଦୃଢ଼ୋକ୍ତି କରିଥିଲେ। ଶ୍ରୀ ପଟ୍ଟନାୟକ ଦର୍ଶାଇଥିଲେ ଯେ ଅଣ ମୌସୁମୀ ସମୟରେ ମହାନଦୀରେ ଜଳ ଭୟାନକ ଭାବେ ହ୍ରାସ ପାଇ ଚାଲିଛି। ଚାଷୀଙ୍କ ପାଇଁ ଜଳସେଚନ ସମସ୍ୟା ଓ ପିଇବା ପାଣିର ସମସ୍ୟା ଉତ୍କଟ ହୋଇ ଚାଲିଛି। ତଥାପି ସରକାରଙ୍କ ଚେତା ଫେରୁନି କେବଳ ରାଜନୈତିକ ଫାଇଦା ପାଇଁ ବେଳେ ବେଳେ ମହାନଦୀ ପ୍ରସଙ୍ଗ ଉଠାଇ ତୁନି ପଡୁଛନ୍ତି। ଏହା କେବଳ ବିଜେଡ଼ି ଓ ବିଜେପି ମଧ୍ୟରେ ଥିବା ସୁନ୍ଦର ମଧୁର ସଂପର୍କ ବ୍ୟତିତ ଆଉ କିଛି ନୁହେଁ। ଉଭୟ ବିଜେଡ଼ି ଓ ବିଜେପି ଓଡ଼ିଶାର ସ୍ୱାର୍ଥ ପରିବର୍ତ୍ତେ ଦଳୀୟ ସ୍ୱାର୍ଥକୁ ପ୍ରାଧାନ୍ୟ ଦେଉଥିବାରୁ ଓଡ଼ିଶାର ଭାଗ୍ୟ ବିଡ଼ମ୍ବିତ ହୋଇ ଚାଲିଛି। ପିସିସି ପ୍ରଚାର କମିଟିର ଅଧ୍ୟକ୍ଷ ବିଜୟ କୁମାର ପଟ୍ଟନାୟକ ଆଜି ସମ୍ମିଳନୀରେ ଭାଷଣ ଦେଇ ଟ୍ରିବୁନାଲଙ୍କ କଚ୍ଛପ ଗତିରେ ଉଦ୍‌ବେଗ ପ୍ରକାଶ କରିଥିଲେ ଓ ତୁରନ୍ତ ରାଜ୍ୟ ସ୍ୱାର୍ଥର ସୁରକ୍ଷା ପାଇଁ ଏକ ମଧ୍ୟବର୍ତୀ କାଳିନ ରିପୋର୍ଟ ପ୍ରଦାନ କରିବାକୁ ଦାବି କରିଥିଲେ। ରାଜ୍ୟ ସରକାରଙ୍କୁ ଚାଷୀଙ୍କ ସ୍ୱାର୍ଥ ନିମନ୍ତେ ତୁରନ୍ତ କେନାଲ ମାନଙ୍କରେ ପାଣି ଛାଡ଼ିବାକୁ ପରାମର୍ଶ ଦେଇଥିଲେ। ଶ୍ରୀ ପଟ୍ଟନାୟକ ଅଭିଯୋଗ ➤ ପୃ-୬

## କେମିତି କଟିବ ଏ ସପ୍ତାହ

**ମେଷ** ସପ୍ତାହର ପ୍ରଥମାର୍ଦ୍ଧ ଅତି ସୁଖମୟ। କଠିନ ପରିଶ୍ରମ କରିବେ। ପାରିବାରିକ ଶାନ୍ତି ପାଇବେ। ଆୟ ବଢ଼ିବ। ସନ୍ତନ ସମ୍ବନ୍ଧୀୟ ଶୁଭ ଖବର ପାଇଷବ। କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ବିଦେଶ ଭ୍ରମଣ ଯୋଗ ରହିଛି। ଗାଡି କ୍ରୟ କରିପାରନ୍ତି।

**ବୃଷ** ପରିବାରରେ ସୁଖ ପାଇଁ ଖର୍ଚ୍ଚ କରିବେ। ବାହାନ କ୍ରୟ କରିପାରନ୍ତି। ଆର୍ଥିକ ସ୍ଥିତି ବଢ଼ିବ। କାର୍ଯ୍ୟ କ୍ଷେତ୍ରରେ ସହଯୋଗ ବଢ଼ିବ। ଛାତ୍ରମାନେ ନୂଆ ମାର୍ଗ ପାଇବେ। ପ୍ରେମୀମାନେ ଆକର୍ଷିତ ହେବେ। ନୂତନ ଜାଗା କ୍ରୟ କରିପାରନ୍ତି।

**ମିଥୁନ** ବ୍ୟବସାୟରେ ନୂଆ ଦିଗ ପାଇବେ। ନୂଆ ଯୋଜନାରେ ବ୍ୟୟ ହେବ। ସମ୍ମାନ ପ୍ରାପ୍ତି ଯୋଗ ଅଛି। ଚାକିରୀ କ୍ଷେତ୍ରରେ ପରିବର୍ତ୍ତନ ଯୋଗ ଅଛି। ପ୍ରତିକାର : ନିଜର ଇଷ୍ଟଙ୍କୁ ଲଡୁ ଭୋଗ କରନ୍ତୁ।

**କର୍କଟ** ମିଶ୍ରିତ ଫଳ ପାଇବେ। ବ୍ୟସ୍ତ ରହିବେ। ଅନ୍ୟର ସହଯୋଗ ପାଇବେ। ମନ ଚଞ୍ଚଳ ରହିବ। ଖର୍ଚ୍ଚ ପାଇଁ ଡରନ୍ତୁ ନାହିଁ। କାରଣ ତାହା ଆପଣଙ୍କୁ ଲାଭ ଦେବ। ପ୍ରତିକାର : ଘରୁ ବାହାରକୁ ଗଲା ବେଳେ ମହୁ ଖାଇ ଯାଆନ୍ତୁ।

**ସିଂହ** ରୋକିଥିବା ଧନ ପ୍ରାପ୍ତି ଯୋଗ ଅଛି। ଯାତ୍ରା ଯୋଗ ଅଛି। ନୂଆ ଲୋକଙ୍କ ସହ ସମ୍ପର୍କ ବଢ଼ିବ। ଧାର୍ମିକ କାର୍ଯ୍ୟରେ ଯୋଗ ଦେବେ। ପ୍ରତିକାର : ପ୍ରତ୍ୟହ ହନୁମାନ ଚାଳିସା ପାଠ କରନ୍ତୁ।

**କନ୍ୟା** ମନ ସ୍ଥିର ରଖନ୍ତୁ। ପ୍ରଗତି ପାଇଁ ସମୟ ଅତ୍ୟନ୍ତ ଅନୁକୂଳ। ଅଳ୍ପ ପରିଶ୍ରମରେ ଅଧିକ ଫଳ ପ୍ରାପ୍ତି ଯୋଗ ଅଛି। ଖର୍ଚ୍ଚରେ ନିୟନ୍ତ୍ରଣ ରଖନ୍ତୁ। ଜୀବନସାଥୀଙ୍କ ସହ ଭଲ ସମୟ କଟିବ। ପ୍ରତିକାର : ବିଷ୍ଣୁ ସହସ୍ର ନାମ ଜପ କରନ୍ତୁ।

**ତୁଳା** ନିଶା ଦ୍ରବ୍ୟରୁ ଦୂରେଇ ରହନ୍ତୁ। ସ୍ୱାସ୍ଥ୍ୟ ଓ ମନ ବିଗିଡିପାରେ। ଧନଲାଭ ଯୋଗ ଅଛି। ପରିବାର ବିବାଦ ହୋଇପାରେ। ଶାନ୍ତି ରହନ୍ତୁ। ଶିକ୍ଷାରେ ପ୍ରତିବନ୍ଧକ ଦୂର ହେବ। ପ୍ରତିକାର : ପ୍ରତିଦିନ ୩୩ଥର ମହାଲକ୍ଷ୍ମୀଙ୍କ ନାମ ଜପନ୍ତୁ।

**ବିଛା** ମନର ଅସ୍ଥିରତା ଦୂର ପାଇଁ ପରିବାର ଓ ବନ୍ଧୁଙ୍କ ସହ କିଛି ସମୟ କାଟନ୍ତୁ। ସୁଷମ ଖାଦ୍ୟ ଖାଆନ୍ତୁ। ନିବେଶ ପାଇଁ ସମୟ ଅନୁକୂଳ। କାର୍ଯ୍ୟ କ୍ଷେତ୍ରରେ ସଫଳତା ମିଳିବ। ପ୍ରତିକାର : ପ୍ରତିଦିନ ଦୁର୍ଗା ଚାଳିଶା ପଢ଼ନ୍ତୁ।

**ଧନୁ** ଖାଦ୍ୟରେ ସନ୍ତୁଳନ ରଖନ୍ତୁ। ଭ୍ରମଣରେ ଯାଇପାରନ୍ତି। ଖର୍ଚ୍ଚରେ ଲଗାମ ଦିଅନ୍ତୁ। କାର୍ଯ୍ୟକ୍ଷେତ୍ରରେ ବୋଝ ବଢ଼ିବ। କିନ୍ତୁ ସଫଳତା ପାଇବେ। ଛାତ୍ରମାନେ ଅଳସୁଆ ହେବେ। ପ୍ରତିକାର : ୧୧ଥର ଓଁ ଦୂର୍ଗାଳୟ ନମଃ ଜପ କରନ୍ତୁ।

**ମକର** ମାନସିକ ଅସ୍ଥିରତା ରହିବ। କାର୍ଯ୍ୟ କ୍ଷେତ୍ରରେ ସମ୍ପର୍କୀୟ ଯାତ୍ରା ଯୋଗ ଅଛି। ନିବେଶରେ ଧନ ଲଗାନ୍ତୁ ନାହିଁ। ନିଜ ଲୋକ ଆପଣଙ୍କୁ ବୁଝିବେ ନାହିଁ। ପ୍ରତିକାର : ୪୪ଥର ଓଁ ନମଃ ଶିବାୟ ଜପ କରନ୍ତୁ।

**କୁମ୍ଭ** ରକ୍ତଚାପ ବଢ଼ିବ। ବାଣୀରେ ଲଗାମ ଦିଅନ୍ତୁ। ପିତାମାତାଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ହେବ। ପରିବାରରେ ଶୁଭ ଖବର ପାଇଷବ। ଦୂରଯାତ୍ରା ଯୋଗ ଅଛି। ଦୂରରେ ରହୁଥିବା ଛାତ୍ରଙ୍କ ପରିବାରରୁ ହଠାତ୍ କିଛି ଖବର ପାଇବେ। ପ୍ରତିକାର : ଭଗବାନ ବିଷ୍ଣୁଙ୍କ ପ୍ରତ୍ୟହ ୨୧ଥର ଜପନ୍ତୁ।

**ମୀନ** ମନ ଅସ୍ଥିର ରହିବ। ନୂଆ ଆର୍ଥିକ ନିଷ୍ପତ୍ତି ନିଅନ୍ତୁ। ପୁରୁଣା ସମ୍ପର୍କ ବଢ଼ିବ। କାର୍ଯ୍ୟକ୍ଷେତ୍ରରେ ଅନୁକୂଳ ସ୍ଥିତି ସୃଷ୍ଟି ହେବ। ଛାତ୍ରମାନେ ଉଚ୍ଚଶିକ୍ଷାର ସୁଯୋଗ ପାଇବେ। ପ୍ରତିକାର : ଶନିବାରରେ ଭଗବାନ ଶନିଙ୍କ ଆଗରେ ଯଜ୍ଞ କରନ୍ତୁ।

ଅନ୍ନପୂର୍ଣ୍ଣା ଖୁଣ୍ଟିଆ
ଜ୍ୟୋତିର୍ବିଦ୍
ଭୁବନେଶ୍ୱର

# ଶପଥ ନେଲେ ସୁପ୍ରିମକୋର୍ଟ ୨ ବିଚାରପତି



**ନୂଆଦିଲ୍ଲୀ :** ସୁପ୍ରିମକୋର୍ଟଙ୍କୁ ମିଳିଛନ୍ତି ଆଉ ୨ ବିଚାରପତି। ଶୁକ୍ରବାର ଜଷ୍ଟିସ ପ୍ରଶାନ୍ତ କୁମାର ମିଶ୍ର ଓ ବରିଷ୍ଠ ଆଇନଜୀବୀ ଭେଙ୍କଟରମଣ ବିଶ୍ୱନାଥନ ସୁପ୍ରିମକୋର୍ଟର ବିଚାରପତି ଭାବେ ଶପଥ ନେଇଛନ୍ତି। ପ୍ରଧାନ ବିଚାରପତି ଜଷ୍ଟିସ ଡିୱାଇ ଚନ୍ଦ୍ରଚୂଡ଼ ଉଭୟଙ୍କୁ ପଦ ଓ ଗୋପନୀୟତାର ଶପଥପାଠ କରାଇଛନ୍ତି। ବିଶ୍ୱନାଥନ ଆଇନଜୀବୀରୁ ସିଧାସଳଖ ବିଚାରପତି ହୋଇଥିବା ବେଳେ ଜଷ୍ଟିସ ପ୍ରଶାନ୍ତ କୁମାର ମିଶ୍ର ଆନ୍ଧ୍ର ପ୍ରଦେଶ ହାଇକୋର୍ଟର ମୁଖ୍ୟ ବିଚାରପତି ଥିଲେ। ଏହି ଦୁଇ ଜଣଙ୍କୁ ମିଶାଇ ସୁପ୍ରିମକୋର୍ଟରେ ବିଚାରପତିଙ୍କ ସଂଖ୍ୟା ୩୪ରେ ପହଞ୍ଚିଛି। ସର୍ବୋଚ୍ଚ ଅଦାଲତରେ ସର୍ବାଧିକ ୩୪ ଜଣ ବିଚାରପତି ରହି ପାରିବେ। ଏବେ ସବୁ ପଦବୀ ପୂରଣ ହୋଇ ସାରିଛି। ମେ' ୧୬ ତାରିଖରେ ପ୍ରଧାନ ବିଚାରପତି ଜଷ୍ଟିସ ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ବସିଥିବା ସୁପ୍ରିମକୋର୍ଟ କଲେଜିୟମ ଜଷ୍ଟିସ ମିଶ୍ର ଓ ବିଶ୍ୱନାଥନଙ୍କ ନାଁ ବିଚାରପତି ପଦ ପାଇଁ ସୁପାରିସ କରିଥିଲେ। ଗୁରୁବାର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏହି ନିଯୁକ୍ତି ଉପରେ ମୋହର ମାରିଥିଲେ। ନୂଆ ଆଇନ ମନ୍ତ୍ରୀ ଅର୍ଜୁନ ରାମ ମେଘୱାଲା ଟ୍ୱିଟ କରି ଏ ସମ୍ପର୍କରେ ସୂଚନା ଦେଇଥିଲେ। ଶୁକ୍ରବାର ଉଭୟ ବିଚାରପତି ଭାବେ ଶପଥ ନେଇଛନ୍ତି। ଆଇନଜୀବୀରୁ ବିଚାରପତି ହୋଇଥିବା ବିଶ୍ୱନାଥନ ଜଷ୍ଟିସ ଜେବି ପାରଡିୱାଲାଙ୍କ ଅବସର ପରେ ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି ହେବେ। ଜଷ୍ଟିସ ପାରଡିୱାଲା ୨୦୩୦ ଅଗଷ୍ଟ ୧୧ରେ ଅବସର ନେବେ। ସେତେବେଳକୁ ବରିଷ୍ଠତା ଦୃଷ୍ଟିରୁ ବିଶ୍ୱନାଥନ ହିଁ ସିଜେଆଇ ହେବେ। ସେ ଏହି ପଦରେ ୨୦୩୧ ମସିହା ମେ' ୨୫ ଯାଏ କାର୍ଯ୍ୟ କରିପାରିବେ। ସେହିପରି ବିଶ୍ୱନାଥନ ୧୦ମ ବ୍ୟକ୍ତି ଭାବେ ଓକିଲରୁ ସିଧାସଳଖ ସୁପ୍ରିମକୋର୍ଟର ବିଚାରପତି ହୋଇଛନ୍ତି। ୫ ଜଣ ବିଚାରପତିଙ୍କୁ ନେଇ ଗଠିତ କଲେଜିୟମ ଦୁଇ ଜଣଙ୍କ ନାଁ ସୁପାରିସ କରିବା ବେଳେ କହିଥିଲେ ଯେ ସୁପ୍ରିମକୋର୍ଟରେ ବିଚାରପତି ପଦବୀ ସଂଖ୍ୟା ୩୪। କିନ୍ତୁ ବର୍ତ୍ତମାନ ସର୍ବୋଚ୍ଚ ଅଦାଲତରେ ୩୨ ଜଣ ବିଚାରପତି ରହିଛନ୍ତି। ୨ ଦିନ ଭିତରେ ଜଷ୍ଟିସ ଦିନେଶ ମାହେଶ୍ୱରୀ ଓ ଜଷ୍ଟିସ ଏମଆର ଶାହ ସୁପ୍ରିମକୋର୍ଟରୁ ଅବସର ନେଇଛନ୍ତି। ସିଜେଆଇଙ୍କ ବ୍ୟତୀତ କଲେଜିୟମରେ ଜଷ୍ଟିସ ସଞ୍ଜୟ କିଶନ କୌଲ, ଜଷ୍ଟିସ କେଏମ ଯୋଶେଫ, ଜଷ୍ଟିସ ଅଜୟ ରସ୍ତୋଗୀ ଓ ଜଷ୍ଟିସ ସଞ୍ଜୀବ ଖାନ୍ନା ରହିଛନ୍ତି।

### ଭାରତକୁ ଖୁବଶୀଘ୍ର ମିଳିବ ଡେଙ୍ଗୁ ଟିକା

# ଆରମ୍ଭ ହେବ ଫେଜ୍-୩ ଟ୍ରାଏଲ



**ନୂଆଦିଲ୍ଲୀ:** ଖୁବଶୀଘ୍ର ଡେଙ୍ଗୁ ବିରୋଧୀ ଟିକା ଭାରତକୁ ମିଳିବ। କାରଣ ଏହାର ତୃତୀୟ ପର୍ଯ୍ୟାୟ ପରୀକ୍ଷଣ ଆରମ୍ଭ ହେବାକୁ ଯାଉଛି। ପୂର୍ବରୁ ୨ ପର୍ଯ୍ୟାୟ ପରୀକ୍ଷଣ ବେଳେ ଏହା ସଫଳତା ହାସଲ କରିଥିଲା। ତେଣୁ ପାନାସିଆ ବାୟୋଟେକ ଏହାର ତୃତୀୟ ପର୍ଯ୍ୟାୟ ଟ୍ରାଏଲ କରିବାକୁ ଯାଉଥିବା ସୂଚନା ମିଳିଛି। ଏହି ଟିକାକୁ ପାନାସିଆ ବାୟୋଟେକ ଓ ଆଇସିଏମଆର ମିଳିତ ଭାବେ ବିକଶିତ କରିଛନ୍ତି। ଦୀର୍ଘ ଦଶନ୍ଧି ହେଲାଣି ଡେଙ୍ଗୁ ରୋଗରେ ଅନେକ ଲୋକ ଆକ୍ରାନ୍ତ ହେଉଛନ୍ତି। ଅନେକଙ୍କ ମୃତ୍ୟୁ ମଧ୍ୟ ହେଉଛି। ଭାରତରେ ପ୍ରତିବର୍ଷ ପ୍ରାୟ ୩ ଲକ୍ଷ ଲୋକ ଡେଙ୍ଗୁ ଭୂତାଣୁ ଦ୍ୱାରା ସଂକ୍ରମିତ ହେଉଛନ୍ତି। ହେଲେ ଖୁବଶୀଘ୍ର ସାଧାରଣ ଲୋକମାନେ ଡେଙ୍ଗୁ ଟିକା ପାଇପାରିବେ। ପାନାସିଆ ବାୟୋଟେକ ସେପ୍ଟେମ୍ବର କିମ୍ବା ଅଗଷ୍ଟରେ ଏହି ଟିକା ତୃତୀୟ ପର୍ଯ୍ୟାୟ ପରୀକ୍ଷା ଆରମ୍ଭ କରିବ। ପୂର୍ବରୁ ହୋଇଥିବା ଦୁଇଟି ପର୍ଯ୍ୟାୟ ପରୀକ୍ଷଣ ଲାଭ ଦେଇଥିବାରୁ ତୃତୀୟ ଫେଜ ଟ୍ରାଏଲ ଆରମ୍ଭ ହେବ ବୋଲି ଆଇସିଏମଆର ପକ୍ଷରୁ କୁହାଯାଇଛି। ଏହି ପର୍ଯ୍ୟାୟ ଟ୍ରାଏଲଟି ଦେଶର ୨୦ଟି ସ୍ଥାନରେ କରାଯିବ। ଏଥିରେ ୧୧ ହଜାର ଲୋକଙ୍କୁ ସାମିଲ କରାଯିବ। ପରୀକ୍ଷଣ ବେଳେ ଲୋକଙ୍କୁ ପ୍ଲେସେବୋ କିମ୍ବା ଟିକା ଦିଆଯିବ। ହେଲେ କିଏ ପ୍ଲେସେବୋ ନେଇଛନ୍ତି ଓ କିଏ ଟିକା, ସେସମ୍ପର୍କରେ ପରୀକ୍ଷଣ ସାମିଲ ହେଉଥିବା ଲୋକ କିମ୍ବା ଇନଭେଷ୍ଟିଗେଟର କିଛି ବି ଜାଣିବେ ନାହିଁ। ଏବେ ସୁଦ୍ଧା ସଂପୂର୍ଣ୍ଣ ଭାବେ ଟ୍ରାଏଲ ଆରମ୍ଭ ହୋଇନାହିଁ। ସବୁ କିଛି ପ୍ରସ୍ତୁତ କରିବା ପାଇଁ କମ୍ପାନୀକୁ ୩ ମାସ ସମୟ ଲାଗିବ। ତେଣୁ ଏହା ପରେ ପରୀକ୍ଷଣ ଆରମ୍ଭ ହେବ ବୋଲି ଅଧିକାରୀ ଜଣଙ୍କ କହିଛନ୍ତି।

# ଜାଲିକାଟୁ ଖେଳକୁ ସୁପ୍ରିମକୋର୍ଟଙ୍କ ଗ୍ରୀନ୍ ସିଗ୍ନାଲ

**ନୂଆଦିଲ୍ଲୀ :** ତାମିଲନାଡୁର ପାରମ୍ପରିକ ଜାଲିକାଟୁ ଖେଳକୁ ମିଳିଛି ସୁପ୍ରିମକୋର୍ଟଙ୍କ ସବୁଜ ସଙ୍କେତ। ଏନେଇ ତାମିଲନାଡୁ ସରକାରଙ୍କ ଆଇନକୁ କାଏମ ରଖିଛନ୍ତି ସୁପ୍ରିମକୋର୍ଟ। ଜାଲିକାଟୁ ଖେଳ ସଂକ୍ରାନ୍ତ ଆଇନର ସାମ୍ବିଧାନିକ ବୈଧତାକୁ ଚ୍ୟାଲେଞ୍ଜ କରି ଦାୟର ସବୁ ପିଟିସନକୁ ସୁପ୍ରିମକୋର୍ଟ ଖାରଜ କରିଛନ୍ତି। ଜାଲିକାଟୁ ଖେଳରେ ପଶୁମାନଙ୍କ ପ୍ରତି ନିଷ୍ଠୁର ଆଚରଣ କରାଯାଉଥିବା ଦର୍ଶାଇ ଏହାକୁ ବ୍ୟାନ୍ କରିବାକୁ ଦାବି ହୋଇଥିଲା। ଜାଲିକାଟୁ ଖେଳ ରାଜ୍ୟର ସାଂସ୍କୃତିକ ଐତିହ୍ୟର ଏକ ଅଂଶବିଶେଷ ବୋଲି ସୁପ୍ରିମକୋର୍ଟରେ ଯୁକ୍ତି କରିଥିଲେ ତାମିଲନାଡୁ ସରକାର। ଏହି ଆଇନକୁ ବଜାୟ ରଖିବା ପାଇଁ ରାୟ ପ୍ରକାଶ କଲାବେଳେ ସୁପ୍ରିମକୋର୍ଟ କହିଛନ୍ତି ଯେ ଜାଲିକାଟୁ ଖେଳ ପରମ୍ପରା ବହୁ ଶତାବ୍ଦୀ ଧରି ଚାଲିଆସୁଛି। ଏନେଇ ଆଇନ ରାଷ୍ଟ୍ରପତିଙ୍କ ଅନୁମୋଦନ ଲାଭ କରିଛି। ତେଣୁ ଏବେ ଏଥିରେ ହସ୍ତକ୍ଷେପ କରିବା ଠିକ୍ ହେବନି। ତାମିଲନାଡୁ ସରକାରଙ୍କ ଆଇନରେ କୌଣସି ତ୍ରୁଟି ନାହିଁ ଏବଂ ଏହା ସମ୍ପୂର୍ଣ୍ଣ ବୈଧ। ଜାଲିକାଟୁ ଖେଳ ସାଂସ୍କୃତିକ ଐତିହ୍ୟର ଅଂଶବିଶେଷ କି ନାହିଁ ତାହା ସ୍ଥିର କରିବାକୁ ବ୍ୟବସ୍ଥାପିକା ହିଁ ଯୋଗ୍ୟ ସଂସ୍ଥା ବୋଲି ସୁପ୍ରିମକୋର୍ଟ କହିଛନ୍ତି। ଜାଲିକାଟୁ ଖେଳରେ ଷଣ୍ଢମାନଙ୍କ ମଧ୍ୟରେ ଲଢ଼େଇ କରାଯାଏ ଓ ଏହି ଖେଳର ରାଜ୍ୟରେ ବହୁତ ଲୋକପ୍ରିୟତା ଅଛି। କେବଳ ତାମିଲନାଡୁ ନୁହେଁ, ଅଦାଲତ ମହାରାଷ୍ଟ୍ର ଏବଂ କର୍ଣ୍ଣାଟକରେ ମଧ୍ୟ ହେବାକୁ ଥିବା ଏହି ଭଳି ଖେଳ ଉପରେ ରୋକ ଲଗାଇବାକୁ ମନା କରି ଦେଇଛନ୍ତି। ତେବେ ଏହି ମାମଲାର ଶୁଣାଣି କରି ଜଷ୍ଟିସ୍ ଅନିରୁଦ୍ଧ ବୋଷ କହିଛନ୍ତି, 'ତାମିଲନାଡୁରେ ଜାଲିକାଟୁକୁ ମାନ୍ୟତା ଦେବା କେବଳ ବିଧାନସଭାରେ ତିଆରି ହୋଇଥିବା ଏକ କାନୁନ ନୁହେଁ। ଏହା କେ ?ଣସି ବି ଭାବେ ସମ୍ବିଧାନର ଉଲ୍ଲଂଘନ କରୁନାହିଁ। ଏହା ହେଉଛି ସଂସ୍କୃତିର କଥା ଓ ଏହି ଖେଳ ତାମିଲନାଡୁ ସଂସ୍କୃତିର ଏକ ଅଂଶ।'

# 'ପ୍ରେମ ବିବାହରେ ଅଧିକ ଛାଡ଼ପତ୍ର'



**ନୂଆଦିଲ୍ଲୀ :** ପ୍ରେମ ବିବାହକୁ ନେଇ ବୁଧବାର ଗୁରୁତ୍ୱପୂର୍ଣ୍ଣ ଟିପ୍ପଣୀ ଦେଇଛନ୍ତି ସୁପ୍ରିମକୋର୍ଟ। ଦେଶରେ ହେଉଥିବା ଅଧିକାଂଶ ଛାଡ଼ପତ୍ରର ପ୍ରମୁଖ କାରଣ ହେଉଛି ପ୍ରେମ ବିବାହ। ବୁଧବାର ଏକ ମାମଲାର ଶୁଣାଣି କରି ଏହା କହିଛନ୍ତି ସୁପ୍ରିମକୋର୍ଟ। ବିଚାରପତି ବି.ଆର୍ ଗଭାଇ ଓ ସଂଜୟ କାରୋଲଙ୍କ ଖଣ୍ଡପୀଠ ରଖିଛନ୍ତି ଏହି ଟିପ୍ପଣୀ। ବୁଧବାର ବୈବାହିକ ବିବାଦ ମାମଲାର ସ୍ଥାନାନ୍ତର ପାଇଁ ହୋଇଥିବା ଆବେଦନର ଶୁଣାଣି ବେଳେ ବିଚାରପତି ବି.ଆର୍ ଗଭାଇ ଓ ସଂଜୟ କାରୋଲଙ୍କ ଖଣ୍ଡପୀଠ ଏଭଳି ମନ୍ତବ୍ୟ ଦେଇଛନ୍ତି। ଶୁଣାଣି ସମୟରେ ଜଣେ ଆବେଦନକାରୀଙ୍କ ଓକିଲ ଦର୍ଶାଇଥିଲେ କି ଏହା ପ୍ରେମ ବିବାହ ଥିଲା। ଏହା ଉପରେ ମନ୍ତବ୍ୟ ଦେଇ ଖଣ୍ଡପୀଠରେ ଅଧ୍ୟକ୍ଷତା କରୁଥିବା ଜଷ୍ଟିସ୍ ବି.ଆର ଗବାଇ କହିଥିଲେ କି ଭାରତରେ ଅଧିକାଂଶ ଛାଡ଼ପତ୍ର ହିଁ ପ୍ରେମ ବିବାହ ପରେ ଆସୁଛି। କୋର୍ଟ ଆବେଦନକାରୀ ଦମ୍ପତିଙ୍କୁ ମଧ୍ୟସ୍ଥତା ଦ୍ୱାରା ବିବାଦ ତୁଟାଇବାକୁ ପରାମର୍ଶ ଦେଇଥିଲେ। କିନ୍ତୁ ଏହା ତାଙ୍କ ସ୍ୱାମୀ ବିରୋଧ କରିଥିଲେ। ମଧ୍ୟସ୍ଥତାକୁ ସ୍ୱାମୀ ବିରୋଧ କରିବା ପରେ କୋର୍ଟ କହିଥିଲେ କି ନିକଟରେ ଦିଆଯାଇଥିବା ଏକ ରାୟ ଅନୁସାରେ ସ୍ୱାମୀଙ୍କ ସହମତି ବିନା କୋର୍ଟ ଛାଡ଼ପତ୍ର ନିଷ୍ପତ୍ତି ଶୁଣାଇପାରିବେ। ତେବେ ଯେଉଁ କ୍ଷେତ୍ରରେ ଆପୋସ ଆଲୋଚନାର ସମସ୍ତ ବାଟ ବନ୍ଦ ହୋଇଯାଇଥିବା ଏବଂ ସ୍ୱାମୀ ଓ ସ୍ତ୍ରୀଙ୍କ ମଧ୍ୟରେ ସମାଧାନ ଆଉ ସମ୍ଭବ ନୁହେଁ ବୋଲି ସ୍ପଷ୍ଟ ପ୍ରତିୟମାନ ହେଉଥିବା, ସେହିଭଳି କ୍ଷେତ୍ରରେ ସମ୍ବିଧାନର ୧୪୨(୧) ଅଧୀନରେ ନିଜ କ୍ଷମତା ବ୍ୟବହାର କରି ସର୍ବୋଚ୍ଚ ଅଦାଲତ ଛାଡ଼ପତ୍ର ଆଦେଶ ଦେଇପାରିବେ ବୋଲି କହିଥିଲେ ସୁପ୍ରିମକୋର୍ଟ।

# ଚୋରି ମୋବାଇଲ ଖୋଜିଦେବ 'ସଞ୍ଚାର ସାଥୀ'

**ନୂଆଦିଲ୍ଲୀ :** ଆପଣଙ୍କ ଫୋନ୍ ଚୋରି କିମ୍ବା ହଜିଯାଇଛି କି ? ଏଣିକି ମିଳିଯିବ ଚୋରି ହୋଇଥିବା କିମ୍ବା ହଜିଥିବା ମୋବାଇଲ ଫୋନ୍। ଫୋନକୁ ଠାବ କରିବା ସହ ବ୍ଲକ୍ ମଧ୍ୟ କରିହେବ। ଯାହାଫଳରେ ଚୋରି ହୋଇଥିବା ଫୋନକୁ କେହି କରିପାରିବେ ନାହିଁ ବ୍ୟବହାର। ମୋବାଇଲ ଚୋରି ଅଭିଯୋଗ ପାଇଁ ଉନ୍ମୋଚନ ହୋଇଛି ସଂଚାର ସାଥୀ ନାମକ ପୋର୍ଟାଲ। ମଙ୍ଗଳବାର କେନ୍ଦ୍ର ଟେଲିକମ୍ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏହି ପୋର୍ଟାଲକୁ ଉନ୍ମୋଚନ କରିଛନ୍ତି। ଏହି ପୋର୍ଟାଲରେ ମୋବାଇଲ ଚୋରିର ଅଭିଯୋଗ ଏବଂ ସେହି ଅଭିଯୋଗ ଉପରେ କ'ଣ ପଦକ୍ଷେପ ଗ୍ରହଣ କରାଯାଉଛି ତାହାର ସ୍ଥିତି ଜାଣିହେବ। ଏହି ପୋର୍ଟାଲରେ ଫୋନ୍ ଚୋରି ଅଭିଯୋଗ ଆସିବା ପରେ ଅଭିଯୋଗକର୍ତ୍ତାଙ୍କ ପରିଚୟ ଯାଞ୍ଚ କରାଯିବ। ଏହା ପରେ ଟେଲିକମ୍ ଅପରେଟର ଓ ଆଇନ ପ୍ରଣୟନକାରୀ ସଂସ୍ଥାଙ୍କ ମିଳିତ ଉଦ୍ୟମରେ ଫୋନକୁ ଠାବ କରି ବ୍ଲକ୍ କରିପାରିବେ। ସି-ଡଟ୍ ଦ୍ୱାରା ପ୍ରସ୍ତୁତ ଏହି ବ୍ୟବସ୍ଥାକୁ ସର୍ବଭାରତୀୟ ସ୍ତରରେ ଲାଗୁ କରାଯାଇଛି।




ଏହି ପୋର୍ଟାଲ ମୋବାଇଲ ଚୋରାଚାଲାଣ ଯାଞ୍ଚ ମଧ୍ୟ କରିବ। ଯଦି କେହି ଫୋନ୍ ଚୋରି କରି ତା'ର ଆଇଏମ୍ଇଆଇ ନମ୍ବର ବଦଳାଇ ଦିଅନ୍ତି ତଥାପି ସେହି ଫୋନକୁ ଠାବ କରିହେବ। ଖାଲି ସେତିକି ନୁହେଁ, ଆପଣଙ୍କ ନାଁରେ କେତେ ସଂଖ୍ୟକ ସିମ୍ ରହିଛି, ସେ ସମ୍ପର୍କିତ ତଥ୍ୟ ବି ପାଇପାରିବେ ଏହି ପୋର୍ଟାଲରୁ। ଏମିତିକି ନିଜ ନାଁରେ ଥିବା ଅଣବ୍ୟବହୃତ ସିମ୍ ଓ ଜାଲ୍ ସିମକୁ ବ୍ଲକ୍ ବି କରିପାରିବେ। ଫେକ୍ ସିମ୍ ଜରିଆରେ ହେଉଥିବା ସାଇବର ଅପରାଧ ରୋକିବା ଦିଗରେ ଏହା ବଡ଼ ମାଇଲଖୁଣ୍ଟ ହେବ। ଏଥିରେ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସକୁ ବ୍ୟବହାର କରି ଜଣେ ବ୍ୟକ୍ତି କେତେ ସଂଖ୍ୟକ ସଂଯୋଗ ନେଇଛି ତାହା ମଧ୍ୟ ଚିହ୍ନଟ କରାଯାଇପାରୁଛି।

### ସତର୍କ କରାଇଲା ଜାତିସଂଘ

# ୧.୫ ଡିଗ୍ରୀ ସେଲସିୟସ ବଢ଼ିବ ବିଶ୍ୱ ତାପମାତ୍ରା



**ନୂଆଦିଲ୍ଲୀ :** ଆସନ୍ତା ୫ବର୍ଷ ସାରା ବିଶ୍ୱବାସୀଙ୍କୁ ଘାଣ୍ଟିବ ତାପମାତ୍ରା। ବିଶ୍ୱ ତାପାୟନ ୧.୫ ଡିଗ୍ରୀ ସେଲସିୟସ ବଢିବ ବୋଲି ସତର୍କ କରାଇଛି ଜାତିସଂଘ। କେବଳ ଏତିକି ନୁହେଁ ଏହି ପାଞ୍ଚ ବର୍ଷ ମଧ୍ୟରୁ ଗୋଟିଏ ବର୍ଷ ସର୍ବାଧିକ ତାପମାତ୍ରାର ଶିକାର ହେବ ବୋଲି ରିପୋର୍ଟରେ କୁହାଯାଇଛି। ବିଶ୍ୱ ଜଳବାୟୁ ସଂଗଠନ ପକ୍ଷରୁ କୁହାଯାଇଛି- ଆସନ୍ତା ୫ ବର୍ଷରେ ରେକର୍ଡ ତାପମାତ୍ରା ବୃଦ୍ଧି ଆଶଙ୍କା ୯୮ ପ୍ରତିଶତ ଥିବାବେଳେ ଏହି ୫ ବର୍ଷରୁ କୌଣସି ଗୋଟିଏ ବର୍ଷର ତାପମାତ୍ରା ୧.୫ ଡିଗ୍ରୀ ସେଲସିୟସ ବୃଦ୍ଧି ପାଇବା ଆଶଙ୍କା ୬୬ ପ୍ରତିଶତ ରହିଛି। ୨୦୧୫ ପରଠାରୁ ତାପମାତ୍ରା ବୃଦ୍ଧି ଘଟୁଥିବା କୁହାଯାଉଛି। ଗତ ଊନବିଂଶ ଶତାବ୍ଦୀଠାରୁ ବିଭିନ୍ନ ମନୁଷ୍ୟକୃତ କାରଣରୁ ବିଶ୍ୱ ତାପମାତ୍ରା ୧ ଡିଗ୍ରୀ ବୃଦ୍ଧି ପାଇଛି। ୧୮୫୦ରୁ ୧୯୦୦ ମଧ୍ୟରେ ହାରାହାରି ତାପମାତ୍ରାଠାରୁ ୨୦୨୨ରେ ୧.୧୫ ଡିଗ୍ରୀ ସେଲସିୟସ ବୃଦ୍ଧି ପରିଲକ୍ଷିତ ହୋଇଥିଲା। ବର୍ତ୍ତମାନ ପ୍ରତି ଦଶନ୍ଧିରେ ତାପମାତ୍ରା ୦.୨ ଡିଗ୍ରୀ ସେଲସିୟମ ବଢୁଛି। ଗତ ୭ ବର୍ଷ ଧରି ଗ୍ରୀନହାଉସ ପ୍ରଭାବ ଜୋରଦାର ପଡିବାରେ ଲାଗିଛି। ଜୁନ ଓ ଜୁଲାଇରେ ଏଲ ନିନୋ ପ୍ରଭାବ ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ପଡିବା ଆଶଙ୍କା ରହିଛି। ବିଶେଷ କରି ୨୦୨୪ରେ ଏଲ ନିନୋର ପ୍ରଭାବ ସର୍ବାଧିକ ହେବ ବୋଲି କୁହାଯାଇଛି।

# ୨୮ରେ ସଂସଦର ନୂଆ ବିଲ୍ଡିଂ ଉଦ୍‌ଘାଟନ କରିବେ ମୋଦି



**ନୂଆଦିଲ୍ଲୀ:** ଆସନ୍ତା ୨୮ ତାରିଖରେ ଉଦଘାଟିତ ହେବ ସଂସଦର ନୂଆ ବିଲ୍ଡିଂ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନୂଆ ଢାଞ୍ଚାରେ ତିଆରି ହୋଇଥିବା ବିଲ୍ଡିଂକୁ ଉଦଘାଟନ କରିବେ। ୪ ମହଲା ବିଶିଷ୍ଟ ନୂଆ ବିଲଡିଂକୁ ଅତ୍ୟନ୍ତ ଭବ୍ୟ କରିବା ପାଇଁ ୧୨ଶହ କୋଟି ଟଙ୍କା ଖର୍ଚ୍ଚ କରାଯାଇଛି। ଏହା ମଧ୍ୟରେ ୧୨୨୪ ଜଣ ସାଂସଦ ବସିବା ପାଇଁ ବ୍ୟବସ୍ଥା କରାଯାଇଛି। ଏହା ମଧ୍ୟରେ ଭାରତର ଗଣତାନ୍ତ୍ରିକ ମୂଲ୍ୟବୋଧକୁ ପ୍ରଦର୍ଶନ କରିବା ପାଇଁ ଗୋଟିଏ ବିରାଟ ସମ୍ବିଧାନ ହଲ ତିଆରି କରାଯାଇଛି। ଖାଇବା ଠାରୁ ଆରମ୍ଭ କରି ଅନ୍ୟାନ୍ୟ ସୁବିଧାସୁଯୋଗ ଏଠାରେ ରହିଛି। ଲୋକସଭା ବାଚସ୍ପତି ଓମ ବିର୍ଲା ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଭେଟିଥିଲେ। ଏହି ସମୟରେ ସେ ତାଙ୍କୁ ସଂସଦର ନୂଆ ବିଲଡିଂକୁ ଉଦଘାଟନ କରିବାକୁ ନିମନ୍ତ୍ରଣ କରିଛନ୍ତି। ଭାରତ ସାକାର ଗୋଟିଏ ପ୍ରେସ ବିବୃତିରେ କହିଛନ୍ତି ଯେ ସଂସଦର ନୂଆ ବିଲ୍ଡିଂ ଆତ୍ମନିର୍ଭର ଭାରତର ଆତ୍ମା। ଏହାକୁ ପ୍ରଧାନମନ୍ତ୍ରୀ ମୋଦି ଆସନ୍ତା ମେ' ୨୮ ତାରିଖରେ ଲୋକାର୍ପଣ କରିବେ। ଏହାର ନିର୍ମାଣ କାମ ଏବେ ଶେଷ ହୋଇ ସାରିଛି। ଟାଟା ପ୍ରୋଜେକ୍ଟ ଲିଃ ପକ୍ଷରୁ ନିର୍ମାଣ କରାଯାଇଥିବା ଏହି ବିଲ୍ଡିଂକୁ ମୋଦି ସରକାରଙ୍କ ୯ ବର୍ଷ ଶାସନ ପୂର୍ତ୍ତି ଅବସରରେ ଉଦଘାଟିତ କରାଯିବ ବୋଲି ପୂର୍ବରୁ କୁହାଯାଇଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୨୦୧୪ ମସିହା ମେ' ୨୬ରେ ଶପଥ ଗ୍ରହଣ କରିଥିଲେ। ତେଣୁ ୨୦୨୩ ମେ' ୨୬ରେ ତାଙ୍କ ଶାସନକୁ ୯ ବର୍ଷ ପୂରିବ। ଏହାକୁ ଅଧିକ ସ୍ମରଣୀୟ କରିବା ପାଇଁ ନୂଆ ଡିଜାଇନରେ ତିଆରି ହୋଇଥିବା ସଂସଦ ବିଲଡିଂକୁ ପ୍ରଧାନମନ୍ତ୍ରୀ ମୋଦି ଉଦ୍‌ଘାଟନ କରିବେ ବୋଲି ରିପୋର୍ଟ ପ୍ରକାଶ ପାଇଥିଲା। କିନ୍ତୁ ସଂସଦର ନୂଆ ବିଲଡିଂ ୨୮ ତାରିଖରେ ଉଦଘାଟିତ ହେବ ବୋଲି ଆଜି ସ୍ପଷ୍ଟ ହୋଇଛି। ନୂଆ ବିଲଡିଂରେ ଜ୍ଞାନ ଦ୍ୱାର, ଶକ୍ତି ଦ୍ୱାର ଓ କର୍ମ ଦ୍ୱାର ରହିଛି। ସାଂସଦ, ଭିଆଇପି ଓ ପରିଦର୍ଶକଙ୍କ ପ୍ରବେଶ ପାଇଁ ସ୍ୱତନ୍ତ୍ର ଦ୍ୱାରର ବ୍ୟବସ୍ଥା କରାଯାଇଛି। ନୂଆ ସଂସଦ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୨୦୨୦ ମସିହା ଡିସେମ୍ବର ମାସରେ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ୨୦୨୨ ନଭେମ୍ବର ସୁଦ୍ଧା ଏହାର ନିର୍ମାଣ କାମ ଶେଷ ହେବାର ଥିଲା। କିନ୍ତୁ ଧାର୍ଯ୍ୟ ସମୟରେ ଏହା ଶେଷ ହୋଇ ପାରି ନଥିଲା।

### ଆଦାନି-ହିଣ୍ଡେନବର୍ଗ ମାମଲା

# ତଦନ୍ତ ପାଇଁ ଆଉ ୩ ମାସ ନେଲା ସେବି

**ନୂଆଦିଲ୍ଲୀ :** ଆଦାନି ଗ୍ରୁପ୍ ବିରୋଧରେ ଆମେରିକୀୟ କମ୍ପାନୀ ହିଣ୍ଡେବର୍ଗ ଦେଇଥିବା ରିପୋର୍ଟର ତଦନ୍ତ ପାଇଁ ଆଉ ୩ ମାସ ସମୟ ନେଇଛି ସେବି। ତଦନ୍ତ ଶେଷ କରିବାକୁ ସେବି ପକ୍ଷରୁ ୬ ମାସର ସମୟ ମଗାଯାଇଥିଲା। କିନ୍ତୁ ଏହାକୁ ଅଗ୍ରାହ୍ୟ କରି ସୁପ୍ରିମକୋର୍ଟ ୩ ମାସର ସମୟ ଦେଇଛନ୍ତି। ପ୍ରଧାନ ବିଚାରପତି ଜଷ୍ଟିସ ଡିୱାଇ ଚନ୍ଦ୍ରଚୂଡ଼ ସେବିକୁ ଅଗଷ୍ଟ ୧୪ ସୁଦ୍ଧା ଷ୍ଟାଟସ ରିପୋର୍ଟ ଦାଖଲ କରିବାକୁ କହିଛନ୍ତି। ଏହାପରେ ସେବିକୁ ଅଧିକ ସମୟ ଦିଆଯିବ କି ନାହିଁ, ତା'ର ବିଚାର କରାଯିବ। ଆମେ ଆପଣଙ୍କୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ସମୟ ଦେଉନାହୁଁ। ଯଦି କୌଣସି ସମସ୍ୟା ରହିଛି, ତା'ହେଲେ ଜଣାନ୍ତୁ। ଆମେ ଆପଣଙ୍କୁ ସେପ୍ଟେମ୍ବର ୩୦ ଯାଏ ସମୟ ଦେବାକୁ ରାଜି। କିନ୍ତୁ ତଦନ୍ତ କେଉଁ ପର୍ଯ୍ୟାୟରେ ପହଞ୍ଚିଛି, ସେକଥା ଜଣାନ୍ତୁ। ତଦନ୍ତର ଷ୍ଟାଟସ କ'ଣ ସେକଥା କୁହନ୍ତୁ ବୋଲି ସିଜେଆଇ କହିଛନ୍ତି। ଏବେ ମାମଲାର ପରବର୍ତ୍ତୀ ଶୁଣାଣି ଜୁଲାଇ ୧୧ରେ କରାଯିବ। ବିବାଦର ତଦନ୍ତ ପାଇଁ ସୁପ୍ରିମକୋର୍ଟ ଗଠନ କରିଥିବା ପ୍ୟାନେଲ ତା'ର ରିପୋର୍ଟ ଦାଖଲ କରି ସାରିଛି। ଏହା ଉପରେ ଶୁଣାଣି ଜୁଲାଇ ୧୧ରେ କରାଯିବ। ଆଦାନି ଗ୍ରୁପ୍ ସମ୍ପର୍କରେ ହିଣ୍ଡେନବର୍ଗ ରିପୋର୍ଟ ଦେବା ପରେ କିମ୍ବା ପୂର୍ବରୁ କୌଣସି ପ୍ରକାରର ନିୟମ ଉଲ୍ଲଙ୍ଘନ ହୋଇଛି କି ନାହିଁ, ତା'ର ତଦନ୍ତ କରିବାକୁ ମାର୍ଚ୍ଚ ୨ରେ ସେବିକୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ୨ ମାସ ମଧ୍ୟରେ ତଦନ୍ତ ସାରିବାକୁ କୁହାଯାଇଥିଲା। ସେବିର ତଦନ୍ତ ଅବଧି ସରିବାକୁ ୩ ଦିନ ଥିବା ବେଳେ ଏପ୍ରିଲ ୨୯ରେ ସଂସ୍ଥା ଆଉ ୬ ମାସ ସମୟ ମାଗିଥିଲା। ବିଦେଶ ରାଷ୍ଟ୍ର ସହ ଲିଙ୍କ ଥିବାରୁ ତଦନ୍ତ ପ୍ରକ୍ରିୟା ସାରିବାକୁ ସମୟ ଦରକାର ବୋଲି ସେବି କହିଥିଲା। ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ଜଷ୍ଟିସ ଏଏମ ସାପ୍ରେ ତଦନ୍ତର ଆଭ୍ୟନ୍ତରୀଣ ରିପୋର୍ଟ ରେଜିଷ୍ଟ୍ରୀ ନିକଟରେ ଦାଖଲ କରିଛନ୍ତି। ପ୍ୟାନେଲ ନିୟମିତ ଭାବେ ପୂରା ଘଟଣାରେ କୋର୍ଟକୁ ସହାୟତା କରିବେ। ଏଥିସହ ଘଟଣା ସହ ଜଡ଼ିତ ଥିବା ସବୁ ପକ୍ଷ ଓ ଆଇନଜୀବୀଙ୍କୁ ରିପୋର୍ଟ ପ୍ରଦାନ କରାଯିବ ବୋଲି ଆଜି ସିଜେଆଇ କହିଛନ୍ତି। ମେ' ୧୨ ଶୁଣାଣି ବେଳେ ଆବେଦନକାରୀ ଓକିଲ ପ୍ରଶାନ୍ତ ଭୂଷଣ କହିଥିଲେ ଯେ ବର୍ତ୍ତମାନ ସୁଦ୍ଧା ତଦନ୍ତରୁ କ'ଣ ସବୁ ମିଳିଛି ଅତିକମରେ ସେବି ସେସବୁ କହିବା ଦରକାର। ସେବି ହେଉଛି ଇଣ୍ଟରନ୍ୟାଶନାଲ ଅର୍ଗାନାଇଜେସନ ଅଫ ସିକ୍ୟୁରିଟିଜ କମିଶନର ସଦସ୍ୟ। ତେଣୁ ବିଦେଶ ରାଷ୍ଟ୍ରରୁ ତଥ୍ୟ ଆଣିବା ସଂସ୍ଥା ପାଇଁ ଆଦୌ କଷ୍ଟକର ନୁହେଁ ବୋଲି ସେ କହିଥିଲେ। ଏହାର ଜବାବରେ ସିଜେଆଇ କହିଥିଲେ, ତଦନ୍ତରୁ ସେବି କ'ଣ ସବୁ ପାଇଛି, ବର୍ତ୍ତମାନ ସମୟରେ ସେଗୁଡ଼ିକ ସାର୍ବଜନୀନ କରିବାକୁ କହିବା ଆଦୌ ଠିକ ହେବନି। ଅପେକ୍ଷା କରନ୍ତୁ। କିନ୍ତୁ ଅନିର୍ଦ୍ଦିଷ୍ଟ କାଳ ଯାଏ ମଧ୍ୟ ସମୟ ଦିଆଯାଇ ପାରିବ ନାହିଁ। ହେଲେ ଆଜି କୋର୍ଟ ରିପୋର୍ଟକୁ ବିଭିନ୍ନ ପକ୍ଷଙ୍କ ସହ ଶେୟାର କରାଯିବ ବୋଲି କହିଛନ୍ତି।





## ଏନ୍‌ଏଚ୍‌ରେ ଦୁର୍ଘଟଣାଜନିତ ମୃତ୍ୟୁରେ ଲାଗିବ ବ୍ରେକ୍

# ଜୁଲାଇ ୧୫ ସୁଦ୍ଧା ଭୁବନେଶ୍ୱରରୁ କଟକ ମଧ୍ୟରେ ଲାଗିବ ସ୍ପିଡ ଲିମିଟ୍

**ଭୁବନେଶ୍ୱର :** ଜାତୀୟ ରାଜପଥରେ ବଢୁଛି ଦୁର୍ଘଟଣାଜନିତ ମୃତ୍ୟୁ। ଖାସ୍ କରି ୯୦ କିଲୋମିଟର ବିଶିଷ୍ଟ ଖୋର୍ଦ୍ଧା-ଚଣ୍ଡିଖୋଲ ଜାତୀୟ ରାଜପଥରେ ୧୨ ପ୍ରତିଶତ ଦୁର୍ଘଟଣାଜନିତ ମୃତ୍ୟୁ ଘଟୁଥିବା ରିପୋର୍ଟ କରିଛି ପରିବହନ ବିଭାଗ। ଏଣିକି ଏନ୍‌ଏଚ୍‌ରେ ଦୁର୍ଘଟଣାଜନିତ ମୃତ୍ୟୁରେ ଲାଗିବ ବ୍ରେକ୍। ଦୁଇ ମାସ ଭିତରେ ଟ୍ରାଫିକ୍ ବ୍ୟବସ୍ଥା ସୁଧାରି ଖୋର୍ଦ୍ଧା-ଚଣ୍ଡିଖୋଲ ଜାତୀୟ ରାଜପଥରୁ ବେଆଇନ୍ ପାର୍କିଂ ଓ ଜବରଦଖଲ ଉଚ୍ଛେଦ କରିବାକୁ ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କୁ ଡେଡଲାଇନ୍ ଦେଇଛି ପରିବହନ ବିଭାଗ। ଜୁଲାଇ ୧୫ ସୁଦ୍ଧା ଭୁବନେଶ୍ୱରରୁ କଟକ ମଧ୍ୟରେ ସ୍ପିଡ ଲିମିଟ୍ ଓ ସାଇନ୍ ବୋର୍ଡ ଲଗାଯିବ। ଏହି ସମୟ ଭିତରେ ପୋଲିସ ଦ୍ୱାରା ହାଇୱେ ପାଟ୍ରୋଲିଂ ଟିମକୁ ଟ୍ରେନିଂ ଦିଆଯିବ। ଜୁଲାଇ ଶେଷ ଯାଏଁ ଜାତୀୟ ରାଜପଥରେ ଏନଏଚଏଆଇ ହେଲ୍ପଲାଇନ୍ ନମ୍ବର- ୧୦୩୩ର ସଚେତନତା କାର୍ଯ୍ୟକ୍ରମ ଜାରି ରହିବ। ଏଥିସହ ସାଇନେଜ୍ ଲଗାଇବା କାମ ବି ସରିବ। ହେଭି ଡ୍ୟୁଟି କ୍ରେନ୍ ଦ୍ୱାରା ରାସ୍ତାରୁ ବଡ଼ ଗାଡ଼ି ହଟାଯିବ। ଜାତୀୟ ରାଜପଥରେ ବାଲି ବୋଝେଇ ଗାଡ଼ିରୁ ବାଲି ପଡ଼ିଲେ, ନିଆଯିବ ଆକ୍ସନ। ଜୁନ ୧୫ ସୁଦ୍ଧା ଚଣ୍ଡିଖୋଲ ଦର୍ପାଣୀଠାରେ ଟ୍ରକ ଟର୍ମିନାଲ ପାଇଁ ଜାଗା ଚିହ୍ନଟ ହେବ। ଚଣ୍ଡିଖୋଲ ଛକର ବୈଷୟିକ ପ୍ଲାନରେ ସଂଶୋଧନ ଓ ପୁନଃନିର୍ମାଣ କରାଯିବା ସହ ବେଆଇନ୍ ପାର୍କିଂ ରୋକାଯିବ। ସେହିପରି ମଙ୍ଗୁଳି ଛକ ଓ ପାହାଳ ଜାତୀୟ ରାଜପଥ କଡ଼ରୁ ଜବରଦଖଲ ହଟାଯିବ। ଖୋର୍ଦ୍ଧା-ଚଣ୍ଡିଖୋଲ ଷ୍ଟ୍ରେଚରେ କ୍ରାସ୍ ବ୍ୟାରିଅର ଲଗାଇବାକୁ ନିର୍ଦ୍ଦେଶ ଦିଆଯାଇଛି। ତେବେ ଏନଫୋର୍ସମେଣ୍ଟରେ ସାଧାରଣ ନାଗରିକ ବି ସାମିଲ ହେବେ। ଜାତୀୟ ରାଜପଥରୁ ବେଆଇନ୍ ପାର୍କିଂ ଓ ଜବରଦଖଲ ଉଚ୍ଛେଦ ପାଇଁ ଏନଏଚଏଆଇ, ପୋଲିସ୍, ପରିବହନ ବିଭାଗ ଓ ଠିକା ପାଇଥିବା ସଂସ୍ଥାଙ୍କ ମିଳିତ ଦାୟିତ୍ୱ ରହିଛି। ହେଲେ ଜାତୀୟ ରାଜପଥ କର୍ତ୍ତୃପକ୍ଷ ଏକଚାଟିଆ ଭାବେ କାମ କରିବାରୁ ସ୍ଥାୟୀ ସମାଧାନ ବାଟ ଫିଟୁ ନଥିବା ଅନୁଭବ କରିଛି ସଡ଼କ ସୁରକ୍ଷା କମିଟି।

# ବିଦେଶରୁ ପୁରୀକୁ ଉଡ଼ିବ ବିମାନ

**ପୁରୀ :** ବିଦେଶରୁ ପୁରୀକୁ ଉଡ଼ିବ ବିମାନ। ଜଗା ଦର୍ଶନ ପାଇଁ ସାରା ବିଶ୍ୱରୁ ଆସିବେ ଶ୍ରଦ୍ଧାଳୁ। ପର୍ଯ୍ୟଟନକୁ ମିଳିବ ବୁଷ୍ଟ। ସାକାର ହେବ ପୁରୀକୁ ଐତିହ୍ୟ ନଗରୀ କରିବା ନେଇ ମୁଖ୍ୟମନ୍ତ୍ରୀଙ୍କ ପରିକଳ୍ପନା। ପ୍ରସ୍ତାବିତ ଶ୍ରୀଜଗନ୍ନାଥ ଅନ୍ତର୍ଜାତୀୟ ବିମାନବନ୍ଦର ପାଇଁ ପ୍ରି-ଫିଜିବିଲିଟି ରିପୋର୍ଟ ପ୍ରଦାନ ସହ ସରିଛି ଅବଷ୍ଟାକ୍ସନ ସର୍ଭେ। ବିମାନବନ୍ଦର ନେଇ ୧୧୪୨ ଏକର ଜମି ଚିହ୍ନଟ ହୋଇଛି। ଏହା ମଧ୍ୟରୁ ୨୨୧ ଏକର ଜମି ଅଧିଗ୍ରହଣ ନେଇ ଜଣଶୁଣାଣି କରାଯିବ। ପୁରୀ ସିପସରୁବାଲି ମୌଜାର ୧୫୩ ଏକର ଓ ଷଣ୍ଢପୁର ମୌଜାର ୧୬୮ ଏକର ଜମି ନେଇ ପ୍ରଶାସନ ପକ୍ଷରୁ ଆଗାମୀ ୩୦ ଓ ୩୧ ତାରିଖରେ ଜନଶୁଣାଣି କରାଯିବ। ବିମାନବନ୍ଦର ନିର୍ମାଣକୁ ସବୁ ମହଲରୁ ସ୍ୱାଗତ କରାଯାଇଥିବା ବେଳେ ଏହାର ପାଚେରୀ ନିର୍ମାଣ କାର୍ଯ୍ୟ ଶେଷ ହୋଇଛି। ବିମାନବନ୍ଦର ହେଲେ ପୁରୀକୁ ସୁବିଧାରେ ଆସିପାରିବେ ପର୍ଯ୍ୟଟକ। ଫଳରେ ପର୍ଯ୍ୟଟନ କ୍ଷେତ୍ରକୁ ପ୍ରୋତ୍ସାହନ ମିଳିବ। ବିଶ୍ୱ ମାନଚିତ୍ରରେ ପୁରୀ ଏକ ବିକଶିତ ସହରର ମାନ୍ୟତା ପାଇବା ସହ ଗମନାଗମନ କ୍ଷେତ୍ରରେ ମାଇଲଖୁଣ୍ଟ ସ୍ଥାପିତ ହେବ। ରାଜ୍ୟ ସରକାରଙ୍କ ଏହି ପଦକ୍ଷେପ ବିଶ୍ୱ ସହ ଶ୍ରୀକ୍ଷେତ୍ରକୁ ଯୋଡିବ। ଐତିହ୍ୟ, ପର୍ଯ୍ୟଟନର ବିକାଶ ଓ ଆର୍ଥିକ ଅଭିବୃଦ୍ଧି ହୋଇପାରିବ। ପୁରୀରେ ପ୍ରସ୍ତାବିତ ଆନ୍ତର୍ଜାତିକ ବିମାନବନ୍ଦର ପାଇଁ ପ୍ରଶାସନ ପକ୍ଷରୁ ତ୍ୱରିତ ପଦକ୍ଷେପ ଗ୍ରହଣ କରାଯାଉଛି। ନିକଟରେ ଦିଲ୍ଲୀ ଗସ୍ତ କରି ପୁରୀ ଅନ୍ତର୍ଜାତୀୟ ବିମାନବନ୍ଦର କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ପ୍ରଧାନମନ୍ତ୍ରୀଙ୍କ ନିକଟରେ ଦାବି କରିଥିଲେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ୨୦୨୨ ସେପ୍ଟେମ୍ବରରୁ ବେସାମରିକ ବିମାନ ଚଳାଚଳ ମନ୍ତ୍ରାଳୟରେ ଶ୍ରୀଜଗନ୍ନାଥ ଆନ୍ତର୍ଜାତିକ ବିମାନ ବନ୍ଦର ପାଇଁ ସାଇଟ୍ କ୍ଲିୟରାନ୍ସ ପ୍ରସ୍ତାବ ଅନୁମୋଦନ ଅପେକ୍ଷାରେ ପଡ଼ିରହିଛି।

## ସ୍ମାର୍ଟ ସିଟି ସ୍ମାର୍ଟ ପାର୍କିଂ ସୁବିଧା ବାଟବଣା

# ପୋତି ହୋଇପଡ଼ିଛି ବହୁ କୋଟିର ସ୍ମାର୍ଟ ମେସିନ୍

**ଭୁବନେଶ୍ୱର:** ଦୁଇ ବର୍ଷ ତଳୁ ବ୍ୟବସ୍ଥା ହେଲାଣି, ସ୍ମାର୍ଟ ସିଟି ଭୁବନେଶ୍ୱର ବାସିନ୍ଦାଙ୍କୁ ସ୍ମାର୍ଟ ପାର୍କିଂ ସୁବିଧା ଯୋଗାଇ ଦେବାକୁ ଦୁଇ ବର୍ଷ ତଳୁ ଇ-ପାର୍କିଂ ବ୍ୟବସ୍ଥାର ଯୋଜନା ହେଲାଣି। ଏଥିପାଇଁ ଜନପଥରେ ବିଭିନ୍ନ ପାର୍କିଂ ପଏଣ୍ଟରେ ଜିପିଏସ୍ ପୋତା ଯାଇଛି। ଏ ବାବଦରେ ଅଢେଇ କୋଟି ଟଙ୍କା ବି ଖର୍ଚ୍ଚ ହୋଇଛି। କିନ୍ତୁ ଏଯାଏଁ ଇ-ପାର୍କିଂ ଆରମ୍ଭ ହୋଇପାରିନାହିଁ। ଏଯାଏଁ ଏହାର ସୁବିଧା ପାଉନାହାନ୍ତି ଜନସାଧାରଣ। ରାଜଧାନୀର ଜନପଥ ରାସ୍ତାରେ ମାଟିତଳେ ପୋତାଯାଇଛି କୋଟି କୋଟି ଟଙ୍କାର ମେସିନ୍, କିନ୍ତୁ ଏପର୍ଯ୍ୟନ୍ତ କାହା କାମରେ ଆସୁନି, କି କେହି ଜାଣି ନାହାନ୍ତି, ସେ ବ୍ୟବସ୍ଥା କଣ? ୨୦୨୧ରେ ଭୁବନେଶ୍ୱର ସ୍ମାର୍ଟ ସିଟି କର୍ତ୍ତୃପକ୍ଷ ଆରମ୍ଭ କରିଥିବା ଇ-ପାର୍କିଂ ବ୍ୟବସ୍ଥା କଥା। ଆଗକୁ ରାଜଧାନୀର ଆହୁରି ଅଧିକ ରାସ୍ତାକଡ଼ ପାର୍କିଂ ଲଟରେ ଇ-ପାର୍କିଂ ବ୍ୟବସ୍ଥା କାର୍ଯ୍ୟକାରୀ ପାଇଁ ଯୋଜନା ହେଉଥିଲେ ବି ପ୍ରକୃତରେ ଏହା କେବେଠୁ ଚାଲୁ ହେବ, ତାକୁ ନେଇ ଉଠିଛି ପ୍ରଶ୍ନ। ବାଣୀବିହାର ଛକରୁ ଶିଶୁଭବନ ଛକ ଯାଏଁ ପ୍ରାୟ ୮୦୦ ପାର୍କିଂ ଲଟରେ ଲାଗିଛି ଏଇଭଳି ହାଇଟେକ୍ ଜିପିଏସ୍। ଭୂମି ତଳେ ଲାଗିଥିବା ଏସବୁ ମେସିନ୍ ପାଇଁ ପ୍ରାୟ ଅଢେଇ କୋଟି ଟଙ୍କା ଖର୍ଚ୍ଚ ହୋଇଛି। ତେବେ ବିଡ଼ମ୍ବନାର ବିଷୟ ଏହା ଯେ ଦୁଇବର୍ଷ ତଳୁ ଏ ବ୍ୟବସ୍ଥା ଆରମ୍ଭ ହୋଇଥିଲେ ବି ଏଯାଏଁ ତାହା କାର୍ଯ୍ୟକାରୀ ହୋଇପାରୁନି କିମ୍ବା ଇ-ପାର୍କିଂ ବ୍ୟବସ୍ଥା କ'ଣ ତାହା ଏଯାଏଁ ଅଧିକାଂଶ ଲୋକେ ଜାଣି ବି ନାହାନ୍ତି। ଇ-ପାର୍କିଂ ବ୍ୟବସ୍ଥା ଦ୍ୱାରା ଜଣେ ଜନପଥର ଯେ କୌଣସି ସ୍ଥାନକୁ ଯିବାକୁ ଚାହିଁବେ, ତା' ପୂର୍ବରୁ ଭୁବନେଶ୍ୱର ଡଟ୍ ମି ମୋବାଇଲ୍ ଆପ୍ଲିକେସନ୍ ଜରିଆରେ ଆଗୁଆ ପାର୍କିଂ ସ୍ଥାନ ବୁକ୍ କରିପାରିବେ। ଫଳରେ ପରେ ସେ ସେହି ନିର୍ଦ୍ଦିଷ୍ଟ ସ୍ଥାନରେ ଗାଡ଼ି ରଖିବାର ସୁବିଧା ପାଇପାରିବେ। ଗାଡ଼ି ରଖିବା ପରେ ପାର୍କିଂ ଲଟରେ ଲାଗିଥିବା ଜିପିଏସ ମେସିନ୍ ଗାଡ଼ିର ତଥ୍ୟ ମୁଖ୍ୟ ସର୍ଭରକୁ ପଠାଇବ। ଫଳରେ ଗାଡ଼ିର ଉପସ୍ଥିତି, ଚୋରି ଏବଂ ଗାଡ଼ି ସମ୍ପର୍କରେ ପୂରା ତଥ୍ୟ ସର୍ଭରରେ ମିଳିପାରିବ। ଦୁଇ ବର୍ଷ ତଳେ ରାଜଧାନୀର କେବଳ ଜନପଥରେ ହିଁ ଏହି ଇ-ପାର୍କିଂ ବ୍ୟବସ୍ଥା କରାଇବାକୁ ପଦକ୍ଷେପ ନେଇଥିଲେ ଭୁବନେଶ୍ୱର ସ୍ମାର୍ଟ ସିଟି ଲିମିଟେଡ୍ କର୍ତ୍ତୃପକ୍ଷ। ତେବେ ଏତେଦିନ ପରେ ଏବ୍ୟବସ୍ଥା ଏଯାଏ କାହିଁକି କାର୍ଯ୍ୟକରୀ ହେଉନି, ତାକୁ ନେଇ ପ୍ରଶ୍ନ ଉଠିଛି। ସେପଟେ ଖୁବ୍‌ଶୀଘ୍ର ସର୍ଭର ଅପଗ୍ରେଡ୍ କରାଯାଇ ଜିପିଏସ୍ ସହ କନେକ୍ଟ କରାଯିବ, ଏବଂ ରାଜଧାନୀର ଅନ୍ୟ ଜାଗାରେ ବି ଏଭଳି ସ୍ମାର୍ଟ ପାର୍କିଂ ବ୍ୟବସ୍ଥା ହେବ ବୋଲି କହିଛନ୍ତି ଭୁବନେଶ୍ୱର ସ୍ମାର୍ଟ ସିଟି ଲିମିଟେଡ୍ ସିଇଓ ବିଜୟ ଅମୃତା କୁଲାଙ୍ଗେ।




## ଓଡ଼ିଶାରେ ଖୋଲିବ ୪୫୦ ନୂଆ ଡାକଘର



**ଭୁବନେଶ୍ୱର:** ଓଡ଼ିଶାରେ ଖୋଲିବ ୪୫୦ ନୂଆ ଡାକଘର। ୨୦୨୪ ମାର୍ଚ୍ଚ ଶେଷ ସୁଦ୍ଧା ଏହିସବୁ ଡାକଘର ଗୁଡିକୁ କାର୍ଯ୍ୟକ୍ଷମ କରିବାକୁ ଲକ୍ଷ୍ୟ ରଖିଛନ୍ତି କେନ୍ଦ୍ର ସରକାର। ବିଶେଷ କରି ଜନସଂଖ୍ୟା ଆଧାରରେ ନୁହେଁ, ବରଂ ଜଣେ ଲୋକ କେମିତି ତା'ର ୫ କିଲୋମିଟର ପରିଧି ଭିତରେ ଡାକ ସେବା ପାଇପାରିବ, ତାକୁ ଆଖି ଆଗରେ ରଖି ଏହି ନିଷ୍ପତ୍ତି ନେଇଛନ୍ତି ସରକାର। ବିଶେଷ କରି ଓଡ଼ିଶାର ଦୁର୍ଗମ ଅଞ୍ଚଳର ଲୋକଙ୍କୁ ଡାକ ସେବା ଯୋଗାଇବା ଲକ୍ଷ୍ୟ ରହିଛି। ଏହି ଡାକଗୁଡିକରେ ସମସ୍ତ ଡାକ ଓ ଅର୍ଥନୈତିକ କାରବାର ପାଇଁ ସୁବିଧା ରହିବ। ଏଥିପାଇଁ ନିଯୁକ୍ତି ପ୍ରକ୍ରିୟା ଆରମ୍ଭ ହୋଇଥିବା ବେଳେ ୨୦୨୪ ମାର୍ଚ୍ଚ ଶେଷ ସୁଦ୍ଧା କାର୍ଯ୍ୟକ୍ଷମ କରିବାକୁ ଲକ୍ଷ୍ୟ ରଖିଛନ୍ତି ସରକାର। ସୂଚନାରୁ ପ୍ରକାଶ, ଓଡ଼ିଶାର ଅନେକ ଦୁର୍ଗମ ଗାଁ ରହିଛି, ଯେଉଁଠି ଡାକ ଘର ନାହିଁ। ସେଠି ଲୋକମାନେ ନାହିଁନଥିବା ଅସୁବିଧାରେ ପଡୁଛନ୍ତି। ସେମାନଙ୍କ ପାଖରେ ଡାକ ସେବା ପହଞ୍ଚାଇବା ପାଇଁ ସରକାର ଏପରି ପଦକ୍ଷେପ ନେଇଥିବା ଆଲୋଚନା ହେଉଛି।

## ବିଏମ୍‌ସି-ଓୟୁଏଟି ମଧ୍ୟରେ ଏମଓୟୁ ସ୍ୱାକ୍ଷରିତ

# ବିଏମ୍‌ସି ପକ୍ଷରୁ ପ୍ରତିଷ୍ଠା ହେବ ବର୍ଜ୍ୟ ପରିଚାଳନା ପ୍ଲାଣ୍ଟ



**ଭୁବନେଶ୍ୱର :** ବିଏମସି ଓ ଓୟୁଏଟି ମଧ୍ୟରେ ଏମଓୟୁ ସ୍ୱାକ୍ଷରିତ। ପ୍ରଥମ ପର୍ଯ୍ୟାୟରେ ୨.୫ ଏକର ଜମି ପାଇଁ ସ୍ୱାକ୍ଷରିତ ହୋଇଛି ଏମଓୟୁ। ପରବର୍ତ୍ତୀ ସମୟରେ ଆବଶ୍ୟକ ସ୍ଥଳେ ଅଧିକ ୨.୫ ଏକର ଜମି ଅକ୍ତିଆର କରିବ ବିଏମ୍‌ସି। ଏହି ଜମିରେ ବିଏମସି ପକ୍ଷରୁ ପ୍ରତିଷ୍ଠା ହେବ ବର୍ଜ୍ୟ ପରିଚାଳନା ପ୍ଲାଣ୍ଟ। ଯାହା ଓୟୁଏଟି ଛାତ୍ରଛାତ୍ରୀଙ୍କ ଗବେଷଣା ସମେତ ବିଏମସିର ବର୍ଜ୍ୟ ପରିଚାଳନା କ୍ଷେତ୍ରରେ ସହାୟକ ହେବ। ଓୟୁଏଟି କ୍ୟାମ୍ପସ ମଧ୍ୟରୁ ବାହାରୁଥିବା ବର୍ଜ୍ୟ ବାହାରକୁ ନପଠାଯାଇ ପ୍ରତିଷ୍ଠା ହେବାକୁ ଥିବା ପ୍ଲାଣ୍ଟରେ ପରିଚାଳନା ହେବ। ବର୍ଜ୍ୟରୁ ଜୈବିକ ସାର ପ୍ରସ୍ତୁତ କରି ଓୟୁଏଟିର ଚାଷ କାର୍ଯ୍ୟରେ ବ୍ୟବହାର କରାଯିବ। ଓୟୁଏଟି ପକ୍ଷରୁ ବିଏମସିକୁ ଜମି ଯୋଗାଇ ଦିଆଯାଇଥିବା ବେଳେ ବିଏମସି ମାଗଣାରେ ବର୍ଜ୍ୟ ସଂଗ୍ରହ ଓ ପରିଚାଳନା ସହ ଖତ ପ୍ରସ୍ତୁତ କରିବ। ଏହା ବ୍ୟତୀତ ଓୟୁଏଟି କ୍ୟାମ୍ପସରେ ରାସ୍ତାଘାଟ, ଡ୍ରେନେଜ, ବିଦ୍ୟୁତିକରଣ ଓ ସୌନ୍ଦର୍ଯ୍ୟକରଣ ଉପରେ ଗୁରୁତ୍ୱ ଦେବ। ଓୟୁଏଟି କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳ ଓ ବିଏମସି କମିଶନର ବିଜୟ ଅମୃତା କୁଲାଙ୍ଗେଙ୍କ ଉପସ୍ଥିତିରେ ଏମଓୟୁ ସ୍ୱାକ୍ଷରିତ ହୋଇଛି। ଏହି ଅବସରରେ ଓୟୁଏଟିର କୁଳସଚିବ ରୁପାମୁଦ୍ରା ମହାନ୍ତି ଓ ଅତିରିକ୍ତ କମିଶନର ଶୁଭେନ୍ଦୁ କୁମାର ସାହୁଙ୍କ ସମେତ ବିଏମସିର ଅନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

# ଅଜଣା ସୂତ୍ରରୁ ବିଜେଡି ପାଇଛି ୨୯୧ କୋଟି ଚାନ୍ଦା



**ଭୁବନେଶ୍ୱର :** ଦେଶରେ ରାଜନୈତିକ ଦଳଗୁଡିକ କେଉଁ ଉତ୍ସରୁ ଟଙ୍କା ପାଆନ୍ତି? କିଏ କେତେ ଚାନ୍ଦା କେଉଁ ଦଳକୁ ଦିଅନ୍ତି ତାକୁ ନେଇ ସର୍ବଦା ଜନସାଧାରଣଙ୍କ ମନରେ ଉତ୍କଣ୍ଠା ରହିଥାଏ। ଏଭଳି ସ୍ଥିତିରେ ଆସୋସିଏସନ୍ ଫର ଡେମୋକ୍ରାଟିକ୍ ରିଫର୍ମସ ବା ଏଡିଆର ପକ୍ଷରୁ ୨୦୨୧-୨୨ ବର୍ଷ ପାଇଁ ଦେଶରେ ଆଞ୍ଚଳିକ ଦଳଗୁଡିକର ପାଣ୍ଠି ଉତ୍ସକୁ ନେଇ ରିପୋର୍ଟ ପ୍ରକାଶ କରାଯାଇଛି। ଏହି ରିପୋର୍ଟରେ ଆଖି ଖୋସି ହେଲା ଭଳି ତଥ୍ୟ ସାମ୍ନାକୁ ଆସିଛି ଯେଉଁଥିରେ ଦେଶର ୨୭ଟି ଆଞ୍ଚଳିକ ଦଳ ଅଜଣା ସୂତ୍ରରୁ ୧୧୬୫ କୋଟି ଟଙ୍କା ଚାନ୍ଦା ଆକାରରେ ପାଇଛନ୍ତି। ଏଥିପାଇଁ ଏଡିଆର ୨୭ଟି ଆଞ୍ଚଳିକ ଦଳ ନିର୍ବାଚନ କମିଶନଙ୍କ ନିକଟରେ ଦାଖଲ କରିଥିବା ଅଡିଟ ରିପୋର୍ଟରୁ ଜଣାଯାଇଛି। ସେଥିରୁ ମାତ୍ର ୧୪୫.୪୨ କୋଟି ଟଙ୍କା ଅର୍ଥାତ୍ ୧୨.୪୭୬ ପ୍ରତିଶତ ଆୟ ଉପରେ ଦାତାଙ୍କ ସମ୍ପର୍କରେ ସୂଚନା ରହିଛି। ସେହି ଆଞ୍ଚଳିକ ଦଳଗୁଡିକ ମଧ୍ୟରେ ତାମିଲନାଡୁର ଆଞ୍ଚଳିକ ଦଳ ଡିଏମକେ ଶୀର୍ଷରେ ରହିଥିବା ବେଳେ ବିଜେଡି ଦ୍ୱିତୀୟ ସ୍ଥାନରେ ରହିଛି। ଅଜଣା ସୂତ୍ରରୁ ଡିଏମକେ ୩୦୬ କୋଟି ଟଙ୍କା ପାଇଥିବା ବେଳେ ଓଡ଼ିଶାର ଆଞ୍ଚଳିକ ଦଳ ବିଜେଡି ପାଇଛି ୨୯୧ କୋଟି ଟଙ୍କା ଏବଂ ୧୫୩ କୋଟି ସହ ତେଲେଙ୍ଗାନାର ଆଞ୍ଚଳିକ ଦଳ ଟିଆରଏସ୍ ତୃତୀୟରେ ରହିଛି। ଅଜଣା ସୂତ୍ରରୁ ସର୍ବାଧିକ ଚାନ୍ଦା ପାଇଥିବା ଆଞ୍ଚଳିକ ଦଳଗୁଡିକ ମଧ୍ୟରେ ଡିଏମକେ ଶୀର୍ଷରେ ରହିଥିବା ବେଳେ ବିଜେଡି ଦ୍ୱିତୀୟ ସ୍ଥାନରେ ରହିଛି। ଏଡିଆର ରିପୋର୍ଟରୁ ଆହୁରି ଜଣାପଡିଛି ଯେ, ବିଜେଡି ୨୦୨୧-୨୨ ବର୍ଷରେ ମୋଟ ୩୦୭ କୋଟି ଟଙ୍କା ଚାନ୍ଦା ପାଇଛି। ସେଥିରୁ ୯୪.୭୩ ପ୍ରତିଶତ ଅର୍ଥାତ୍ ୧୯୧.୦୯୬ କୋଟି ଟଙ୍କା ଅଜଣା ସୂତ୍ରରୁ ସଂଗ୍ରହ କରିଛି।

# ବିଏସ୍‌କେୱାଇରେ ଉଲ୍ଲେଖନୀୟ ଅଗ୍ରଗତି

## ସାମିଲ ହେଲେ ୬୮୧ ଘରୋଇ ସୁପର ସ୍ପେସାଲିଟି ହସ୍ପିଟାଲ

**ଭୁବନେଶ୍ୱର :** ସାର୍ବଜନୀନ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ନିମନ୍ତେ ଓଡିଶା ସରକାରଙ୍କ ଅନନ୍ୟ ପ୍ରଚେଷ୍ଟା ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା (ବି.ଏସ୍.କେ.ୱାଇ.) ଇତି ମଧ୍ୟରେ ଉଲ୍ଲେଖନୀୟ ଅଗ୍ରଗତି ହାସଲ କରିଛି। ଯୋଜନାର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଡ଼ାକ୍ତର ବୃନ୍ଦା ଡ଼ି.ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆନ୍ତରୀଣ ସମୀକ୍ଷାରୁ ଏହା ଜଣାପଡିଛି। ଯୋଜନାର କାର୍ଯ୍ୟାୟନ ଅଗ୍ରଗତି ସମୀକ୍ଷା କରି ହସ୍ପିଟାଲ ସ୍ତରରେ ରୋଗୀମାନଙ୍କ ସହାୟତା ନିମନ୍ତେ ସର୍ବଦା ଉତ୍ସର୍ଗୀକୃତ ଭାବେ କାର୍ଯ୍ୟ କରିବା ପାଇଁ ଡ଼ଃ ବୃନ୍ଦା ଜିଲ୍ଲା ସଂଯୋଜକ ଓ ସ୍ୱାସ୍ଥ୍ୟ ମିତ୍ର ଆଦି ଛାମୁଆ କର୍ମଚାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଦାୟିତ୍ୱ ଦିଆଯାଇଥିବା ହସ୍ପିଟାଲର ବିଭିନ୍ନ ବିଭାଗ, ନିଦାନ କେନ୍ଦ୍ର, ୱାର୍ଡ, ଆଇ.ସି.ୟୁ. ରୋଗୀ ଓ ସହାୟକମାନଙ୍କ ପାଇଁ ଥିବା ସୁବିଧା କେନ୍ଦ୍ର, ଆନୁସଂଗିକ ସେବା ସୁବିଧା ଆଦି ବିଷୟରେ ସଂପୂର୍ଣ୍ଣ ଅବଗତ ରହି ଲୋକମାନଙ୍କୁ ନିର୍ଭରଯୋଗ୍ୟ ସୂଚନା ଦେବା ସହ ବି.ଏସ୍.କେ.ୱାଇ କାର୍ଡଧାରୀ ରୋଗୀମାନଙ୍କର ପଞ୍ଜୀକରଣ, ଆଡମିଶନ୍, ନିଦାନ ପରୀକ୍ଷା ନିରୀକ୍ଷା ଓ ଚିକିତ୍ସାପରେ ହସ୍ପିଟାଲରୁ ଡ଼ିସଚାର୍ଜ ଆଦି କାମରେ ସିଧାସଳଖ ସହଯୋଗ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ବିଶେଷତଃ ଦୂରଦୁରାନ୍ତ ଗ୍ରାମରୁ ଆସିଥିବା ମହିଳା, ବୃଦ୍ଧ, ଦିବ୍ୟାଙ୍ଗ ଓ ନିଃସହାୟ ବ୍ୟକ୍ତିମାନଙ୍କ ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବା ପାଇଁ ଡ଼ଃ ବୃନ୍ଦା ନିର୍ଦ୍ଦେଶ ଦେଇଥିଲେ। ନୋଡାଲ୍ ଅଫିସରମାନେ ନିୟମିତଭାବେ ତାଲିକାଭୁକ୍ତ ହସ୍ପିଟାଲମାନଙ୍କ ସହ ହ୍ୱାଟସ୍ ଆପ୍ ଗ୍ରୁପ୍ ଓ ଭିଡିଓ କନଫେରନସିଂ ଆଦି ମାଧ୍ୟମରେ ସଂଯୋଜିତ ରହି ବି.ଏସ୍.କେ.ୱାଇ. ର ପ୍ରକ୍ରିୟାଗତ ବୈଷୟିକ ବିଷୟର ଆଶୁ ସମାଧାନ ପାଇଁ ପରାମର୍ଶ ଦେଇଥିଲେ। ପ୍ରାପ୍ତ ସୂଚନାରୁ ଜଣାପଡିଛି, ଚଳିତ ମାସ ସୁଦ୍ଧା ଏହି ଯୋଜନାରେ ୬୮୧ ଟି ଘରୋଇ ସୁପର ସ୍ପେସାଲିଟି ହସ୍ପିଟାଲ ସାମିଲ୍ ହୋଇଛନ୍ତି। ତାଲିକାଭୁକ୍ତ ହସ୍ପିଟାଲ୍ ମଧ୍ୟରୁ ୫୫୫ ଟି ଓଡ଼ିଶାରେ ବିଭିନ୍ନ ଜିଲ୍ଲାରେ ଅବସ୍ଥିତ ଏବଂ ୧୨୬ ଟି ଓଡ଼ିଶା ବାହାର ରାଜ୍ୟମାନଙ୍କରେ ଅବସ୍ଥିତ। ବିଶେଷତଃ ଆସାମ, ଆନ୍ଧ୍ରପ୍ରଦେଶ, ଛତିଶଗଡ଼, ପଶ୍ଚିମ ବଙ୍ଗଳା, ମହାରାଷ୍ଟ୍ର, ଦିଲ୍ଲୀ, ଗୁଜୁରାଟ, ପଂଜାବ, ତାମିଲନାଡୁ, ହରିୟାଣା, ଉତ୍ତର ପ୍ରଦେଶ, ଝାଡଖଣ୍ଡ, ରାଜସ୍ଥାନ, ତେଲେଙ୍ଗାନା ଏବଂ ଉତ୍ତରାଖଣ୍ଡ ଆଦି ରାଜ୍ୟର ପ୍ରସିଦ୍ଧ ସୁପର ସ୍ପେସାଲିଟି ହସ୍ପିଟାଲମାନେ ବି.ଏସ୍.କେ.ୱାଇ. ଯୋଜନାରେ ଯୋଗ ଦେଇଛନ୍ତି। ଶ୍ରୀ ଶଙ୍କର କ୍ୟାନସର୍ ପ୍ରତିଷ୍ଠାନ, ଟାଟା ମେଡ଼ିକାଲ ସେଣ୍ଟର, ଟାଟା ମେମୋରିଆଲ୍ ହସ୍ପିଟାଲ ଗ୍ରୁପ୍, ଫୋର୍ଟିସ୍ ହେଲଥ୍ କେୟାର ଗ୍ରୁପ୍, ଖ୍ରୀଷ୍ଟିୟାନ୍ ମେଡ଼ିକାଲ କଲେଜ ଓ ନାରାୟଣ ହୃଦାଳୟ ପରି ବିଶ୍ୱସ୍ତରୀୟ ହସ୍ପିଟାଲମାନେ ମଧ୍ୟ ବି.ଏସ୍.କେ.ୱାଇ. ଅନ୍ତର୍ଭୁକ୍ତ ହୋଇଛନ୍ତି। ବର୍ତ୍ତମାନ ସୁଦ୍ଧା ରୋଗୀମାନଙ୍କୁ ସହାୟତା ପାଇଁ ତାଲିକାଭୁକ୍ତ ହସ୍ପିଟାଲ ସ୍ତରରେ ୬୬୮ ଛାମୁଆ କର୍ମଚାରୀ ନିୟୋଜିତ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ୬୧୪ ଜଣ ସ୍ୱାସ୍ଥ୍ୟମିତ୍ର ଏବଂ ୬୫ ଜଣ ଜିଲ୍ଲା ସଂଯୋଜକ ଭାବେ କାର୍ଯ୍ୟରତ। ଏହାଛଡା ହସ୍ପିଟାଲରେ ନିର୍ବିଘ୍ନ ରୋଗୀ ସେବାର ପରିଚାଳନା ନିମନ୍ତେ ୧୧୬ ଜଣ ଅଭିଜ୍ଞ ଓ ବରିଷ୍ଠ ସ୍ୱାସ୍ଥ୍ୟ ଅଧିକାରୀ କର୍ତ୍ତବ୍ୟରତ ଅଛନ୍ତି। ସମୁଦାୟ ବ୍ୟବସ୍ଥାକୁ ଏକ ଅତ୍ୟାଧୁନିକ ଅନଲାଇନ ୱେବ୍ ପୋର୍ଟାଲ୍ ମାଧ୍ୟମରେ ପ୍ରକୃତ ସମୟ (ରିୟଲ୍ ଟାଇମ୍) ଭିତ୍ତିରେ ତଦାରଖ ଓ ପରିଚାଳନା କରାଯାଉଛି।




## ଗଞ୍ଜାମ ଜିଲ୍ଲାକୁ ପୁଣି ଜାତୀୟ ପୁରସ୍କାର

# ଜଳଉତ୍ସ ସଂରକ୍ଷଣ ଓ ପରିଚାଳନା କ୍ଷେତ୍ରରେ ଦେଶର ଶ୍ରେଷ୍ଠ ଜିଲ୍ଲା ଘୋଷିତ

**ଭୁବନେଶ୍ୱର:** ଗତ କିଛି ଦିନ ତଳେ ଗଞ୍ଜାମ ଜିଲ୍ଲା ପୁରସ୍କାର ପାଇ ଓଡିଶା ପାଇଁ ଗର୍ବ ଓ ଗୌରବ ଆଣି ଦେଇଥିବା ବେଳେ ପୁଣି ଥରେ ଜାତୀୟସ୍ତରରେ ସମ୍ମାନିତ ହେବ ବୋଲି ଘୋଷଣା ହୋଇଛି। ଭାରତ ସରକାରଙ୍କ ଜଳ ଶକ୍ତି ମନ୍ତ୍ରଣାଳୟ, ନଦୀ ବିକାଶ ଏବଂ ଗଙ୍ଗା ସଂରକ୍ଷଣ ବିଭାଗ ତରଫରୁ ଗଞ୍ଜାମ ଜିଲ୍ଲାକୁ ଚତୁର୍ଥ ଜାତୀୟ ଜଳ ପୁରସ୍କାର ୨୦୨୨ ବିଜେତା ଭାବରେ ଘୋଷଣା ହୋଇଛି। ଏଥି ସକାଶେ ଭାରତ ସରକାରଙ୍କ ଏହି ମନ୍ତ୍ରଣାଳୟ ପକ୍ଷରୁ ଗଞ୍ଜାମ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡାଙ୍କୁ ଏକ ପତ୍ର ମାଧ୍ୟମରେ ଅଭିନନ୍ଦନ ଜଣାଯିବା ସହ ଏହି ପୁରସ୍କାର ସମ୍ପର୍କରେ ଅବଗତ କରାଯାଇଛି। ଗଞ୍ଜାମ ଜିଲ୍ଲା ପ୍ରଥମ ର୍‌ୟାଙ୍କର ଶ୍ରେଷ୍ଠ ଜିଲ୍ଲା କାଟାଗୋରିରେ ଜାତୀୟ ଜଳ ପୁରସ୍କାର-୨୦୨୨ ପାଇଁ ଯୋଗ୍ୟ ବିବେଚିତ ହୋଇଥିବା ସମ୍ପୃକ୍ତ ମନ୍ତ୍ରଣାଳୟର ସଚିବ ପଙ୍କଜ କୁମାର ଏକ ପତ୍ର ମାଧ୍ୟମରେ ଗଞ୍ଜାମ ଜିଲ୍ଲାପାଳ ଶ୍ରୀ ପରିଡାଙ୍କୁ ଅବଗତ କରିଛନ୍ତି। ଜଳସେଚନ ସଂରକ୍ଷଣ ବୃଦ୍ଧି ନିମନ୍ତେ ଜଳସେଚନ ପ୍ରକଳ୍ପ ଗୁଡିକର ଉନ୍ନତିକରଣ ହୋଇଛି। ଜୟମଙ୍ଗଳା ଜଳସେଚନ ଚ୍ୟାନେଲର ନବୀକରଣ, ପୁନରୁଦ୍ଧାର କରି ଋଷିକୂଲ୍ୟା ନଦୀର ବଳକା ବନ୍ୟା ଜଳର ସୁରକ୍ଷା। କୁକୁଡାଖଣ୍ଡିର ମହୁରିକାଳୁଆ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, ପାତ୍ରପୁର ଅଞ୍ଚଳର ପୁରିଆ ସାହି, ଦିଗପହଣ୍ଡିର ନିଜାବାଙ୍କେଶ୍ୱରୀ-କାହ୍ନେୟା ନାଳ, ଜଳଭଣ୍ଡାର ପ୍ରକଳ୍ପ ନିର୍ମାଣ, ଡାଇଭର୍ସନ ୱେୟାର, ଚେକ୍ ଡ୍ୟାମ୍, କାଡା କେନାଲ, କ୍ଷୁଦ୍ର ଜଳ ସେଚନ ପ୍ରକଳ୍ପ ଗୁଡିକର ନବୀକରଣ ଇତ୍ୟାଦି କାର୍ଯ୍ୟରେ ଗଞ୍ଜାମ ଜିଲ୍ଲା ଅଗ୍ରଭାଗରେ ରହିଛି। ସେହିଭଳି ବୃହତ୍ ନାଳ ଏବଂ ନଦୀ ପଠାର ମରାମତି ଓ ପୁନରୁଦ୍ଧାର କାର୍ଯ୍ୟକ୍ରମ ମାଧ୍ୟମରେ ଜଳ ଧାରଣ କ୍ଷମତା ବୃଦ୍ଧି ପାଇଁ ବିଭିନ୍ନ ବୃହତ୍ତ, ଛୋଟ ଓ ମଧ୍ୟମ ନାଳର ମରାମତି କରି ବାହୁଦା, ସାପୁଆ, ଗଣିଆ, ନୁଣ୍ଡା, ଆଗୁଳା, ଖରି, ତପ୍ତପାଣି, ରାଉତରାୟ, କଣ୍ଟେଇକୋଳି, ବାଗି ପ୍ରମୁଖ ନାଳର ସଂଯୋଗୀକରଣ କରାଯାଇଛି। ଏହି କ୍ରମରେ ୧୨୦୦ କିଲୋମିଟର ପର୍ଯ୍ୟନ୍ତ ମଧ୍ୟମ ଧରଣର ନାଳ, ୧୮୪.୭୨ କିଲୋମିଟର ନାଳ ସଂଯୋଗୀକରଣ, ୨୬୮ଗୋଟି ଚେକ୍ ଡ୍ୟାମ୍ ନିର୍ମାଣ କରାଯାଇଛି। ମୃତ୍ତିକା ସଂରକ୍ଷଣ ଏବଂ ଜଳସେଚନ ପରିଚାଳନା କ୍ରମରେ ଜମିକୁ କ୍ଷୟ ଏବଂ ଅବକ୍ଷୟରୁ ରକ୍ଷା କରିବା ଏବଂ ଭୂତଳ ଜଳସ୍ତରକୁ ବୃଦ୍ଧି କରିବା ଦିଗରେ ପଦକ୍ଷେପ ସ୍ୱରୂପ ନଦୀ, କେନାଲ ବନ୍ଧ, ବନ୍ଧ ହୁଡାରେ ବୃକ୍ଷରୋପଣ, ଅନୁଷ୍ଠାନିକ ବୃକ୍ଷରୋପଣ, ଫାର୍ମ ପୋଖରୀ ନିର୍ମାଣ, ଚେକ୍ ଡ୍ୟାମ୍, ଜଳର ଗତି ପରିବର୍ତ୍ତନ, ଜଳ ଅମଳ ସଂରଚନା, ଜଳ ଭୂତଳକୁ ପ୍ରେରଣ କରିବା ନିମିତ୍ତ ସଫେଇ ଟ୍ୟାଙ୍କ ଭୂତଳ ଜଳ ରିଚାର୍ଜ ସଂରଚନା, ଟ୍ରେଞ୍ଚ-କମ-ବଣ୍ଡ ଇତ୍ୟାଦି କାର୍ଯ୍ୟ ପାଇଁ ଗଞ୍ଜାମ ଜିଲ୍ଲା ପ୍ରସଂଶିତ ହୋଇଛି। ସେହିଭଳି ରାସ୍ତା ପାଶ୍ୱର୍ ବୃକ୍ଷରୋପଣ, ଆଡିବନ୍ଧ ବୃକ୍ଷରୋପଣ, ପୋଖରୀ ହୁଡା ବୃକ୍ଷରୋପଣ ଆଦି କାର୍ଯ୍ୟକ୍ରମ ବ୍ୟାପକ ଭାବରେ ଜିଲ୍ଲାର ବ୍ଲକ୍, ଅର୍ବାନ ଲୋକାଲ ବଡି ଏବଂ ଲାଇନ୍ ବିଭାଗ ଦ୍ୱାରା କରାଯାଇଛି। ଜଳ ଯୋଗାଣ, ବର୍ଜ୍ୟ ଜଳର ସଂରକ୍ଷଣ ଏବଂ ଶୁଦ୍ଧିକରଣ କ୍ରମରେ ପୋଖରୀଗୁଡ଼ିକର ନବୀକରଣ କରାଯାଇ ଆଧୁନିକ ପୋଖରୀ, ଅମୃତ ସରୋବର ନିର୍ମାଣ, କେନାଲ ଇତ୍ୟାଦି କାର୍ଯ୍ୟ ହାତକୁ ନେଇ ଶୁଦ୍ଧ ଓ ନିରାପଦ ଜଳ ଯୋଗାଣ ନିମନ୍ତେ ଗ୍ରାମୀଣ ପାଇପ୍ ଜଳ ଯୋଗାଣ ପ୍ରକଳ୍ପ କାର୍ଯ୍ୟ କରାଯାଇଛି। ସେହିଭଳି ବର୍ଜ୍ୟ ଜଳର ପ୍ରକ୍ରିୟାକରଣ ପାଇଁ ସହରାଞ୍ଚଳରେ ଫେକାଲ୍ ସ୍ଲେଜ୍ ଏବଂ ସେପଟେଜ୍ ଟ୍ରିଟମେଣ୍ଟ ପ୍ଲାଣ୍ଟ ନିର୍ମାଣ କରାଯାଇଛି। ଜଳବାୟୁ ସ୍ଥିରତା ୱାଟର ୟୁଜର୍ସ ଆସୋସିଏସନ୍ ଗଠନ ଏବଂ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ମାଧ୍ୟମରେ ଜଳ ପରିଚାଳନା କରାଯାଇଛି। ଗାଁକୁ ଉପକୂଳର କ୍ଷୟକ୍ଷତିରୁ ରକ୍ଷା କରିବା ପାଇଁ ଚିକିଟି ବ୍ଲକ ଅନ୍ତର୍ଗତ ରାମାୟାପଣାଠାରେ ଉପକୂଳ କ୍ଷୟକ୍ଷତି ପ୍ରକଳ୍ପ କାର୍ଯ୍ୟକାରୀ କରାଯାଇଛି। ଏହା ବାଦ୍ ଗଞ୍ଜାମ ଜିଲ୍ଲା ପ୍ରଶାସନର ନିଜସ୍ୱ ପଦକ୍ଷେପ ସ୍ୱରୂପ 'ଜଲ୍ ସମୃଦ୍ଧି ଅଭିଯାନ', 'ପିଲା ଟିଏ ଗଛ ଟିଏ', 'ଜାଲ୍ ସ୍ୱଚ୍ଛତା ଦିବସ', 'ସେଚା ସମୀକ୍ଷା', 'ଜନ ଶୁଣାଣୀ' ଏବଂ 'ମୋ ନିବେଦନ', 'ୱାଟର ବେଲ୍' ଜଳ ଶକ୍ତି ଭଳି ବିଭିନ୍ନ ଅଭିନବ ପଦକ୍ଷେପ ଆରମ୍ଭ କରିଛି। ଏହି ସମସ୍ତ କାର୍ଯ୍ୟରେ ମିଶନ୍ ଶକ୍ତି ମହିଳା ମାନଙ୍କୁ ଅନ୍ତର୍ଭୁକ୍ତ କରାଯାଇଛି। ନିୟମିତ ବ୍ଲକ୍ ଟେକ୍ନୋଲୋଜି ଟିମ୍ (ବିଟିଟି) ବୈଠକ, ଜଳ ଶକ୍ତି କେନ୍ଦ୍ର (ଜେଏସ୍କେ) ଗଠନ, ସଚେତନତା କାର୍ଯ୍ୟକ୍ରମ, ଆଇଇସି କାର୍ଯ୍ୟକଳାପ, କର୍ମଶାଳା ଏବଂ ଜଳ ସଂରକ୍ଷଣ ନିମନ୍ତେ ବିଭିନ୍ନ ମେଳା ଆୟୋଜନ କରି ଜନସାଧାରଣଙ୍କୁ ସଚେତନ କରାଯାଇଛି। ଏହାକୁ ଭିତ୍ତି କରି ଜିଲ୍ଲା ପ୍ରଶାସନ ପକ୍ଷରୁ ଅନଲାଇନ୍ ଆବେଦନ ଦାଖଲ ପରେ ବୈଜ୍ଞାନିକମାନଙ୍କର ଏକ ଟିମ୍ ନିୟୋଜିତ କରାଯାଇଥିଲା। ଗତ ଫେବୃଆରୀରେ ଜଳ ଶକ୍ତି ମନ୍ତ୍ରଣାଳୟ ଦ୍ୱାରା ସରକାର ବିଭିନ୍ନ ବର୍ଗରେ ଜିଲ୍ଲାରେ କରାଯାଇଥିବା କାର୍ଯ୍ୟକୁ ଯାଞ୍ଚ କରିବା ପାଇଁ ଦାଖଲ କରିଥିବା ରିପୋର୍ଟକୁ ଆଧାର କରି ଜଳ ଶକ୍ତି ମନ୍ତ୍ରଣାଳୟ, ଜଳ ସମ୍ପଦ ବିଭାଗ, ନଦୀ ବିକାଶ ଏବଂ ଗଙ୍ଗା ନବୀକରଣ ବିଭାଗ ଦ୍ୱାରା ଗଠିତ ଏକ କମିଟି ପୁଙ୍ଖାନୁପୁଙ୍ଖ ଭାବରେ ତର୍ଜମା କରି ଗଞ୍ଜାମ ଜିଲ୍ଲାକୁ ବିଜେତା ଘୋଷଣା କରିଛି। ଏହି କ୍ରମରେ ଜଳ ସମ୍ପଦ ସଂରକ୍ଷଣ ଏବଂ ପରିଚାଳନା କ୍ଷେତ୍ରରେ ବିଭିନ୍ନ ବର୍ଗ ପାଇଁ ଏବଂ ଗଞ୍ଜାମ ଜିଲ୍ଲାକୁ ଜାତୀୟ ଜଳ ପୁରସ୍କାର, ୨୦୨୨ର 'ଶ୍ରେଷ୍ଠ ଜିଲ୍ଲା' ବର୍ଗରେ 'ପ୍ରଥମ ମାନ୍ୟତା' ପ୍ରଦାନ କରାଯାଇଛି। ଗଞ୍ଜାମ ଜିଲ୍ଲାକୁ ଜାତୀୟ ପଞ୍ଚାୟତ ପୁରସ୍କାର ମିଳିଥିବା ବେଳେ ପୁନର୍ବାର ଜଳ ସଂରକ୍ଷଣ ପୁରସ୍କାର ମିଳିବାକୁ ଯାଉଥିବା ହେତୁ ଜିଲ୍ଲାର ଜନସାଧାରଣ ମୁଖ୍ୟମନ୍ତ୍ରୀ ଏବଂ ଗଞ୍ଜାମ ଜିଲ୍ଲା ପ୍ରଶାସନକୁ ଅଭିନନ୍ଦନ ଜଣାଇଛନ୍ତି।



ସୁଖ ପାଖରେ ଜ୍ଞାନ ନଥାଏ। ଯିଏ ଜ୍ଞାନୀ ସେ ସୁଖ ପଛରେ ଗୋଡ଼ାଏ ନାହିଁ।



EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

ଭୁବନେଶ୍ୱର, ୨୨ - ୨୮ ମଇ, ୨୦୨୩

# ସମାଧାନ ସତ୍ତ୍ୱେ ନୂଆ ବିବାଦ ଆଶଙ୍କା

ସମ୍ପାଦକୀୟ



ତାରକ ମହାନ୍ତି

ନିକଟରେ ଅନୁଷ୍ଠିତ ହୋଇଯାଇଥିବା କର୍ଣ୍ଣାଟକ ନିର୍ବାଚନ ଫଳାଫଳକୁ ନେଇ ଦେଶ ଭିତରେ ଅନେକ ପ୍ରକାର ଚର୍ଚ୍ଚା ହେଉଛି। କେହି କେହି କହୁଛନ୍ତି ରାହୁଲ ଗାନ୍ଧୀଙ୍କ ଭାରତ ଯୋଡୋ ଯାତ୍ରା କଂଗ୍ରେସ ପାଇଁ ବରଦାନ ହେଲା। କିନ୍ତୁ ଭୋଟ ପ୍ରତିଶତ ଦେଖିଲେ ବିଜେପିର ଭୋଟ ହାର ସାମାନ୍ୟ ଅର୍ଥାତ ଅଧ ପ୍ରତିଶତ କମିଛି। ଜେଡିଏସର ଭୋଟ ହାର ଯାହା କମିଛି ତାହା କଂଗ୍ରେସ ଖାତାକୁ ଯାଇଛି। ହେଲେ ଏହାକୁ ବିଜେପିର ଦକ୍ଷିଣ ଭାରତରେ ହାରିବା କୁହାଯାଇପାରିବ କି? ଯେଉଁ ହିଜାବ ବିବାଦ ପାଇଁ ମୁସଲିମ ଭୋଟ କଂଗ୍ରେସ ହାତକୁ ଯାଇଛି ବୋଲି କିଛିଲୋକ କହୁଛନ୍ତି ତାହା ମଧ୍ୟ ଭୁଲ। କାରଣ ସମ୍ପୃକ୍ତ ବିଧାନସଭା ଆସନରେ ବିଜେପି ଜିତିଛି। ଆଞ୍ଚଳିକ କିଛି ସମସ୍ୟାର ସମାଧାନ ଆଶାରେ କର୍ଣ୍ଣାଟକ ଲୋକ କଂଗ୍ରେସକୁ ଅଧିକ ଆସନରେ ଜିତାଇଛନ୍ତି। ହେଲେ ଯେହେତୁ ଏହା ବିଧାନସଭା ନିର୍ବାଚନ, ଲୋକସଭା ନିର୍ବାଚନ ନୁହେଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପ୍ରଚାର ଲୋକଙ୍କ ମନ ଜିତି ନଥାଇପାରେ। ହେଲେ ମୋଦିଙ୍କ ମ୍ୟାଜିକ ସରିଗଲା ବୋଲି କହିହେବନି। କାରଣ ନରେନ୍ଦ୍ର ମୋଦି ଆଉ ଦେଶ ଭିତରେ ସୀମିତ ନାହାନ୍ତି। ସେ ବିଶ୍ୱରେ ଜଣେ ଟାଣୁଆ ନେତା ବୋଲି ବିଶ୍ୱର ବଡ଼ ବଡ଼ ରାଷ୍ଟ୍ର ସ୍ୱୀକାର କରିଛନ୍ତି। ରାହୁଲ ଗାନ୍ଧୀ କଂଗ୍ରେସର ନେତା ବୋଲି କହିହେବ, ହେଲେ ସେ କଣ ମୋଦି ହୋଇପାରିବେ? କଂଗ୍ରେସ ରାଜନୀତି କର୍ଣ୍ଣାଟକ ଜନାଦେଶକୁ ଗୌଣ କରିଦେଇଛି ବୋଲି କଟାକ୍ଷ କରିଥିଲେ କର୍ଣ୍ଣାଟକର କାମଚଳା ମୁଖ୍ୟମନ୍ତ୍ରୀ ବସବରାଜ ବୋମାଇ। କର୍ଣ୍ଣାଟକର ପରବର୍ତ୍ତୀ ମୁଖ୍ୟମନ୍ତ୍ରୀ ବାଛିବାରେ କଂଗ୍ରେସ ବିଳମ୍ବ କରିଥିବା ପରିପ୍ରେକ୍ଷୀରେ ଏଭଳି କହିଥିଲେ ବୋମାଇ। ସେ କହିଛନ୍ତି, କଂଗ୍ରେସ ଲୋକଙ୍କ ଆକାଂକ୍ଷା ଅପେକ୍ଷା ରାଜନୀତିକୁ ଅଧିକ ଗୁରୁତ୍ୱ ଦେଉଛି। କର୍ଣ୍ଣାଟକରେ କଂଗ୍ରେସକୁ ପୂର୍ଣ୍ଣ ସଂଖ୍ୟା ଗରିଷ୍ଠତା ମିଳିଥିବା ସତ୍ତ୍ୱେ କାହାକୁ ମୁଖ୍ୟମନ୍ତ୍ରୀ କରାଯିବ ତାହା ସ୍ଥିର କରିପାରୁନଥିଲେ। ଅନ୍ୟପକ୍ଷେ କର୍ଣ୍ଣାଟକରେ କିଏ ମୁଖ୍ୟମନ୍ତ୍ରୀ ହେବ ସସପେନ୍ସ ଜାରି ରହିଥିଲା। ମୁଖ୍ୟମନ୍ତ୍ରୀ ଦୌଡ଼ରେ ଥିବା ଦୁଇ ପ୍ରତିଦ୍ୱନ୍ଦୀ ତଥା କର୍ଣ୍ଣାଟକର ପୂର୍ବତନ ମୁଖ୍ୟମନ୍ତ୍ରୀ ସିଦ୍ଦରମେୟା ଏବଂ କର୍ଣ୍ଣାଟକ କଂଗ୍ରେସ ସଭାପତି ଡିକେ ଶିବକୁମାର କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡଗେ ଓ ରାହୁଲ ଗାନ୍ଧୀଙ୍କୁ ଭେଟିଥିଲେ। କର୍ଣ୍ଣାଟକ ଅଚଳାବସ୍ଥାର ଅବସାନ ଘଟିଲା। ସୋନିଆ ଗାନ୍ଧୀଙ୍କ କଥା ଶୁଣିଲେ ଡିକେ ଶିବକୁମାର। ଶେଷରେ ଉପମୁଖ୍ୟମନ୍ତ୍ରୀ ପଦ ପାଇଁ ରାଜିହେଲେ। ମିଳିଥିବା ଖବର ଅନୁଯାୟୀ କଂଗ୍ରସର ପୂର୍ବତନ ଅଧକ୍ଷା ସୋନିଆ ଶିବକୁମାର ସହ କଥା ହେବାପରେ ଦଳ କଥା ମାନିଲେ ଶିବକୁମାର। ଅନ୍ୟପକ୍ଷେ ଶିବକୁମାର କହିଛନ୍ତି, ଥରେ ଆମେ ହାଇକମାଣ୍ଡଙ୍କ ଉପରେ ନିଷ୍ପତ୍ତି ଛାଡିଦେବା ପରେ ଆମକୁ ହାଇକମାଣ୍ଡଙ୍କ ନିଷ୍ପତ୍ତି ମାନିବାକୁ ପଡିବ। ଆମ ମାନଙ୍କ ମଧ୍ୟରୁ ଅଧିକାଂଶ କୋର୍ଟରେ ତର୍କ ରଖୁଛେ। କିନ୍ତୁ ପରିଶେଷରେ ବିଚାରପତି ଯେଉଁ ରାୟ ଦେଉଛନ୍ତି ତାହା ଆମେ ଗ୍ରହଣ କରୁଛେ। ତେଣୁ କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ପଦକୁ ନେଇ ଯେଭଳି ଦ୍ୱନ୍ଦ୍ୱ ଉପୁଜିଥିଲା ତାହାର ସମାଧାନ ହୋଇଗଲା। ବରିଷ୍ଠ ନେତା ସିଦ୍ଦରମେୟା କର୍ଣ୍ଣାଟକର ପରବର୍ତ୍ତୀ ମୁଖ୍ୟମନ୍ତ୍ରୀ। ଗୁରୁବାର ସନ୍ଧ୍ୟାରେ ସିଦ୍ଦରମେୟା ବେଙ୍ଗାଲୁରରେ କଂଗ୍ରେସ ବିଧାୟକ ଦଳର ନେତା ନିର୍ବାଚିତ ହେବା ସହ ସରକାର ଗଠନ ପାଇଁ ରାଜ୍ୟପାଳଙ୍କ ନିକଟରେ ଦାବି ଉପସ୍ଥାପନ କରିଥିଲେ। ହେଲେ ଡିକେ ଶିବକୁମାରଙ୍କ ଭାଇ ଡିକେ ସୁରେଶ କହିଛନ୍ତି, ଆମେ ଏହି ନିଷ୍ପତ୍ତିରେ ଖୁସି ନାହୁଁ। କାରଣ ଡିକେ ଶିବକୁମାର ନିଜକୁ ମୁଖ୍ୟମନ୍ତ୍ରୀ ଭାବେ ଦେଖିବାକୁ ଯେଉଁ ସ୍ୱପ୍ନ ଦେଖିଥିଲେ, ତାହା ଅଧୁରା ରହିଗଲା। କର୍ଣ୍ଣାଟକରେ ବିଜେପି ହାରିବା ସତ୍ତ୍ୱେ ନୂଆଦିଲ୍ଲୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଗୃହମନ୍ତ୍ରୀ ଅମିତ ଶାହ ତୁରନ୍ତ ଏକ ବୈଠକ କରିଥିଲେ। ଯେଉଁଠାରେ ସୁପ୍ରିମକୋର୍ଟର ମୁଖ୍ୟ ବିଚାରପତି ଏବଂ ବରିଷ୍ଠ କଂଗ୍ରେସ ନେତା ଅଧୀର ରଞ୍ଜନ ଚୌଧୁରୀ ମଧ୍ୟ ସାମିଲ ଥିଲେ। କର୍ଣ୍ଣାଟକରେ କିଏ ମୁଖ୍ୟମନ୍ତ୍ରୀ ହେବ ଓ ତାହାର ପ୍ରେକ୍ଷାପଟ୍ଟ କଣ ରହିବ ଏହା ମୋଦି ହିଁ ସ୍ଥିର କରିଥିଲେ। କର୍ଣ୍ଣାଟକର ପୂର୍ବ ଡିଜିପିଙ୍କୁ ସିବିଆଇ ନିର୍ଦ୍ଦେଶକ କରାଯିବା ପଛରେ ଏକ ବଡ଼ କାରଣ ରହିଛି। ତାହାହେଲା ଡିକେ ଶିବକୁମାର ଆରୋପ ଲଗାଇଥିଲେ କି କର୍ଣ୍ଣାଟକ ଡିଜିପି ବିଜେପିର କର୍ମୀ ଭାବେ କାର୍ଯ୍ୟ କରୁଛନ୍ତି। ଏଭଳି ଅଭିଯୋଗ ପରେ କେନ୍ଦ୍ର ସରକାର କର୍ଣ୍ଣାଟକ ଡିଜିଙ୍କୁ ସିବିଆଇକୁ ନେଇଆସିଲେ। ହେଲେ ଡିକେ ଶିବକୁମାରଙ୍କୁ କିଭଳି ମୁଖ୍ୟମନ୍ତ୍ରୀ କରାଇଦିଆଯିବନି ତାହା ମୋଦି ସ୍ଥିର କରିଥିଲେ। କାରଣ ଶିବକୁମାର କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ହୋଇଥିଲେ ତାଙ୍କର ଅପରାଧ ପେଡି ଖୋଲାଯାଇଥାନ୍ତା। ଯେକୌଣସି ମୁହୂର୍ତ୍ତରେ ସିବିଆଇ ଓ ଇଡି ତାଙ୍କୁ ନିଜ ଜାଲରେ ପକାଇଥାନ୍ତା। ଯାହାକି କଂଗ୍ରେସ ପାଇଁ ଅଡୁଆ ପରିସ୍ଥିତି ସୃଷ୍ଟି କରିଥାନ୍ତା। ଏଭଳି ଏକ ବାର୍ତ୍ତା ଯାଇଥାନ୍ତା କି କଂଗ୍ରେସ ଜଣେ ଭ୍ରଷ୍ଟ ଲୋକକୁ ମୁଖ୍ୟନ୍ତ୍ରୀ ପଦରେ ବସାଇଛି। ଏହି ଖବର ଯେତେବେଳେ ସୋନିଆ ଓ ରାହୁଲଙ୍କ ନିକଟରେ ପହଁଚିଲା, ସେମାନେ ଶିବକୁମାରଙ୍କୁ ମନାଇବା ବ୍ୟତୀତ ଅନ୍ୟ କିଛି ରାସ୍ତା ନଥିଲା। ତେବେ ୨୦ ତାରିଖ ଦିନ କର୍ଣ୍ଣାଟକରେ ନୂଆ ମୁଖ୍ୟମନ୍ତ୍ରୀ ଓ ଉପମୁଖ୍ୟମନ୍ତ୍ରୀ ଶପଥ ଗ୍ରହଣ କରିଥିଲା ବେଳେ ସେଠାରେ ବିବାଦ ସମ୍ପୂର୍ଣ୍ଣ ଶେଷ ହୋଇନାହିଁ। କାରଣ ଉପମୁଖ୍ୟମନ୍ତ୍ରୀ ପଦ ପାଇଁ ଅନେକ ଦାବିଦାର ଥିଲା ବେଳେ କେବଳ ଶିବକୁମାରଙ୍କୁ ଉପମୁଖ୍ୟମନ୍ତ୍ରୀ କରାଯିବା ନେଇ ନିର୍ବାଚିତ ପ୍ରତିନିଧି ମାନଙ୍କ ଭିତରେ ଅସନ୍ତୋଷ ଲାଗି ରହିଛି। ଏମାନଙ୍କ ମଧ୍ୟରେ ଏକ ବୃହତ ଗୋଷ୍ଠୀ ଚାହୁଁଥିଲେ ଉପମୁଖ୍ୟମନ୍ତ୍ରୀ ପଦ ହାତେଇ ନେବାକୁ, ହେଲେ ଦଳ ମୁଖିଆ ଏଭଳି କୌଣସି ସୁଯୋଗ ସୃଷ୍ଟି କରିନାହାନ୍ତି। ଯେଉଁଥିପାଇଁ ଆଗାମୀ ଦିନରେ ଅନ୍ୟ କିଛି ନୂଆ ବିବାଦର ସୂତ୍ରପାତ ହେବାର ଆଶଙ୍କା ରହିଛି।

# ଭାରତ ବିରୋଧୀ ଲମ୍ବା ଖେଳର ଯୋଜନା



ସୌମେନ୍ଦ୍ର ଜେନା

ବ୍ଲିଡ ଇଣ୍ଡିଆ / ଅପରେସନଟୁ ପାକ ଆରମ୍ଭରୁ କିମ୍ବା ପରେ ଅଥବା ସମୟାନୁସାରେ ସେମାନଙ୍କ କୌଶଳ ପରିବର୍ତ୍ତନ ପାଇଁ ଯୋଜନା କରୁଥିବା କଥା କହିବା କଷ୍ଟକର। ତେବେ ଦ୍ୱିତୀୟ ଯୁକ୍ତିଟି ସପକ୍ଷରେ ଅଧିକ ଭରଷା କରାଯାଇପାରେ।

ଭାରତକୁ ଏକ ଫାସୀବାଦୀ, ସ୍ୱେଚ୍ଛାଚାରୀ, ଦମନକାରୀ ରାଷ୍ଟ୍ର ଭାବେ ବିଦେଶରେ ଉପସ୍ଥାପିତ କରିବା ପାଇଁ ଏବଂ ଭାରତରେ ମୁସଲମାନଙ୍କ ଗଣହତ୍ୟା କରାଯିବା ଅଭିଯୋଗକୁ ବିଶ୍ୱାସ କରିବା ଲାଗି ଗଣମାଧ୍ୟମର ସହାୟତାରେ ଲେଖା ପ୍ରକାଶ କରାଗଲା। କାତାରର ସରକାରୀ ଗଣମାଧ୍ୟମ ଅଲ୍ ଜଜିରାରେ ଭାରତ ବିରୋଧୀ ଲେଖାକୁ ସ୍ଥାନ ଦେଇ ସୋସିଆଲ ମିଡିଆ ମାଧ୍ୟମରେ ଏକ ଗୋଷ୍ଠୀ ତାର ପ୍ରଚାର ପ୍ରସାର କରିବାକୁ ଲାଗିଲେ। ୨୦୧୫ରେ ଏହି ପ୍ରଚାର ଅଭିଯାନ ଆରମ୍ଭ କରାଯାଇଥିଲା, ଯାହା ୨୦୧୯ରେ ଭାରତରେ ଅନୁଷ୍ଠିତ ଲୋକସଭା ନିର୍ବାଚନରେ ଭାରତୀୟ ଜନତାପାର୍ଟି ବିଜୟୀ ହେବା ପରେ ଅତି ବ୍ୟାପକ ହୋଇଥିଲା। ମୁସଲମାନ ଗଣହତ୍ୟା ଏବଂ କାଶ୍ମିର ବିଷୟ ଆଲୋଚନାର କେନ୍ଦ୍ର ହୋଇଥିଲା। ସୋସିଆଲ ମିଡିଆରେ ପ୍ରସାରିତ ଶବ୍ଦାବଳୀ "ଫାସୀବାଦ", "ଫାସୀବାଦୀ", "ଭାରତ", "ମୁସଲମାନ ଗଣହତ୍ୟା" ଏବଂ "କାଶ୍ମିର"କୁ କେନ୍ଦ୍ର କରି ଯେଉଁ ତଥ୍ୟ ସଂଗୃହୀତ ହୋଇଛି ସେ ସବୁରଏଠାରେ ଆଲୋଚନା କରାଯାଇପାରେ।

ଭାରତ ବିରୋଧୀ ପ୍ରଚାରର ଟେବୁଲ ପ୍ରସ୍ତୁତି କରାଯାଇ ଦେଖିବାକୁ ମିଳିଛି ଯେ ୨୦୧୯ରେ ଯେମିତି ପ୍ରଚାର ଏକ ଶୀର୍ଷକୁ ଯାଇଥିଲା, ଠିକ୍ ସେମିତି ୨୦୨୦-୨୧ରେ ତାଠାରୁ ଅଧିକ ଶୀର୍ଷକୁ ଯାଇଥିଲା। ଭାରତ ବିରୋଧୀ ପ୍ରଚାରରେ ସଂପୃକ୍ତ ବ୍ୟକ୍ତି ବିଶେଷ ଏବଂ ସଂଗଠନଗୁଡିକର ଏହି ପ୍ରଚାରଧାରାକୁ ତିନୋଟି ପ୍ରକାରର ଗୋଷ୍ଠୀ ନେତୃତ୍ୱ ନେଉଛନ୍ତି (୧) ଦେଶ ଭିତରେ ଥିବା ଭାରତ ବିରୋଧୀ, (୨) ବିଦେଶୀ ଏବଂ ସେମାନଙ୍କ ସଂଗଠନ, (୩) ପାକିସ୍ଥାନ।

'ଫାସୀବାଦ / ଫାସୀବାଦୀ' ଓ 'ଭାରତ' ବିଷୟରେ ୨୦୦୮ରୁ ୨୦୨୨ ଫେବୃଆରୀ ମଧ୍ୟରେ ଟ୍ୱିଟରରେ ୧୮୧୭୧୪୦ ସଂଖ୍ୟାରେ ରିଟ୍ୱିଟ ସ୍ଥାନ ପାଇଥିବା ଦୃଷ୍ଟିକୁ ଆସିଛି। ୨୦୧୯ ପୂର୍ବରୁ ଉପରୋକ୍ତ ତିନୋଟି ଶବ୍ଦର ବ୍ୟବହାର ଟ୍ୱିଟରରେ ଦେଖିବାକୁ ମିଳୁନଥିଲା ବେଳେ ୨୦୧୯ପରେ ସୋସିଆଲ ମିଡିଆରେ ଏହି ପ୍ରଚାରକୁ ବ୍ୟାପକ କରାଯାଇଛି। "ଫାସୀବାଦ" ଶବ୍ଦକୁ ଭାରତ ବିରୁଦ୍ଧରେ ଟ୍ୱିଟରରେ ବାରମ୍ବାର ପ୍ରଚାର କରିଥିବା ଆକାଉଣ୍ଟଗୁଡିକ ଏହିପରି ଥିଲା ଫ୍ରେଡେରିକ ପିଟର (୩୪୯), ଶେଖ ଉବୈଦ (୯୫), ସିଜେୱ୍ୱାର୍ଲେମ୍ୟାନ (୬୮), ଆଇଏଏମ୍ କାଉନସିଲ (୪୪), ରାଣା ଅୟୁବ (୩୮), ଷ୍ଟୁଡେଣ୍ଟସ ଏଏଚ୍ (୩୫), କାରିନ ଫିଶ୍ଚର (୩୪), ମାଲିକ ମୁଜାହିଦ (୨୯), ହରନେମ ଇଜ୍ ବେଅ (୨୭), ହିନ୍ଦୁତ୍ୱ ୱ୍ୱାଚ୍ ଇନ୍ (୨୫), ସେଭଇଣ୍ଡିଆ ଓଆର୍‌ଜି (୨୧), ଅଡ୍ରେଟ୍ରୁଷ୍କେ (୧୮), ଜିମିରୱ୍ୱାକା (୧୪), ହିନ୍ଦୁଜ୍ ୪ ଏଚ୍ଆର୍ (୧୧), ଏମ୍ଏଠାକୁର (୧୦), ଫ୍ରିକାଶ୍ମୀର ଓଆର୍‌ଜି (୯), ସିଭିଟାସ୍‌କାଶ୍ମୀର (୭), ଜଷ୍ଟିସଫର୍ ଅଲ୍‌ସିଏନ୍ (୬), ଏଫ୍‌ସିହାକ୍ (୬), ଅଜିତସାହୀ (୨), ଫାଉଣ୍ଡେସନ ଟିଏଲ୍ଏସ୍ (୨), ବର୍ମାଟାସ୍କଫୋର୍ସ (୧), ଘୁଲାମନବି ଫାୟି (୧), ଡାନିଏଲ୍ଲେଖାଁ (୧), ଡିଜିଏଟ୍ କନ୍‌ଫରେନ୍ସ (୧) ସେହିପରି ମୁସଲମାନ ଗଣହତ୍ୟା ଏବଂ କାଶ୍ମିର ଶବ୍ଦର ବ୍ୟବହାର ବିଶ୍ଳେଷଣ ତଥ୍ୟକୁ ଲକ୍ଷ୍ୟ କରାଯାଇପାରେ। ୨୦୧୦ରୁ ୨୦୨୨ ମଧ୍ୟରେ ୯୭୪୯ ଟ୍ୱିଟକୁ ୩୭୦୫୮ଥର ରିଟ୍ୱିଟ କରାଯାଇଥିବାର ତଥ୍ୟ ଦୃଷ୍ଟିକୁ ଆସିଥାଏ। ୨୦୧୮ରୁ ମୁସଲମାନ ଗଣହତ୍ୟା ଶବ୍ଦର ବ୍ୟବହାର ଟ୍ୱିଟରରେ ଅଧିକ ହେବା ଜଣାପଡିଥାଏ। ଭାରତରେ "ମୁସଲମାନ ଗଣହତ୍ୟା" ଚାଲିଥିବା ମିଥ୍ୟା ପ୍ରଚାରଟିକୁ ଯେଉଁସବୁ ଟ୍ୱିଟର ଆକାଉଣ୍ଟରୁ ଅଧିକ ପ୍ରଚାର କରାଯାଇଥିଲା ତାହା ଏହିପରି ସିଜେଡ୍ୱେର୍ଲେମ୍ୟାନ (୭), ମୋବିଶାହ (୬), ଜିମିରୱ୍ୱାକା (୪), ଏମ୍ଏଠାକୁର (୩), ତୁର୍ଗେ ଏଭରେନ୍ ୧(୨), ହରନେମଇଜ୍‌ବେଅ (୨), ଅଜିଆକାଶ୍ମିର (୨), ଜଷ୍ଟିସଫରଅଲସିଏନ୍ (୧), ହିନ୍ଦୁତ୍ୱୱ୍ୱାଚ୍‌ଇନ୍ (୧)। ସେମିତି "ଇସଲାମଫୋବିଆ" ଶବ୍ଦଟିକୁ ଏହିସବୁ ସଂଗଠନଗୁଡିକ ଭାରତର ସମ୍ମାନକୁ କ୍ଷୁର୍ଣ୍ଣ କରିବା ପାଇଁ ବ୍ୟବହାର କରିଆସିଛନ୍ତି। ସେମାନେ ସୋସିଆଲ ମିଡିଆରେ ଏକ ସଂଗଠିତ ଢଙ୍ଗରେ ଟ୍ୱିଟର ସହାୟତାରେ ଭାରତ ବିରୋଧୀ ପ୍ରଚାରକୁ ପ୍ରୋତ୍ସାହିତ କରିଛନ୍ତି। ଭାରତକୁ ଏକ ମୁସଲିମ ବିରୋଧୀ ରାଷ୍ଟ୍ର ଭାବେ ବିଶ୍ୱରେ ଉପସ୍ଥାପିତ କରିବା ଏହି ଗୋଷ୍ଠୀଙ୍କର ପ୍ରୟାସ ରହିଆସିଛି। ଟ୍ୱିଟରରେ ଏମାନେ 'ଇସଲାମଫୋବିଆ' (ଇସଲାମ ବିରୋଧୀ) ଶବ୍ଦଟିକୁ ୪୩୩୧୪୩ ଥର ଟ୍ୱିଟ କରିଥିଲା ବେଳେ ଯଦି ଭାରତ (ଇଣ୍ଡିଆ) ସଂପର୍କୀତ ଶବ୍ଦଟିକୁ ଏହା ସହ ଯୋଡିଦେବା ତେବେ ଦେଖିବାକୁ ମିଳିବ ଯେ ପ୍ରାୟ ୧୮,୬୯,୯୩୫ ଥର ଏମାନେ ଭାରତ ବିରୁଦ୍ଧରେ ଏହି ଦୁଇଟି ଶବ୍ଦକୁ ଟ୍ୱିଟରରେ ବ୍ୟବହାର କରିଆସିଛନ୍ତି।

୨୦୧୮ ଶେଷପର୍ଯ୍ୟନ୍ତ ସୋସିଆଲ ମିଡିଆରେ 'ଇସଲାମଫୋବିଆ' ଶବ୍ଦଟିର ବ୍ୟବହାର ଦେଖିବାକୁ ମିଳୁନଥିଲା। ୨୦୧୯ରେ ଏହା ଆରମ୍ଭ ହୋଇ ୨୦୨୦ବେଳକୁ ଅତି ବ୍ୟାପକ ହୋଇଥିଲା। କେବଳ ୨୦୨୦ ବର୍ଷରେ ୩୪୩୦୦୦ ଟ୍ୱିଟ ଏହି ଶବ୍ଦଟିକୁ ନେଇ ହୋଇଥିଲା। ଏହି ସମୟରେ କେତେକ ଘଟଣାବଳୀକୁ ଏଠାରେ ବିଶ୍ଳେଷଣ କରାଯାଇପାରେ।

୨୦୧୯ରେ ମିଛଖବର ପ୍ରସାରରେ ଧୂରନ୍ଧର ଥିବା ଅଷ୍ଟ୍ରେଲିଆର ସାମ୍ବାଦିକ ସିଜେ ୱ୍ୱାର୍ଲେମାନ ଇସଲାମଫୋବିଆ ଶବ୍ଦଟିକୁ ବ୍ୟାପକ ପ୍ରସାରିତ କରିବାକୁ ଚେଷ୍ଟା କଲେ। ୮ମଇ ୨୦୧୯ରେ ଅଡ୍ରେ ଟ୍ରୁଷ୍କେ ଆଉରଙ୍ଗଜେବ ସଂପର୍କରେ ଭାଷଣ ଦେଉଥିବା ଜଣେ ରାଜନେତାଙ୍କ ଭିଡିଓକୁ ଦେଖାଇ ତାହା ଇସଲାମଫୋବିଆ ବୋଲି ପ୍ରଚାର କଲେ। ୩ଜୁନ୍ ୨୦୧୯ରେ ଇଂଲଣ୍ଡରୁ 'ଇସଲାମଫୋବିଆ' ପ୍ରଚାରଟି ଜୋର ଧରିଥିଲା। ତା ପଛରେ ଥିଲା ତାଲିବାନ ସମର୍ଥକ ପାକ୍ ମୁସଲମାନ ଜାହିଦ ଅଖ୍ତାର। ସେ ତାର ହ୍ୟାଣ୍ଡେଲ @ ଡୁଏମୁସଲିମ୍ସ (ଡକୁମେଣ୍ଟିଂ ଅପ୍ରେସନ ଏଗେନେଷ୍ଟ ମୁସଲିମ୍ସ) ଦ୍ୱାରା ଏହି ପ୍ରଚାରଟିକୁ ଚଳାଇଲା। ୧୩ ଡିସେମ୍ବର ୨୦୧୯ରେ ଖାଲିଦ ବେଦଉନ୍ ସମାନ ପ୍ରକାର ପ୍ରଚାର ଜାରି ରଖିଲା। ପୁନର୍ବାର ଡୁମୁସଲିମ୍ସ ଇସଲାମଫୋବିଆ ସହ ଯୋଡି ହିନ୍ଦୁ ବିରୋଧୀ ପ୍ରଚାର ଚଳାଇଲା। ଆରବ ଜଗତରୁ ଏମିତି ଅନେକଗୁଡିଏ ନକଲି ଆକାଉଣ୍ଟରୁ ହିନ୍ଦୁ ବିରୋଧୀ ଏବଂ ଭାରତ ବିରୋଧୀ ପ୍ରଚାରକୁ ଜୋର୍‌ସୋରରେ ବଢାଗଲା। 'ଇସଲାମଫୋବିଆ'କୁ କେନ୍ଦ୍ରକରି ଯେଉଁ ହ୍ୟାଣ୍ଡେଲସରୁ ଟ୍ୱିଟ୍ସ କାଉଣ୍ଟ ହୋଇଥିଲା ସେଗୁଡିକ ଥିଲା ଏହିପରି -ଖାଲେଦ ବେଦଉନ୍ (୧୪୦), ଆଇଏଏମ୍ କାଉନସିଲ (୭୫), ସିଜେ ୱ୍ୱେର୍ଲେମାନ (୫୪), ମୋବିଶାହ (୩୬), ଜଷ୍ଟିସଫର ଅଲସିଏନ୍ (୨୭), ହିନ୍ଦୁତ୍ୱ ୱ୍ୱାଚ୍ ଇନ୍ (୨୪), ହରନେମ୍‌ଇଜବେଆ (୨୩), ରାଣାଅୟୁବ (୨୨) ନିତାଶାକାଉଲ (୨୧), ଏଫ୍‌ଚକ୍ (୧୯), ଶେଖଉବୈଦ (୧୫), ଫ୍ରେଡେରିକ୍ ପିଟର (୧୩), ମାଲିକମୁଜାହିଦ (୧୩), ଅଡ୍ରେଟ୍ରୁଷ୍କେ (୧୨), କାରିନ ଫିଶ୍ଚର (୧୦), ଫ୍ରିକାଶ୍ମିର ଓଆର୍‌ଜି (୮), ହିନ୍ଦୁସ ୪ଏଚ୍ଆର (୮), ସେଭ୍‌ଇଣ୍ଡିଆ ଓଆର୍‌ଜି (୭), ଅଜିଆ କାଶ୍ମୀର (୩), ଅଜିତ ସାହୀ (୩), ବର୍ମା ଟାସ୍କଫୋର୍ସ(୩), ସିଭିଟାସ କାଶ୍ମୀର (୩), ଫାଉଣ୍ଡେସନ ଟିଏଲ୍ଏସ (୨), ଷ୍ଟୁଡେଣ୍ଟସଏଚ୍ (୨), ଏଚ୍ଆର୍‌ଭି (୨), ତୁର୍ଗେଏଭରେନ୍ (୧), ଜିମିରୱ୍ୱାକା (୧), ଏମ୍ଏ ଠାକୁର (୧)।

ଏହି ଷଡଯନ୍ତ୍ରରୁ ଜାଣିହେବ ଯେ କିପରି ଆନ୍ତର୍ଜାତିର ସ୍ତରରେ ଭାରତ ବିରୁଦ୍ଧରେ ସଂଗଠିତ ପ୍ରୟାସ ଚାଲିଛି। ଭାରତ ବିରୋଧୀମାନଙ୍କ ସଂପର୍କରେ ଅଧିକ ଆଲୋଚନା ନହେବା ହେଉଛି ସଚେତନତାର ଅଭାବ। ଲୋକେ ଏ ସଂପର୍କରେ ଅଧିକ ସଚେତନ ହେଲେ ସେମାନେ ସୋସିଆଲ ମିଡିଆରେ ଭାରତ ବିରୋଧୀଙ୍କୁ ଉତ୍ତର ଦେବାଲାଗି ସୂଚନା ସେନା ହୋଇ କାର୍ଯ୍ୟ କରିବେ। ଅପପ୍ରଚାରକୁ ପ୍ରତିହତ କରିବା, ଅପପ୍ରସାରକୁ ବିରୋଧ କରିବା ଲାଗି ଦେଶ ମଧ୍ୟରେ ସଚେତନ ନାଗରିକ ଗୋଷ୍ଠୀ ସୃଷ୍ଟି ହେଲେ ଏସବୁ ଷଡଯନ୍ତ୍ରକୁ ସାମନା କରାଯାଇପାରିବ।

*ଭାରତୀୟ ସମ୍ବାଦ ସେବା (ଭାସ୍)*
*ଭୁବନେଶ୍ୱର-୭୫୧୦୦୩*

# ଦି କେରଳା ଷ୍ଟୋରୀର ଭୟାବହ ସତ



ଡ. ସମନ୍ୱୟ ନନ୍ଦ

ବେଳେ ବେଳେ ସତ ଉପରେ ପରଦା ପରଦା ପକାଇ ରଖା ଯାଇଥାଏ। କିଛି ଶକ୍ତି ସେହି ପରଦାକୁ ଉଠାଇବାକୁ ଦେଇ ନଥାନ୍ତି। ସେହି ପରଦା ପଛରେ ଥିବା ଘଟଣା ଓ କାହାଣୀ ସମ୍ପର୍କରେ ଆଲୋଚନା କରିବାକୁ ମଧ୍ୟ ବାରଣ କରାଯାଇଥାଏ। ତଥାକଥିତ ସେକୁଲାର-ଲିବେରାଲ ମାନେ ଜାଣି ଶୁଣି ଏଭଳି ସତ ଉପରେ ପରଦା ପକାଇଥାନ୍ତି। ସେ ବିଷୟରେ ଆଲୋଚନା କଲେ ଏହା ଦ୍ୱାରା ସାଂପ୍ରଦାୟିକ ବିଦ୍ୱେଷର ଭାବନା ସମାଜରେ ଉତ୍ପନ୍ନ ହେବାର ଭୟ ଦେଖା ଯାଇ ତା ଉପରେ ବିମର୍ଶ କରିବାକୁ ଦିଆ ଯାଏ ନାହିଁ। କିନ୍ତୁ ଏହି ପରଦା ପଛର ସତ ଅତ୍ୟନ୍ତ ଭୟଙ୍କର ହୋଇଥାଏ। ଏଭଳି ଏକ ସତ ହେଉଛି ଭାରତରେ ସୁନିୟୋଜିତ ଭାବେ ଚାଲିଥିବା ପ୍ରେମ ନାମରେ ଜିହାଦ। ଦେଶର ଝିଅ ମାନଙ୍କୁ କୌଣସି ଉପାୟରେ ବ୍ରେନ ୱ୍ୱାସ କରି ସେମାନଙ୍କୁ ଇସଲାମରେ କନଭର୍ଟ କରିବା ଓ ସେମାନଙ୍କୁ ରେଡିକାଲାଇଜ କରି ଇସଲାମୀ ଆତଙ୍କବାଦୀ ସଂଗଠନରେ ସାମିଲ କରିବା ଠାରୁ ସେମାନଙ୍କୁ ଆଇଏସଆଇଏସ ପରି ଆତଙ୍କବାଦୀ ସଂଗଠନ ମାନଙ୍କର ସେକ୍ସ ସ୍ଲେଭ କରିବା ଯାଏ ଘଟଣାର ସତ। ଏହି ଫିଲ୍ମର ଟ୍ରେଲର ରିଲିଜ ହେବା ପର ଠାରୁ ସେକୁଲାର ବର୍ଗର ଲୋକ ମାନେ ଛାତି ପିଟିବା ସହ ଏହା ଉପରେ ରୋକ ଲଗାଇବା ପାଇଁ ଯଥା ସମ୍ଭବ ଚେଷ୍ଟା କରି ସାରିଲେଣି। ଦି କେରଳ ଫାଇଲ୍ସ ଏହି ସତ ଉପରୁ ପରଦା ଉଠାଇ ଦେଇଛି। ସତ୍ୟ ଘଟଣା ଉପରେ ଆଧାରିତ ଏହି ଫିଲ୍ମ ଟି କେରଳ ଓ ପଡୋଶୀ କର୍ଣାଟକର ମାଙ୍ଗାଲୋର ଅଞ୍ଚଳରେ ଗତ ଅନେକ ବର୍ଷ ଧରି ଘଟି ଆସୁଥିବା ନୀରିହ ହିନ୍ଦୁ ଓ ଖ୍ରୀଷ୍ଟିଆନ ଝିଅ ମାନଙ୍କର ନିଖୋଜ ହେବାର ଏହା କେବଳ ଭୟାବହ କାହାଣୀ ମାତ୍ର ନୁହେଁ ବାସ୍ତବରେ ଏହା ଜିହାଦର ସେହି ବିଭତ୍ସ ଚିତ୍ର। ଏଭଳି ସତ ଉପରେ କେତେ ଦିନ ଯାଏ ଆଖି ବୁଜି ରହି ହେବ?

ଇସଲାମୀ ଜେହାଦୀ ମାନଙ୍କ ହାତରେ ନିଜର ଭାଗ୍ୟ, ଅତୀତ, ବର୍ତମାନ, ଭବିଷ୍ୟତ ଆଦି ସବୁ ହରାଇ ସାରିଥିବା ହିନ୍ଦୁ ଓ ଖ୍ରୀଷ୍ଟିଆନ ଯୁବତୀ ମାନଙ୍କର କାହାଣୀ ହେଉଛି ଦି କେରଳ ଷ୍ଟୋରୀ। ଏହା ହେଉଛି ଲଭ ଜିହାଦ ଓ କନଭର୍ସନର ସେହି ଦିଗ ଯାହାକୁ ଆମେ ଅନେକ ଲୋକ ଜାଣୁ, ତଥାପି ଆଖି ବୁଜି ଦେଉ। ଆଖି ବୁଜିବାକୁ ଆମେ ବୋଧ ହୁଏ ଭଲ ବୋଲି ମନେ କରୁ। ଏହି ସିନେମା ଜରିଆରେ ସେହି ସତ ବାହାରକୁ ଆସିଛି। ଏହି ସିନେମା ବିଷୟରେ ଯଦି ସଂକ୍ଷେପରେ କୁହା ଯିବ ତେବେ ଏହା ତିନି ଜଣ ଝିଅଙ୍କ କାହାଣୀ ଯେଉଁ ମାନଙ୍କୁ ଇସଲାମୀ ଧର୍ମାନ୍ତରୀକରଣର ଜାଲରେ ଫସାଇ ଦିଆଯାଏ। ସେମାନଙ୍କର ହ୍ୟୁମାନ ଟ୍ରାଫିକିଂ କରାଯାଇ ସେମାନଙ୍କୁ ଆଇଏସଆଇଏସ ଆତଙ୍କବାଦୀ ଗଡକୁ ପଠାଇ ଦିଆଯାଏ। ସେମାନଙ୍କୁ ସେଠାରେ ଯୌନ ଦାସୀ କରି ଦିଆଯାଏ। ସିନେମାରେ ଯାହା ଘଟେ, ଯାହା ବାସ୍ତବିକତା ରହିଛି ତାକୁ ପ୍ରଦର୍ଶିତ କରାଯାଇଛି। ନିଜକୁ ମିଛରେ ନିରପେକ୍ଷ ବୋଲି ଦେଖାଇ ହେବାକୁ ଆଦୌ ଚେଷ୍ଟା କରାଯାଇ ନାହିଁ। ଏହି ଫିଲ୍ମରେ ଆଫଗାନିସ୍ତାନର ଯେଉଁ ଦୃଶ୍ୟ ଦେଖା ଯାଇଛି ତାହା ବାସ୍ତବିକ ଲାଗୁଛି। ମହିଳା ମାନଙ୍କୁ ଇସଲାମରେ କଟ୍ଟରପନ୍ଥୀ ମାନେ ଉପଭୋଗର ବସ୍ତୁ ଠାରୁ ଅଧିକ କିଛି ମନେ କରନ୍ତି ନାହିଁ, ତାକୁ ଏହି ସିନେମାରେ ଆଇଏସଆଇଏସ ଓ ତାଲିବାନ ସମ୍ପର୍କିତ ଦୃଶ୍ୟରୁ ସ୍ପଷ୍ଟ ଭାବେ ଦେଖା ଯାଇ ପାରେ। ଇସଲାମୀ ଶରିୟା ଆଇନ ନାମରେ ଯେଉଁ ବିଭତ୍ସତା ଓ କ୍ରୁରତା କରାଯାଏ ତାହା ମଧ୍ୟ ଏହି ଫିଲ୍ମରୁ କେହି ଦେଖି ପାରିବେ। ଏହା ଛଡା ଲଭ ଜିହାଦ ପଛରେ କିଭଳି ମୁଲ୍ଲା- ମୌଲାନା ମାନେ ରହିଥାନ୍ତି ଓ ସେମାନଙ୍କର କେଉଁ ଭଳି ନେଟୱ୍ୱର୍କ ରହିଥାଏ ଓ ସେମାନଙ୍କୁ କିପରି ବିଦେଶୀ ଫଣ୍ଡିଂ ମିଳେ ତାର ମଧ୍ୟ ଝଲକ ଏହି ସିନେମାରେ ମିଳି ପାରିବ।

ଫିଲ୍ମରେ ଲଭ ଜିହାଦ ଓ ବ୍ରେନ ୱ୍ୱାସ ହେବାର ଶୀକାର ହୋଇଥିବା ଝିଅ ମାନଙ୍କର ପରିବାରର ବ୍ୟଥାକୁ ଅତ୍ୟନ୍ତ ମାର୍ମିକ ଭାବେ ଚିତ୍ରଣ କରାଯାଇଛି। ଲଭ ଜିହାଦର ଶୀକାର ହୋଇଥିବା ଝିଅ ମାନଙ୍କୁ ହରାଇ ମାତା ପିତା ମାନେ କେତେ ମାନସିକ କଷ୍ଟ ପାଇଥାନ୍ତି ତାକୁ ଏହି ସିନେମା ଭଲ ଭାବେ ଦେଖାଇଛି। ଏହା ଲଭ ଜିହାଦର ସେହି ସାମାନ୍ୟ ସ୍ୱରୂପ ନୁହେଁ, ଯାହାର ଉଦ୍ଦେଶ୍ୟ ଜନସଂଖ୍ୟାର ଢାଞ୍ଚାକୁ ପରିବର୍ତ୍ତନ କରିବା। ଇସଲାମ ମତାବଲମ୍ବୀ ମାନଙ୍କର ସଂଖ୍ୟା ବୃଦ୍ଧି କରି ଡେମୋଗ୍ରାଫୀରେ ପରିବର୍ତ୍ତନ କରିବା। ବରଂ ସେହି କନଭର୍ଟ ହୋଇଥିବା ଜନସଂଖ୍ୟାକୁ ତାର ଶେଷ ଲକ୍ଷ୍ୟ ଆତଙ୍କବାଦ ଯାଏ ନେଇଯିବାର ଏହା ହେଉଛି ଲକ୍ଷ୍ୟ। ତେବେ ଏହା ପଛର ଶକ୍ତି ମାନଙ୍କର ଚିତ୍ରଣ କରିବା ଏତେ ସହଜ କଥା ନୁହେଁ। ଏହି ଲଭ ଜିହାଦ ଇଣ୍ଡଷ୍ଟ୍ରୀ ପଛରେ ଯେଉଁ ଲୋକ, ସଂଗଠନ ଆଦି ରହିଛନ୍ତି ସେମାନଙ୍କର ଆନ୍ତର୍ଜାତିକ ନେଟୱ୍ୱର୍କ ରହିଛି। ସେମାନଙ୍କ ନିକଟରେ ପ୍ରବଳ ଅର୍ଥ ରହିଛି ଓ ଜନ୍ନତ ପ୍ରାପ୍ତ କରାଇବାର ସ୍ୱପ୍ନ ମଧ୍ୟ ରହିଛି। ଏହି ଇଣ୍ଡଷ୍ଟ୍ରି ପ୍ରତ୍ୟେକ ସମୟରେ ନିଜର ରାସ୍ତା ଓ ପ୍ରକ୍ରିୟା ବଦଳାଇବା ମଧ୍ୟ ଜାଣିଛି।

ଭାରତରେ ଏଭଳି ଲୋକ ଖୁବ ଅଛନ୍ତି ଯେଉଁ ମାନେ ଲଭ ଜିହାଦର ବାସ୍ତବିକତାକୁ ସ୍ୱୀକାର କରନ୍ତି ନାହିଁ। ଏହାକୁ ସେମାନେ ରାଜନୈତିକ ଚଷମାରେ ଦେଖିଥାନ୍ତି। ସେମାନେ ଲଭ ଜିହାଦ ଓ ଏଭଳି ଫିଲ୍ମକୁ ବିଷାକ୍ତ, କାଳ୍ପନିକ ଭ୍ରାମକ ବୋଲି କହିଥାନ୍ତି। ଭାରତର ତଥାକଥିତ ମେନ ଷ୍ଟ୍ରିମ ମିଡିଆ ମଧ୍ୟ ଏପରି ମନେ କରେ। ଏହି ଫିଲ୍ମକୁ ନେଇ ଅନେକ ପ୍ରକାର ଅଭିଯୋଗ ଅଣାଯାଇଥିଲା। ହେଲେ ବାସ୍ତବିକତା ହେଲା ଯେ ଏହି ଫିଲ୍ମକୁ ତିଆରି କରିବା ପୂର୍ବରୁ ଗଭୀର ଅନୁସନ୍ଧାନ କରାଯାଇଛି। ଗଭୀର ରିସର୍ଚ୍ଚ କରିବା ପରେ ହିଁ ଫିଲ୍ମ ନିର୍ମାଣ କରାଯାଇଛି। ଏହି ସିନେମାରେ ଅତ୍ୟନ୍ତ ନିଖୁଣ ଭାବେ ସେହି ଘଟଣାବଳୀ ଓ ପରିସ୍ଥିତିର ଚିତ୍ରଣ କରାଯାଇଛି ଯେଉଁଥିରେ ଅଧିକାଂଶ ହିନ୍ଦୁ ଝିଅଙ୍କୁ ଟାର୍ଗେଟ କରାଯାଇଥାଏ, ଏକ ସୁସଂଗଠିତ ଇକୋ ସିଷ୍ଟମ ଦ୍ୱାରା ସେମାନଙ୍କୁ ଇସଲାମରେ କନଭର୍ଟ ହେବାକୁ ପ୍ରେରିତ କରାଯାଇଥାଏ ଓ ଇସଲାମୀ ଷ୍ଟେଟର ଯୌନ ଦାସୀ ହେବା ପାଇଁ ସିରିଆର ଯୁଦ୍ଧ କ୍ଷେତ୍ରକୁ ଆତଙ୍କବାଦୀ ମାନଙ୍କର ମନୋରଂଜନ ପାଇଁ ପଠାଇ ଦିଆଯାଇଥାଏ। ଏହି କେରଳ ଷ୍ଟୋରୀ ଫିଲ୍ମଟି ଅନେକ ଦିଗକୁ ସାମନାକୁ ଆଣି ପାରିଛି। ସ୍ୱାଭାବିକ ଭାବେ ପ୍ରଥମ ଟି ହେଉଛି ଲଭ ଜିହାଦ। ଦ୍ୱିତୀୟ ବିଷୟଟି ହେଲା ହ୍ୟୁମାନ ଟ୍ରାଫିକିଂ। ତୃତୀୟ ବିଷୟ ଟି ହେଉଛି ଆତଙ୍କବାଦ। ଚତୁର୍ଥ ବିଷୟଟି ହେଉଛି ଆତଙ୍କବାଦର ଚେର ଲମ୍ବିଥିବା ନେଟୱ୍ୱର୍କର। ପଞ୍ଚମ ବିଷୟଟି ହେଲେ ଭାରତ ପାଇଁ ଜାତୀୟ ସୁରକ୍ଷା ପ୍ରତି ଆସିଥିବା ବିପଦ। ଭାରତର ଝିଅ ମାନଙ୍କର ଶୋଷଣ ଓ ପୀଡା ହେଉଛି ଷଷ୍ଠ ବିଷୟ। ଏହି ସିନେମାରେ ଯାହା ଦେଖା ଯାଇଛି ତାହା କେବଳ କେରଳ ଯାଏ ସୀମିତ ନୁହେଁ। ବିଶ୍ୱର ଅନେକ ଦେଶରେ ଏହି ଭଳି ଭାବେ କାମ କରୁଛି ଓ ଏକ ଆନ୍ତର୍ଜାତିକ ସମସ୍ୟାକୁ ଏହି ଫିଲ୍ମ ସ୍ପର୍ଶ କରୁଛି। ଇସଲାମିଷ୍ଟ-ସେକୁରାଲ ଓ ଲିବରାଲ ମାନେ ଯେତେବେଳେ ଏହି ଅକାଟ୍ୟ ପ୍ରମାଣ ଓ ତଥ୍ୟର କାଟ ପାଉ ନାହାନ୍ତି ସେତେବେଳେ ସେମାନେ କହିଛନ୍ତି ଯେ ଫିଲ୍ମରେ ଯେଉଁ ୩୨ ହଜାର ଝିଅ ମାନଙ୍କ କନଭର୍ସନ କରି ସିରିଆ ପଠାଇବା କଥା କୁହାଯାଉଛି, ସେହି ତଥ୍ୟ ଠିକ୍ ନୁହେଁ। ତେଣୁ ଏହି ଫିଲ୍ମ ଏକ ପ୍ରପାଗଣ୍ଡା ଫିଲ୍ମ। ଏହା ଏହି ସେକୁଲାର ମାନଙ୍କର ହିନ୍ଦୁଙ୍କ ପ୍ରତି ଚରଣ ଘୃଣାକୁ ସ୍ପଷ୍ଟ ରୂପେ ପ୍ରଦର୍ଶିତ କରୁଛି। ୩୨ ହଜାର କାହିଁକି ଯଦି ଗୋଟିଏ ଝିଅ ସହିତ ଏପରି ହୋଇଛି, ଯେପରିକି ଏହି ଫିଲ୍ମରେ ଦର୍ଶା ଯାଇଛି, ତା ହେଲେ କଣ ଏହାକୁ ନେଇ ଫିଲ୍ମ ତିଆରି ହେବା ଉଚିତ ନୁହେଁ, ଲୋକ ମାନଙ୍କୁ ଏ ବିଷୟରେ ଜଣାଇବା ଉଚିତ ନୁହେଁ? ଗୋଟିଏ ଝିଅ ପ୍ରତି ଏଭଳି ନୃଶଂସ ବର୍ବର ବ୍ୟବହାର କଣ ଆଲୋଚନାର ବିଷୟ ବସ୍ତୁ ହେବା ଉଚିତ ନୁହେଁ? ସେହି ଝିଅ ଓ ତାଙ୍କ ପରିବାର କିଭଳି ମାନସିକ ନିର୍ଯ୍ୟାତନାର ଶୀକାର ହୋଇଥାନ୍ତି ତାକୁ ନେଇ କଣ ସମାଜରେ ଚର୍ଚ୍ଚା ହେବା ଉଚିତ ନୁହେଁ? ଜଣଙ୍କୁ କେହି ହିନ୍ଦୁତ୍ୱର ନାରା ଦେଇ ଗୋଟିଏ ଚାପୁଡା ମାରି ଦେଇଥିବାର ମିଛ ଅଭିଯୋଗକୁ ନେଇ ସାରା ଦେଶରେ ସପ୍ତାହ ସପ୍ତାହ ଧରି ଚର୍ଚ୍ଚା କରାଉଥିବା ଏହି ସେକୁଲାର ବ୍ରିଗେଡ ହିନ୍ଦୁ ଝିଅ ମାନଙ୍କର ପାଇଁ କୌଣସି ପ୍ରକାର ଚର୍ଚ୍ଚା ହେଉ ସେମାନେ ତାହା ଚାହାନ୍ତି ନାହିଁ। କେରଳ ଷ୍ଟୋରୀ ସିନେମାରେ ଭାରତୀୟ ସମାଜ ପ୍ରତି ଯେଉଳି ଭାବେ ଭିତରୁ ଆକ୍ରମଣ କରାଯାଉଥିବା ଦର୍ଶା ଯାଉଛି, ତାହା ଅନେକ କିଛି କହୁଛି। ବାସ୍ତବରେ ଏହା ହେଉଛି ଏକ ସାଂସ୍କୃତିକ ନରସଂହାର ଯାହା କ୍ଷଣକରେ ହୁଏ ନାହିଁ, ବରଂ ଏହା ସମ୍ପୂର୍ଣ୍ଣ ସମାଜକୁ ଧୀରେ ଧୀରେ ଦୁଃଖଭରା ଓ ଭୟଙ୍କର ମୃତ୍ୟୁ ଆଡକୁ ନେଇଯାଏ। ସଚେତନତା ହିଁ ଏଥିରୁ ବର୍ତିବାର ଏକମାତ୍ର ଉପାୟ। ଏହା ହିଁ କେରଳ ଷ୍ଟୋରୀ ଫିଲ୍ମ ଶିକ୍ଷା ପ୍ରଦାନ କରେ।

# ନାରାୟଣ ତନୁତ୍ୟାଗେ



ଉତ୍କଳାନନ୍ଦ ଅଜୟ କୁମାର ବେହେରା

ବିଷ୍ଣୁଙ୍କ ୧୬ନାମ କେଉଁ ସ୍ଥଳରେ ପ୍ରୟୋଗ କରାଯିବ ତାହା ନିର୍ଦ୍ଦେଶ ଶାସ୍ତ୍ରରେ ନିର୍ଦ୍ଦେଶ ଅଛି। ନାରାୟଣ ତନୁତ୍ୟାଗେ ଏହା ମରଣକାଳରେ ବା ଇହଲୋକରୁ ବାହାରି ଯିବା ବେଳେ ସ୍ମରଣ କରାଯାଏ। ଇହଲୋକ, ମୃତ୍ୟୁଲୋକ, ପ୍ରବଳ ମାୟା ଯେଉଁଠି ଯାବୁଡ଼ି ରଖିଛି। ଏସବୁ ମାୟାକୁ କାଟି, ଶରୀରରୁ ଆତ୍ମା ଚାଲିଗଲା ବେଳକୁ ଏହି ପ୍ରୟୋଗ ମାତ୍ର ଏହାର ୨ୟ ପ୍ରୟୋଗ ପୁଣି ଅଛି ତାହା ହେଲା ଗମନ କାଳରେ ଏକ ସ୍ଥାନରୁ ଅନ୍ୟ ସ୍ଥାନକୁ ଯାତ୍ରାବେଳେ ଗୃହରୁ ବାହାରିବା ବେଳେ ଏଇ ନାରାୟଣ ଶବ୍ଦ ଉଚ୍ଚାରଣ କରାଯାଏ। ନାରାୟଣ ନାରାୟଣ କହି ନାରଦ ଗୋସେଇଁ ଗମନ କରୁଥିବା ପୁରାଣରୁ ମିଳୁଛି। ସେମିତି ପକ୍ଷୀରାଜ ଗରୁଡ଼ ସେ ବିଷ୍ଣୁଙ୍କୁ ବହନ କରନ୍ତି। ସେ ପକ୍ଷ ବିସ୍ତାର ଓ ପକ୍ଷ ଉପର ତଳ କଲେ ସେଥିରୁ ବାହାରେ ନାରାୟଣ ମତୁଭ୍ୟଂ ନମଃ। ଏହି ଶବ୍ଦର ସେମାନେ ଧନ୍ୟ, ନାରଦ ଦେବର୍ଷି, ଦେବତା ହୋଇ ଋଷିପଣ ଛାଡୁ ନାହାଁନ୍ତି ନାରଦ, ଋଷିମାନେ ଋଷିବା, ଅଭିମାନ କରିବା। ବିଦ୍ରୋହୀବକ ହେବା, ପରିସ୍ଥିତିରେ କେଉଁଠି ଛିଦ୍ର ରହିଛି ତାକୁ ରନ୍ଧ୍ର ପ୍ରୟୋଗ କରିବା, ଅଶାନ୍ତ ସୃଷ୍ଟି କରି ଚୀରଶାନ୍ତି ନେଇ ଆସିବା, ଏ ନାରଦଙ୍କ କାମ। ପକ୍ଷୀରାଜ ଗରୁଡ଼ ବିଷ୍ଣୁଙ୍କର ଆଜ୍ଞାବହ ବାହାକ ହେଲେ ବିଷ୍ଣୁଙ୍କ ସହ ବଳ କଷାକଷିରେ ଗରୁଡ଼ ଜିଣି ବିଷ୍ଣୁଙ୍କ ବରପ୍ରାପ୍ତରେ ବା ଯାଚାଜ୍ଞାରେ ବିଷ୍ଣୁ ସାନ୍ନିଧ୍ୟରେ ସର୍ବଦା ରହିବା ପାଇଁ ତାଙ୍କର ସମୟ ସର୍ବଦା ଲଗାଉଛନ୍ତି। ଆମ ରାଜ୍ୟରେ ପ୍ରଭୁ ଦାରୁବ୍ରହ୍ମ ତାଙ୍କ ଠାରୁ କିଛି ଦୂର ସମୁଖରେ ଗରୁଡ଼ା ପ୍ରତିମା ବସାଯାଇଛି ଓ ଗରୁଡ଼ ଜୀ ପ୍ରଣାମ ମୁଦ୍ରାରେ ହାତଯୋଡ଼ି ପ୍ରଭୁଙ୍କ ଆଦେଶକୁ ଅପେକ୍ଷା କରୁଛନ୍ତି। ୨ୟରେ ଯଦି ଗରୁଡ଼ ବିଷ୍ଣୁଙ୍କ ବାହନ ତେବେ ଶ୍ରୀମନ୍ଦିରରୁ ବାହାରୁ ଥିବା ଅଭଡ଼ା ମହାପ୍ରସାଦ ଲୋକ ମାନ୍ୟତା ଶାସ୍ତ୍ରମାନ୍ୟତାରେ ଅନ୍ନବ୍ରହ୍ମ ଏହାର ଆଧାର ଅଭଡ଼ା କୁଡୁଆ, ଅତଏବ ଏହା ବି ଗରୁଡ଼ଙ୍କ ଭିନ୍ନ ରୂପ। ହିନ୍ଦୁ ଗୃହସ୍ଥ ତାଙ୍କର ଗୃହର ମୁଖ୍ୟ ପ୍ରବେଶ ପଥରେ ଏପରି ଅଭଡ଼ା କୁଡିଆ ଶିକାରେ ଟଙ୍ଗାଇ ଥାନ୍ତି ଯେ ଗୃହରେ ବାସ ଲକ୍ଷ୍ମୀ ନାରାୟଣଙ୍କର ଆଦେଶ ପ୍ରତୀକ୍ଷାରେ, ପ୍ରତି ଗୃହରେ ଲକ୍ଷ୍ମୀ ସାଆନ୍ତାଣି, ବିଷ୍ଣୁ ପାଟରାଣୀ ମା'ଲକ୍ଷ୍ମୀ ସବୁ ଘର ବଡ଼ବୋହୁ ସାଆନ୍ତାଣି ଧରାଯାଏ। ଅନ୍ୟ ବୋହୁମାନେ ସାନବୋହୁ ହେତୁ ବଡ଼ ବୋହୁ ବର୍ଷରେ ମାର୍ଗଶିର ମାସରେ ଗୁରୁବାର ଓ ଅନ୍ୟ ଗୁରୁବାର ଗୁଡ଼ିକରେ ଗୃହ ପରିବେଶ ଠିକ ଠାକ ସଫା ସୁତୁରା ଝୋଟି ପକାଇବା ଉତ୍ତମ ଖାଦ୍ୟ ପ୍ରସ୍ତୁତ କରିବା ପାଟି ତୁଣ୍ଡ କଳି ନକରିବା ପାଇଁ ଏକ ପ୍ରକାର ମାନି କାମ କରି ଆସୁଛନ୍ତି। ବୈକୁଣ୍ଠରେ କୁଣ୍ଠାନାହିଁ କୁଣ୍ଠା ଅର୍ଥ ନାହିଁ ନାହିଁ ନେତି ନେତି, ଗୃହରେ ଦ୍ରବ୍ୟନାହିଁ, ଦ୍ରବ୍ୟର ଅଭାବ ସହଯୋଗର ଅଭାବରୁ କଳି ଉତ୍ତେଜନା ମାତ୍ର ଅଭାବ ସୃଷ୍ଟି ନକରି ଅଭାବକୁ ଚଳାଇ ସଂକ୍ଷିପ୍ତରେ ଚଳିଲେ ସେ ଘର ବୈକୁଣ୍ଠ। ସେ ଗୃହରେ ସାଆନ୍ତାଣି ବାସ ସାଆନ୍ତାଣିମାନେ ମହାଲକ୍ଷ୍ମୀ। ଗୃହିଣୀଙ୍କ ନାମ ଗୃହଲକ୍ଷ୍ମୀ ଯେଉଁ ବୋହୁ ଆସନ୍ତୁ ୧ଥର ଆସିଲେ ବର ଆଗରେ କନ୍ୟା ହୋଇ ଆସନ୍ତି। ତାଙ୍କ ପାଇଁ ହୁଳହୁଳି ପଡ଼େ, ପ୍ରଦୀପରେ ବୃନ୍ଦାବନ ଅରୁଆ ଚାଉଳ ଦୁବ ପୁଷ୍ପ ପକାଯାଏ ବନ୍ଦାପନା କରି ମୁଖ୍ୟ ଦ୍ୱାରା ମୁଖରୁ ଦେଇ ପିଣ୍ଡି ଘରକୁ ଗୃହଲକ୍ଷ୍ମୀଙ୍କୁ ନିଆଯାଉଛି। କାରଣ ସେ ସେହି ଦିନ ଠାରୁ ଗୃହର ଭବିଷ୍ୟତ। ଗୃହଲକ୍ଷ୍ମୀଙ୍କୁ ପ୍ରଥମେ କର୍ତ୍ତବ୍ୟ ହେଲା ଗୃହରେ ଶାନ୍ତି ରକ୍ଷା, ଏହାଦ୍ୱାରା ବିଶ୍ୱରେ ବଡ଼ ନିରୀକ୍ଷକ ପଦବୀରେ ମହାଲକ୍ଷ୍ମୀଙ୍କର ଅନୁକମ୍ପା ହାସଲ।

ମହାଲକ୍ଷ୍ମୀଙ୍କର ପୁଣି ଜ୍ୟେଷ୍ଠ ଅଛନ୍ତି ଯେ ବଳଭଦ୍ର ଗୋସେଇଁ। ତାଙ୍କର ହୁକୁମ କାନୁନରେ ତାଙ୍କୁ ଚଳିବାକୁ ହୁଏ। ଭଦ୍ରଲୋକ ଆଚରଣ ସହିତ ବଳବାନ ଓ କୌଣସି ଅବସ୍ଥାରେ ଭୟ ନକରି ପରିସ୍ଥିତିରେ ମୁକାବିଲା କରି ନିଜର ଜିତାପଟ କେବଳ ସେହି ବଳଭଦ୍ରଙ୍କର ରହିଛି। ମର୍ତ୍ତ୍ୟର ସବୁ ଭଦ୍ରବ୍ୟକ୍ତିଙ୍କର ଆଦର୍ଶ। ଆଦର୍ଶ ଭଦ୍ର ବ୍ୟକ୍ତି ରହିଥିବା ଗୃହରେ ଗୃହଲକ୍ଷ୍ମୀ ମାନ୍ୟତା ସ୍ତ୍ରୀଲୋକ ଯଦି ଥିବେ ଓ ବଳଭଦ୍ର କଳା ଓ ମହାଲକ୍ଷ୍ମୀ ଆଦର୍ଶ ଅନୁପ୍ରାଣୀତ କଣ ଏମାନଙ୍କର ଥିବ ସେ ଘର ତ ଶ୍ରୀକ୍ଷେତ୍ରର ଅଂଶ। ସନିଅର-ଜୁନିଅର ସ୍ତର ଅଛି ଶାଶୁ ସିନିୟର ଗୃହଲକ୍ଷ୍ମୀ, ବୋହୁ ଜୁନିଅର ଗୃହଲକ୍ଷ୍ମୀ। ଜୁନିଅର ସମୟ ବଢ଼ିଲେ ସିନିୟର ହୋଇଥାନ୍ତି। ଏପାଇଁ ଜୁନିଅରମାନେ ଛୋଟୁ କନିଷ୍ଠ। ନାର ଅର୍ଥ ଜଳ, ଯେ ଜଳରେ ଶୟନ କରିଥାନ୍ତି ତାଙ୍କର ନାମ ନାରାୟଣ। 'ଦ' ଦାନ ପ୍ରଦାନ କାର୍ଯ୍ୟରେ ଲାଗେ। ଜଳର ପବିତ୍ରକରଣ ସମ୍ବନ୍ଧ ଅଛି ଏ ପାଇଁ। ୩ଟି ଜଳ ରାଳ ଜ୍ୟୋତିଷରେ ଅଛି ଯାହା ଜାତିଦୃଷ୍ଟେ, ବ୍ରାହ୍ମଣ ରାଶି, ଯେଉଁ ଜାତିଙ୍କର ସବୁ ସଂସ୍କାର ଅବଲମ୍ବନ ଅଛି। ମାନବର ଦେହରେ ଛଅ ରିପୁ ଅଛନ୍ତି। ଏ ରିପୁ ହିଁ ଦୁଃଖ କଷ୍ଟର କାରଣ। ବ୍ରାହ୍ମଣମାନେ ଛଅ ଖିଅ ପଇତା ପିନ୍ଧି ଏ ରିପୁକୁ ନିୟନ୍ତ୍ରଣ କରନ୍ତି। ଅନେକ ନଅ ଖିଅ ପିନ୍ଧନ୍ତି। ଶରୀରରେ ନବ ଦ୍ୱାର ଅଛି ଦୁଇଟି ଆଖି, ଗୋଟିଏ ପାଟି, ଦୁଇଟି ନାକ, ଯୌନାଙ୍ଗ, ଗୃହ୍ୟଦ୍ୱାର, କାନ ଦୁଇ ଏପରି ନବଦ୍ୱାର। ଏହି ନବଦ୍ୱାର ଉପରେ ନିୟନ୍ତ୍ରଣ ପାଇଁ ମନ୍ତ୍ରପୂତ ବ୍ରହ୍ମସୂତ୍ର ପଇତା ଧାରଣ ଏମାନେ ଗୁରୁଦ୍ୱରା ସଂକଳ୍ପବଦ୍ଧ ହୋଇ ପିନ୍ଧିଥାନ୍ତି। ନାରଦ ବ୍ରହ୍ମାଙ୍କ ପୁତ୍ର ସମ୍ପୂର୍ଣ୍ଣ ବ୍ରାହ୍ମଣ ତାଙ୍କ କଠୋର ପବିତ୍ରତା ଅଛି ସେ କୌଣସି ସ୍ଥାନେ ଉପସ୍ଥିତ ଅର୍ଥ ସେ ସ୍ଥାନର ମନକୁ କୁସଂସ୍କାର ସାଧନ ହୋଇଥାଏ। ମୃତ୍ୟୁର କାଳ କାହାର ଉପସ୍ଥିତ ହେଲେ ତାଙ୍କ ପାଟିରେ ଗଙ୍ଗାଜଳ, ତୁଳସୀଜଳ, ମହାପ୍ରସାଦ ପାଣି ଦିଆଯାଏ। ପବିତ୍ର ଧର୍ମଗ୍ରନ୍ଥର କିଛି ଅଂଶ ତାଙ୍କ ପାଖରେ ପାଠ କରାଯାଏ। ହେଲେ ଜୀବନରେ ଯଦି ବହୁ ପୂର୍ବରୁ ଦେବତାଙ୍କର ନାମ ସଦା କାର୍ଯ୍ୟବ୍ୟସ୍ତରେ ମନନ କରାଯାଇଥାଏ ଏହା ଘୋଷା ହୁଏ ଶେଷ ଜୀବନରେ ତାହା ମନକୁ ଆସିଯାଏ। ମାତ୍ର ଶତୃତା ସାଧନ ଝନ, ଜମି ଜମା ବିଷୟରେ ଚିନ୍ତନ ଥିଲେ ଜୀବର ସୁଖମରଣ ହୋଇନପାରେ। ଏଥିପାଇଁ ବ୍ୟକ୍ତିମାନେ କୌଣସି ପ୍ରାପ୍ତି ଚିନ୍ତା, ପିଲାଙ୍କ ନାମ ଦେବାଦେବୀ ନାମ ଦେଇଥାନ୍ତି। ସବୁଠାରୁ ଭଲ ନାମ ନାରାୟଣ। କେହି ଗୃହାନ୍ତର ହୋଇ ବାହାରକୁ ଯାଉଛନ୍ତି ଦୂରଗାମୀ ଯାନରେ ବସୁଛନ୍ତି ମୁଖରେ ନାରାୟଣ ଉଚ୍ଚାରଣ କରନ୍ତୁ ନିଶ୍ଚେ ପଥକଷ୍ଟା କଟିବ ପୁଣି ଯାତ୍ରା ଉଦ୍ଦେଶ୍ୟ ସିଦ୍ଧି ହେବ।

*'ବରେଣ୍ୟ ବାଣୀ' ପିସି ସରକାର ଲେନ୍, ଅରୁଣୋଦୟ ମାର୍କେଟ, କଟକ*
*ଦୂରଭାଷ : ୯୪୩୭୦୩୧୨୫୩*

## ଯୋଗାଯୋଗ ଠିକଣା

ଏକମାତ୍ର, ପ୍ଲଟ୍-୧୮୬, ଲେନ୍-୨, ବିମାନଘାଟୀ ଅଞ୍ଚଳ
ଭୁବନେଶ୍ୱର-୭୫୧୦୨୦, ଓଡ଼ିଶା
ଦୂରଭାଷ : ୦୯୩୩୮୨୨୫୯୩୦, ୯୪୩୭୧୩୩୭୭୭

## ଧାରାବାହିକ ଉପନ୍ୟାସ

ବିଶୃଙ୍ଖଳ ରାତି ଓ ଶାଳପତ୍ରୀ



ଡ. ମୌସୁମୀ ପରିଡା

ଭାଗ-୬୦



(ପୂର୍ବପ୍ରକାଶ ଉତ୍ତାରୁ)

ମୁଁ ଆଜି ସଂପୂର୍ଣ୍ଣଭାବରେ ଏକୁଟିଆ ହୋଇଯାଇଛି ଲୀନା ! ମୋ ଆଖପାଖରେ କେହିନାହାନ୍ତି ଆଜି। ମୋ ମନଭିତରେ ଏଭଳି ସ୍ତ୍ରୀଟିର ରୂପରେଖ ଛପିଯାଇଥିଲା, ଯିଏ କି ତୋ ଭଳି ମୋତେ ଆଦର କରିବ, ଆପଣାର କରିବ। ମୁଁ ମୋ ଭଳି ଥିଲେ ହୁଏତ ହାରିନଥାନ୍ତି କି ଏକାଟିଆ ପାଲଟି ନଥାନ୍ତି। କିନ୍ତୁ ମୋ ଭିତରେ ତୋର ପ୍ରତିଫଳନ ହିଁ ମୋତେ ହରାଇ ଦେଇଛି।

ସମସ୍ତଙ୍କ ଭିତରେ ତୋତେ ଖୋଜି ଖୋଜି ମୁଁ ପରାସ୍ତ। ତୁ ମୋତେ ମାନସିକ ସ୍ତରରେ ଏତେ ରୁଗ୍ଣ କରିଦେଇଛୁ ଯେ ଶତଚେଷ୍ଟା କରି ବି କାହା ଭିତରେ ସନ୍ତୁଷ୍ଟ ହୋଇପାରୁନି ମୁଁ। ସମସ୍ତ ପ୍ରାପ୍ତି ଭିତରେ ବି ଅଶାନ୍ତିବୋଧ, ସବୁଖୁସି ଭିତରେ ବି ଅସହିଷ୍ଣୁତା, ସବୁ ପାଖରେ ଥାଇ ବି କିଛି ଗୋଟାଏ ଯନ୍ତ୍ରଣାବୋଧ..କିଛି ଅମୂଲ୍ୟ ଜିନିଷଟିକୁ ହଜାଇ ଦେବାର ଅପରାଧବୋଧ..ମୋତେ ଘୁଣ ପୋକଟି ପରି ଖାଇ ଚାଲିଛି ସାରାଜୀବନ। ମୁଁ ମୁକ୍ତ ଅଥଚ ମୁକ୍ତି କାହିଁ? ମୁଁ ସୁଖୀ ଅଥଚ ସୁଖ ମୋଠାରୁ ଢେର୍ ଦୂରରେ। ସବୁକିଛି ପାଇ ବି ମୁଁ ହଜାଇଦେଇ ସାରିଛି। ବୋଧହୁଏ ତୁ ମୋ ଭିତରେ ଜମାଟ ବାନ୍ଧିଛୁ ନିବିଡ ଭାବରେ।

ମୁଁ ତୋତେ ଅନୁଭବ ତ କରିପାରୁଛି ହେଲେ ଛୁଇଁ ପାରିନି। ତୋତେ ଦେଖିପାରୁଛି ହେଲେ ତୋ ସହିତ ଚାଲିପାରୁନି ନିରବଚ୍ଛିନ୍ନ ଭାବରେ। ତୁ ମୋ ଜ୍ଞାତ କିମ୍ବା ଅଜ୍ଞାତରେ ମୋ ଭିତରେ ଏମିତି ମିଶିଯାଇସାରିଛୁ ଯେ ମୁଁ ଚାହିଁ ବି ନିଜଠାରୁ ତୋତେ ପୃଥକ୍ କରିପାରୁନି। ଆଉ ଅନ୍ୟକାହା ପାଖରେ ମଧ୍ୟ ନିଜକୁ ସ୍ୱାଭାବିକ୍ କରିପାରୁନି। ଲାଗୁଛି ମୁଁ ଯେପରି ଖୁବ୍ ଦରିଦ୍ର ପାଲଟି ଯାଉଛି। ମୋ ଭିତରର ଅଭାବପଣ ଭିତରେ ମୁଁ ନିଃସ୍ୱ ହୋଇଆସୁଛି ! ମନୀଷା ଏତେ ଉଚ୍ଚାକାଂକ୍ଷୀ ନ ହୋଇଥିଲେ ହୁଏତ ମୁଁ ନିଜକୁ ସଂଭାଳି ପାରିଥାନ୍ତି। ତୋ ଅଭାବକୁ ପୂର୍ଣ୍ଣ କରିପାରିଥାନ୍ତି।

ହେଲେ ସେ ବି..ମୋ ଦୁଃଖ ଓ ମାନସିକତାକୁ ବୁଝିପାରିଲାନି କି ଚେଷ୍ଟା ମଧ୍ୟକଲାନି। ଆଗରୁ ମୋର ପ୍ରତିଟି ଆବଶ୍ୟକତାବେଳେ ତୋର ଅଭାବ ଅନୁଭୂତ ହୁଏ। କଲେଜରେ ପଢିଲା ବେଳେ ଶୋଷ ଲାଗିଲେ ତୁ ମନରେ ସ୍ୱତଃ ଆସିଯାଉ। ଭୋକ ଲାଗିଲେ..ବିରକ୍ତ ହେଲେ ବି ତୁ ମନେପଡୁ। ପୁଣି ଅଫିସରେ ବି ଫାଙ୍କା ସମୟରେ ତୋ ଚେହେରା ଆପେ ଆପେ ଆଖି ଆଗକୁ ଆସିଯାଏ। ଲାଗେ- ତୁ ଯେମିତି ମୋର ପ୍ରତ୍ୟେକ ଆବଶ୍ୟକତା ଖୁବ୍ ଭଲଭାବେ ଜାଣୁ। ମୋର କେତେବେଳେ କଣ ଦରକାର, ମୋର ପସନ୍ଦ ଅପସନ୍ଦ ସବୁକିଛି ତୋଠାରୁ ବେଶୀ କେହି ଭଲଭାବେ ଜାଣନ୍ତି ନାହିଁ। କାରଣ ତୁ କାହାରିକୁ କରିବାକୁ କିମ୍ବା ଜାଣିବାକୁ ବି ଦେଉନାହିଁ।

ହେଲେ ମନୀଷା ଆସିବାପରେ ଲାଗିଲା- ଏଥର ମନିଷା ସହିତ ମୋତେ ଅଭ୍ୟସ୍ତ ହେବାକୁ ପଡିବ। ତୋତେ ବି ମୋ କାମରୁ ମୁକ୍ତି ମିଳିଯିବ। ତୁ ବି ଟିକେ ସମୟ ପାଇବୁ। ଆଜିଯାଏଁ ତୁ ଖାଲି କରିଛୁ ଆଉ କରୁଛୁ ଆମପାଇଁ। ହେଲେ ସେ ବି ତୋ ଉପରେ ନିର୍ଭର କଲା। ତା କାମ ବି ତୋତେ ହିଁ କରିବାକୁ ହେଲା। ଚାହିଁକି ବି ତୋଠାରୁ ମୁକୁଳି ପାରିଲିନି।

ସମୟ ତାହା କରାଇ ଦେଲାନି। ଦିଲ୍ଲୀ ଯିବା ପରେ ମୁଁ ଏତେଥର ଯାଇ ମନୀଷାର ମନକୁ ପରିବର୍ତ୍ତନ କରିବାର ଚେଷ୍ଟା କରିଛି, ହେଲେ କିଛି ଫଳବତୀ ହୋଇନି। ମୁଁ ମନୀଷା ପାଇଁ ମୋ ଘର ଛାଡିପାରିବିନି କେବେ ! କାରଣ ମୁଁ ବିବାହ ପରେ କଣ ଖାଲି ମନୀଷାର? ମୋ ବାପା ମାଆଙ୍କର ନୁହେଁ? କାହିଁକି, ମୁଁ କଣ ଏକ ସାମାଜିକ ପ୍ରାଣୀ ନୁହେଁ? ମୋ ଭିତରେ କଣ ମୋର ନିଜର ଇଚ୍ଛା ନାହିଁ କି ଅବଶୋଷ ନାହିଁ? ଅନ୍ୟର ଭଲମନ୍ଦ ଦେଖି ଦେଖି କଣ ମୁଁ ମୋ ନିଜକୁ ଓ ମୋର ଇଚ୍ଛାମାନଙ୍କୁ ମୋ ଭିତରେ ମାରିଦେବି? ହେଲେ ତା ବି କରିଦେଖିଛି। ସବୁ ଇଚ୍ଛାମାନଙ୍କ ପରିତ୍ୟାଗ କରି ମନୀଷାକୁ ସୁଖୀକରିବା ପାଇଁ ଏ ଘରକୁ ଛାଡିଦେବାର ଦୁଃସ୍ୱପ୍ନ ବି ଦେଖିଛି। ହେଲେ ମନୀଷା ସେଥିରେ ବି ସୁଖୀ ନଥିଲା। ଦିଲ୍ଲୀର ଆଧୁନିକତା ଭିତରେ ସେ ଜଣେ ସ୍ତ୍ରୀ ଓ ମାଆର ଭୂମିକା ଭୁଲିସାରିଥିଲା।

ସାରାଦିନ ଆୟା ପାଖରେ ପିଲାମାନଙ୍କୁ ଛାଡିଦେଇ ସେ ଅଫିସରେ ରହୁଥିଲା ନୋଚେତ୍ କୌଣସି କ୍ଲବ୍ କିମ୍ବା ପାର୍ଟିରେ ବ୍ୟସ୍ତଥିଲା। ଆଉ ମୁଁ ଘରେ ବସିରହି ଏକାକୀପଣକୁ ଅନୁଭବ କରୁଥିଲି। ଲାଗୁଥିଲା ମୋ ଭବିଷ୍ୟତ ମାଟି ହୋଇଯିବ? ତା ପାଖରେ ନିରୀହ ହରିଣ ଛୁଆଟି ପରି ମୁଁ ଡେଇଁବି। ଆଉ ସେ ତାର ମନର ଓରମାନ ମେଂଟାଇବ? ତା ବାପା, ମାଆ ଓ ଦାଦାଙ୍କୁ ଆମ ସଂପର୍କର ବିଫଳତା ବିଷୟରେ କହି ବି ଲାଭ ହେଲାନି। ସେମାନେ ମୋ ଭାବାବେଗକୁ ବୁଝି ପାରିଲେନି। ବରଂ ମୋତେ ବିବାହ କରି ତା ଜୀବନ ବ୍ୟର୍ଥ ହୋଇଯାଇଛି ବୋଲି ପାଲଟା ଅଭିଯୋଗ କଲେ। ଡିଭୋର୍ସ ଦେବାକୁ ବାଧ୍ୟ କରିବାରୁ ମୁଁ ରାଜିହୋଇ ପିଲାମାନଙ୍କୁ ନେଇ ଏଠିକୁ ଚାଲି ଆସିବାକୁ ଚାହିଁଲି। ସେଥିରେ ମନୀଷା ରାଜି ହେଲାନି। ପୋଲିସ୍ କେଶ୍ କରିବ ବୋଲି ଧମକ ଦେଲା। ତା ପରଠାରୁ ମୁଁ ଆଉ ପଛକୁ ଫେରି ଚାହିଁଲିନି। ମୁଁ ଜାଣେ ସେ ପିଲାମାନଙ୍କର ଅମଙ୍ଗଳ କରିବନି। ଯେଉଁ ସୋସାଇଟିରେ ସେ ଜୀଇଁବାକୁ ଚାହେଁ, ସେ ସୋସାଇଟି ମୁଁ ତାକୁ ଦେଇପାରିବିନି। ଯେଉଁଭଳି ଭାବେ ସେ ବଂଚିବାକୁ ଚାହେଁ ସେଭଳି ଉନ୍ମୁକ୍ତ ଭାବେ ମୁଁ ତାକୁ ବଂଚିବାକୁ ଛାଡି ଦେଇପାରିବି ନାହିଁ। ତେଣୁ ସେ ମୋତେ ପରିତ୍ୟାଗ କଲା। ମୁଁ କାଳେ ଗୋଟେ ଯୋଗ୍ୟ ସ୍ୱାମୀ ନୁହେଁ ତା ପାଇଁ।

ତା ମତରେ ମୁଁ କାଳେ ତା ଭିତରେ ଗୋଟେ ଚାକରାଣୀର ଛାଇକୁ ଖୋଜେ। ମୁଁ କୁଆଡେ ରୁଢିବାଦୀ ! ହେଲେ ମୁଁ ସତକହୁଛି-ସବୁ କିଛି ପରିତ୍ୟାଗ କରି ମୁଁ ସଂସାର ରଚିବାକୁ ଚାହୁଁଥିଲି ତା ସହିତ। ହେଲେ ସେ ସୁଯୋଗ ସେ ମୋତେ ଦେଲା ନାହିଁ। ମୋତେ ତା ଭିତରେ ବାନ୍ଧି ଦେଇପାରିଲା ନାହିଁ ଠିକ୍ ତୋ ଭଳି। ଯେଉଁଦିନ ପ୍ରଚୁର ମଦପିଇ ସେ ଅନ୍ୟଜଣେ ବନ୍ଧୁଙ୍କ ସହିତ ରାତି ଅଧରେ ଘରକୁ ଫେରିଲା, ସେତେବେଳେ ମୁଁ ଜାଣିଲି ଆମ ବାଟ ବଦଳିଯାଇଛି। ଆମେ ଏବେ କେହି କାହାରିକୁ ଚିହ୍ନି ନାହୁଁ କି ଜାଣି ନାହୁଁ। ଗୋଟେ ସମୟରେ ଆମେ କେହି କାହା ବିନା ମୁହୂର୍ତ୍ତଟିଏ ଜୀଇଁ ପାରୁନଥିଲୁ !

ହେଲେ ଆଜି ଆମେ ପରସ୍ପରର ବିପରିତ ଦିଗରେ.. ପରସ୍ପରକୁ ପିଠିକରି ଛିଡା ହୋଇଛୁ। କେହି କାହାରିକୁ ଦଣ୍ଡେ ମାତ୍ର ସହ୍ୟକରି ପାରୁନାହୁଁ। ମୋ ବ୍ୟକ୍ତିତ୍ୱ ତାକୁ କୁଆଡେ ମାନସିକ ସ୍ତରରେ ରୁଗ୍ଣ କରିସାରିଥିଲା। ଆଉ ମୁଁ ଭାବୁଥିଲି ସେ ମୋ ଜୀବନକୁ ନଷ୍ଟ କରିନାହିଁ ବରଂ ମୋ ସହିତ ଛଳନା କରିଛି। ତଥାପି ମୁଁ ତାକୁ ସୁଯୋଗ ଦେଇଛି। ନିଜକୁ ବୁଝାଇଛି। ହେଲେ ମୁଁ ଖୁବ୍ ବିକଳ ଭାବେ ପରାଜିତ।

ମୋତେ ନେଇ ତାର ଅସରନ୍ତି ଅଭିଯୋଗ। ମୁଁ କାଳେ ତା ସହିତ ଥିବାବେଳେ ବି ଅନ୍ୟମନସ୍କ ଥାଏ। ବିଛଣାରେ ତାଦେହକୁ ଲାଗି ଶୋଇଥିଲେ ବି ତାକୁ କୁଆଡେ ଅଣଦେଖା କରେ। ତା ଭିତରେ ମୁଁ କାଳେ ଆଉ କାହାକୁ ଖୋଜେ। ମୋର ଉଦ୍‌ବେଗ କୁଆଡେ ସରିଯାଇଛି। ତାର ଶଙ୍କା ଯେ ମୁଁ କାଳେ ତା ପରି ଆଉ କାହାକୁ ଭଲ ପାଇ ବସିଛି। ହେଲେ କାହାକୁ...ସେ ମୋତେ ବାରମ୍ବାର ପଚାରେ..ସେ କିଏ,ସେ କିଏ? ହେଲେ ସେ କିଏ..ମୁଁ ନିଜେ ବି ଜାଣେନି। ହୁଏତ ମୁଁ ମୋ ନିଜକୁ ବୁଝିନି ଠିକ୍ ଭାବେ। ନହେଲେ ଆଜି ମୋର ଏପରି ବିଡମ୍ବିତ ସ୍ଥିତି ହୋଇନଥାନ୍ତା ! ହେଲେ ଅନ୍ୟ ଉପାୟ ବି ତ ନଥିଲା ଆମପାଖରେ।

ପ୍ରକୃତରେ ତା ଭିତରେ କିଛି ବିଲକ୍ଷଣ ମୁଁ ଦେଖି ପାରୁନଥିଲି।

କିନ୍ତୁ ମୋ ଭିତରେ ଗୋଟେ ବିରାଟ ଯୁଦ୍ଧ ଚାଲିଥିଲା। ଆଉ ମୋ ମୁଖମଣ୍ଡଳରେ କିଛି ଲକ୍ଷଣ ବି ଥିଲା ବୋଧହୁଏ କାରଣ ମୋ ସାନପୁଅଟି ମୋତେ ବାରମ୍ବାର ପଚାରୁଥିଲା- ଡାଡି, ତୁମେ କଣ କାନ୍ଦୁଥିଲ? ମୁଁ ତାକୁ ସିନା ମିଛ କହି ଠକି ଦେଲି ହେଲେ ନିଜକୁ ପାରିଲି ନାହି। କୋର୍ଟ ମୋ ପିଲାମାନଙ୍କୁ ଭେଟିବାର ସୁଯୋଗ ମୋତେ ଦେଇଥିଲା। ତା ସହିତ ସେମାନଙ୍କ ଭରଣପୋଷଣ ଦାୟିତ୍ୱ ବି। ମନିଷା ଅନ୍ୟତ୍ର ବିବାହ ନକରିବା ପର୍ଯ୍ୟନ୍ତ ତାର ଭରଣପୋଷଣର ସମସ୍ତ ଦାୟିତ୍ୱ ବି ମୋ ଉପରେ ନ୍ୟସ୍ତ ଥିଲା।

ହେଲେ ତୁ ଜାଣି ଖୁସିହେବୁ ଯେ ସେ ଗତ ସପ୍ତାହରେ ଅନ୍ୟତ୍ର ବିବାହ କରିଯାଇଛି। ତାର ଦାୟିତ୍ୱ ଆଉ ମୋର ନୁହେଁ। କେବଳ ପିଲାମାନଙ୍କ ଦାୟିତ୍ୱ ସେ ମାତ୍ର ଦୁଇବର୍ଷ ତୁଲାଇବ। ତାପରେ ସେମାନଙ୍କ ଦାୟିତ୍ୱ ମୋର। ମୁଁ ତ ଏବେ ମାନେ ଏଇ କିଛିଦିନ ଭିତରେ ଦିଲ୍ଲୀ ଯାଇ ପିଲାମାନଙ୍କୁ ନେଇ ଆସିବାକୁ ଚାହୁଁଥିଲି। ହେଲେ କୋର୍ଟ ଅନୁସାରେ ଦୁଇବର୍ଷ ଅପେକ୍ଷା କରିବାକୁ ପଡିବ।

ଲାଗୁଥିଲା ସାନବାବୁ ତାହେଲେ ତାକୁ ଜାଣିଛନ୍ତି ଓ ବୁଝିଛନ୍ତି ବହୁ ଆଗରୁ। ତାକୁ ଏତେ ନିକଟରୁ ଖୁବ୍ ଭଲଭାବରେ ଜାଣି ବି ସ୍ୱୀକାର କରିପାରିନାହାନ୍ତି ତାଙ୍କ ଭାବାବେଗ। ଜାଣିଜାଣି ମନଖୋଲି ପଦୁଟିଏ କଥା ବି ହୋଇନଥାନ୍ତି। କାଳେ ସେ ତା ନିଜ ଭିତରେ ବାନ୍ଧିପକାଇବ ସାନବାବୁଙ୍କୁ। ମାଲ୍ୟାଣୀ ପରି ତାଙ୍କୁ ମେଣ୍ଢା ବନେଇଦବ ରାତିରେ ! ଆଜି ଜୀବନ ଯୁଦ୍ଧରେ ହାରିଗଲା ପରେ, ସଂପୂର୍ଣ୍ଣ ଏକାଟିଆ ହୋଇଯିବାପରେ ସେ ତାକୁ ବୁଝିବାର ଓ ଜାଣିବାର ଦୃଢୋକ୍ତି କରୁଛନ୍ତି। ତାକୁ ଓ ତାର ଅନୁରାଗର ଭିଜା ଦିନ ରାତ୍ରୀମାନଙ୍କୁ ସ୍ୱୀକାର କରୁଛନ୍ତି ! ହେଲେ ସେ ମୁହୂର୍ତ୍ତମାନଙ୍କ ତାଡନା, ଅସହାୟତାମାନଙ୍କ ମୂର୍ଚ୍ଛନା, ଉପେକ୍ଷାର ଯନ୍ତ୍ରଣା..ଏସବୁର ମୂଲ୍ୟକଣ ସେ ଦେଇ ପାରିବେ? ଫେରାଇ ଦେଇପାରିବେ ସେ ଅମୂଲ୍ୟ ଦିନମାନଙ୍କୁ? ଅତନ୍ଦ୍ର ରାତ୍ରିମାନଂକ ଯନ୍ତ୍ରଣାକୁ ସେ ଉପଶମ କରାଇ ପାରିବେ? ସେ କଣ ତା ସ୍ନେହ,ପ୍ରେମ ଓ ଅନୁରାଗରେ ଭିଜା ମୁହୂର୍ତ୍ତମାନଙ୍କ ପାଉଣା ଦେଇପାରିବେ କେବେ? ତା ଜୀବନର ଆରମ୍ଭ ହିଁ ସେ..ଶେଷ ବି ସେ ଠିକ୍ ଦିନ ଓ ରାତିଭଳି।

ଏଥିପାଇଁ ସେ ଜେଜେମା'ଠାରୁ କେତେ ଗାଳି ଖାଇଛି ! କେତେ ଚିନ୍ତା ଭିତରେ ଘାରି ହୋଇଛି ! ତଥାପି ତା ତପସ୍ୟାରେ ବ୍ୟାଘାତ ଘଟିନି।

(କ୍ରମଶଃ)

## ନୂଆ ଏକ ଭଲପାଇବାର କଥା



ସୁବ୍ରତ କୁମାର ସେନାପତି

'ଗୋଟେ ରାଜକୁମାର ଆସିବ
ଧଳାଘୋଡ଼ା ଚଢ଼ି
ଆଉ ତୋତେ ନେଇଯିବ ରାଣୀ କରି' :
ଏ ଗପ କୁହା ଏଥର ତ ବନ୍ଦ ହେଉ।
ଲେଖାଯାଉ, କୁହାଯାଉ, ପଢାଯାଉ
ଏଇ ଭଲପାଇବାର କଥାକୁ
ଆଉ ଟିକେ ଅଲଗା କରି
ଏଇ ଯେମିତି:
ତୋତେ ଭଲ ପାଉଥିବା ମଣିଷଟେ ଆସିବ
ତୋ ହାତରେ ହାତ ଛନ୍ଦି ନେଇଯିବ
ବିଶ୍ୱାସର ଦୂରନ୍ତ ବନଭୂମି ପାଖକୁ।
ସେ ବନଭୂମିରେ
ନିଷିଦ୍ଧ ଫଳ ବୋଲି କିଛି ନଥିବ
ବିଶ୍ୱାସର ଫଳ ସବୁ
ଚିରକାଳ ସବୁଜ ହୋଇ ମିଶି ଯାଉଥିବେ
ପତ୍ର ଗହଳିରେ
ଈର୍ଷା, ଘୃଣା ଯେତେ ଝରି ଯାଉଥିବେ
ଶୁଖିଲା ପତ୍ର ପରି।
ସେ ଆଉ ମୁଁ
ପରସ୍ପରକୁ ଚୁମୁଥିବା ବେଳେ
ପ୍ରଶ୍ନବାଚୀ ଯେତେ ଫୁଟି ଯାଉନଥିବେ
କଣ୍ଟା ହୋଇ ଅବା କେଉଁ କୋରଡରେ
ଅସହିଷ୍ଣୁତାର ରଞ୍ଜକ
ଜାଳି ଦେଉ ନଥିବ
ଶ୍ୟାମଳ ବନଭୂମିର ଶୋଭା
ନିଆଁ ହୋଇ।
ଏଠି ଆଖି ଖୋଜୁ ନଥିବ
କିଏ ବୃକ୍ଷ
ଆଉ କିଏ ଲତିକା
କାନ ଶୁଣିବାକୁ ପ୍ରସ୍ତୁତ ଥିବ
ଏକା ପରି ସ୍ୱରରେ
ଦୁହିଁଙ୍କର ପ୍ରେମର ଗୀତିକା
ଝରା ଫୁଲ ପରି ଝରି ଯାଉଥିବ
ପ୍ରେମର ସେଇ ଚିରାଚରିତ କଥିତପଦଡା।।

ଖାରବେଳ ହଷ୍ଟେଲ ଓୟୁଏଟି ଭୁବନେଶ୍ୱର
ଫୋନ : ୭୯୭୮୧୬୮୧୯୩

## ପରିଚୟର ସନ୍ଧାନେ



ତେଜସ୍ୱିନୀ ପଟ୍ଟନାୟକ

ପରିଚୟ ହୀନ ଜୀବନର କି ମୂଲ୍ୟ?
ଯେତେସବୁ ଇଚ୍ଛା, କାମନା ଓ
ସବୁକିଛି ଜାଣିବାର ଇଚ୍ଛାକୁ
ସାହସକୁ ଏକଜୁଟ କରି
ଆଗକୁ ବଢ଼ିବାର ଚେଷ୍ଟାକୁ
ଫେରି ରହିଁବିନି
ପ୍ରତିହତ କରି
ମୋ ପାଦରେ ବେଡ଼ି ପଡିଥିବା
ଢୋକେ ପିଇ
ପୃଷ୍ଠିହୀନ ସହୋଦରମାନଙ୍କୁ
ଗଣ୍ଡେ ଖାଇ
ନିଶାଶକ୍ତ ବାପକୁ
ଦଣ୍ଡେ ଜିଇଁବାର
ଅଧାମରା ମାଆକୁ
କି ଯଥାର୍ଥତା :
ଅନ୍ଧକାରର ସେ ପଟଳକୁ
ପଥର ଭଙ୍ଗାର ଏ
ଚିରିବାର ସାହସ ବା କାହିଁ?
ଉତ୍ପୀଡନରୁ ମୁକ୍ତ ହୋଇ
ମହାତ୍ମା ଗାନ୍ଧିଙ୍କ ସେ ଭକ୍ତି
କଳା କଳା ଅକ୍ଷର
ଶିଶୁ ହସିଲେ ଦୁନିଆ ହସେ
ଭିତରେ ଖୋଜି ମୁଁ
ଆଜି ତାଯଲ୍ୟ ପାଲଟି ଯାଉଛି
ପାଇବି ମୋ ନିଜକୁ
ମେଦିନିପୁରର ସେ
ଶବ୍ଦର ସେ ମନ୍ତ୍ରଧ୍ୱନୀରେ
ଋ ବଗିଚରେ
ଚିହ୍ନିବି ମୁଁ ସାରାଜଗତକୁ
ଦିଆସିଲି ବାଣ ଆଦି କିନ୍ତୁ ହାୟ
କଳକାରଖାନାରେ
କ୍ଷୁଧାର ତାଡନା ଓ
ପଥର ଖାଦାନ ଅବା
ରକ୍ତ ସମ୍ପର୍କର ଆକର୍ଷଣରେ
ଟାଙ୍ଗରା ଭୂମିରେ ସବୁ ଯେ ନିଷ୍ପ୍ରଭ
ଯେତେବେଳେ ମୋ ସମବୟସ୍କା
ଅଜାଣତରେ କେବେ ମୁଁ
ଆଲୋକର ସନ୍ଧାନରେ ବ୍ରତୀ
ପାଲଟି ଯାଇଛି
ପୃଥିବୀକୁ ଜୟ କରିବାର
ଜନନୀ, ଭଗିନୀ
ଆଷ୍ପର୍ଦ୍ଧାରେ ରତ,
ପ୍ରଶମିତ କରିବାକୁ
ଜୀବନକୁ ଜିଇଁବାରେ,
ମୋ କୁନି ଭାଇଭଉଣୀଙ୍କ
ଖୋଜିବାରେ ଭୋକର ଜ୍ୱାଳା
ଜାଣିବାରେ ଲୀନ କରିବାକୁ ତାଙ୍କୁ
ମୋ ପାଇଁ ଜୀବନର
ଶୋଷଣରୁ ମୁକ୍ତି
ଏ କି କ୍ରୁର ପରିହାସ !
ଭିକ୍ଷାବୃତ୍ତିରୁ ନିବୃତି
ଇଚ୍ଛାହୁଏ ସବୁକିଛି
ବାସ୍ତବତାରେ ନ ହେଉ ପଛେ
ଶୃଙ୍ଖଳକୁ ଛିନ୍ନ କରି
ସ୍ୱପ୍ନରେ ମୁଁ ଫେରିପାଏ
ଧାଇଁ ଯିବିକି ସେ
ମୋ ପରିଚୟ କାରଣ
ଆଲୋକ ବର୍ତ୍ତିକା ପାଖକୁ
ମୁଁ ଜାଣେ ସ୍ୱପ୍ନ ହିଁ
ସତ୍ୟର ଏକ ନିର୍ଦ୍ଧାରିତ ମାର୍ଗ।

ତୁଳସୀପୁର, କଟକ
ଦୂରଭାଷ : ୮୨୪୯୭୪୬୧୨୩

## କାହା ପ୍ରତୀକ୍ଷାରେ



ସୁବ୍ରତ କୁମାର ଜେନା

ଆସେ ଉଶାସିକ୍ତ ଆନନ୍ଦ ମୁହୂର୍ତ୍ତ,
ମତେ ଆଚ୍ଛାଦିତ କ୍ଲାନ୍ତ ଗୋଧୂଳି ଅଶ୍ୱ,
ପାରୁନି ଜାଣି ନେପଥ୍ୟରୁ ଶୁଭେ କାହା ସ୍ୱର,
ଲଳିତ ଆଉ ଛନ୍ଦିତ ସ୍ୱରେ ପ୍ରକମ୍ପିତ ଚତୁର୍ଦ୍ଦିଗ।
କିଏ ସେହି ଶିଳ୍ପୀ?
କଣ ମୋନାଲିଶାର ଚିତ୍ରକର,
ନା ଆର୍ଯ୍ୟବ୍ରତ ଭାରତର ମାନସ ମନ୍ଥନ,
ନା ମନ୍ଦିର ଗତ୍ରରେ ଖୋଦିତ ଚାରୁଚିତ୍ରକଳା,
କିଏ ସେହି ଶିଳ୍ପୀ କିଏ ସେହି ଚିତ୍ରକର?
କି ମନଲୋଭା ତା'ତୁଳୀର ସ୍ପର୍ଶ,
ଆଙ୍କି ଦେଇଛି ଆକାଶର
ବିସ୍ତୀର୍ଣ୍ଣ ନିଳାଭ ବକ୍ଷରେ,
କାମନୀୟ ମନଲୋଭା ଇନ୍ଦ୍ରର ଧନୁ,
ସାଥେ ପୁଣି କେତେ ରଙ୍ଗର ବର୍ଣ୍ଣାଳି।
ସତରେ କିଏବା ବିମୋହିତ ନହେବ,
ଏ ଚାରୁଚିତ୍ରର କିମିଆଁ ମୋହରେ !
ଗୋଟେ ପାଖେ ଧିରେ ଧିରେ ପଡୁଛି
ମୋ ଦୀର୍ଘ ଉପେକ୍ଷିତ ଜୀବନରେ ଯବନିକା,
ଧିରେ ଧିରେ ଶାନ୍ତ ପଡିବାରେ ଲାଗିଛି,
ପକ୍ଷୀର ବସା ଫେରନ୍ତା କାକଳୀର ଆତୁର,
ଆଦୃଶ୍ୟ ହେଉଛି ଏବେ ଏବେ,
ଗୋରୁପଲର ଚରଣରେ
ଆଘାତପ୍ରାପ୍ତ ଧରାଣୀର ରେଣୁ,
ତଥାପି ସରୁନି ମୋର,
ଅନେକ ଆପଣା ଜନର
ବିଶ୍ୱାସ ଅବିଶ୍ୱାସର ବିଦ୍ରୋହ,
ପୁଣି ଟାଣି ଧରନ୍ତି ଅନେକ।
କାହିଁ ବାନ୍ଧି ରଖିଛ ମତେ
ପ୍ରେମ, ମୋହର ରଜ୍ଜୁରେ,
ଦିଅ ମତେ ଏବେତ ମେଲାଣୀ,
କାନ୍ଦନି କି କନ୍ଦାଆନି
ସଂସାରର ଚିରନ୍ତନ ସତ୍ୟକୁ ମାନି,
ଏବେତ ସମାପ୍ତ କର
ଚିନ୍ତାର ଚେତନାର ଆସର,
ଏ ସବୁ ଯେ ମାୟା,ଖାଲି ମାୟା,
ଘୋଟି ଅଛି ଛାୟା, ଅବିଶ୍ୱାସର କାୟା,
କିଛି ଦିନ ଲାଗି ହେଉ ପଛେ !
ପୁଣି ହେବ ଗୋଟେ ନୂଆ ସର୍ଜନାର ପ୍ରାରମ୍ଭ,
ଦେଖ କେମିତି ପ୍ରସ୍ତୁତ କରିବାକୁ ସ୍ୱାଗତ,
ଦଶ ଦିଗପାଳ ହାତରେ ଧରି ପୁଷ୍ପ ମାଳ,
ଉଷାର ଝାସ୍ୱାୟିତ କିରଣର
ପଥେ ପଥେ ମୁକ୍ତିଲାଗି।

ଶୂରଡିହ,ନନ୍ଦିପୁର,ଯାଜପୁର
ଦୂରଭାଷ :୯୭୭୬୨୦୮୯୩୦

## ମକର ଆସିଛି ଫେରି

ବିଜୟ କୁମାର ପଣ୍ଡା





କୁସୁମକୁ ସଜବାଜ କରି ପାଉଁଜି ପିନ୍ଧେଇଦିଏ ମା' ସାବି। ତା' ପାଇଁ ରୁପାର ପାଉଁଜିଟିଏ କିଣିବାକୁ କେତେ ସପନ, ହେଲେ..ଏତେ ସପନକୁ ରାତି କାହିଁ!

କୁନି କୁନି ପାଦରେ ଚପଳଛନ୍ଦା ଠାଣିରେ ଛମ ଛମ ଶବ୍ଦରେ ଅଣ୍ଟା ଭାଙ୍ଗି ଯେବେ ଚାଲିଯାଏ ଘର ଅଗଣା କୁସୁମିତ ହୋଇଯାଏ।

ଜେଜେମା ଓ ବାପା ଷଡ଼ଯନ୍ତ୍ର କରି ଝିଅଟିଏ ବୋଲି ଜନ୍ମ ହେବା କ୍ଷଣି ତାକୁ ଅଲୋଡ଼ା କରି ପାହାଡ଼ ସେପାଖେ ପକେଇ ଦେଇଆସିଥିଲେ। ଏଇ ଦାସିଆ ଅଜା ତାକୁ ଆଦରି ନେଇଥିଲେ, ନାଁ ତାର ରଖିଥିଲେ କୁସୁମ।

କୁସୁମର ମା' ସାବି ପାଖ ଖଣିରେ ଦିନ ମଜୁରିଆ କାମ କରି ଯାହା କିଛି ରୋଜଗାର କରେ ସେଥିରେ ଘର ଚଳିଯାଏ।

କୁସୁମ ଏବେ ଅଷ୍ଟମ ଶ୍ରେଣୀରେ। ଫୁଲନ ଆଇ ଏବଂ ଦାସିଆ ଅଜା ପାଇଁ ଗଳାର ହାର, ଅନ୍ଧର ଲଉଡ଼ି ସଦୃଶ। ଫୁଲନ ଆଇ ତାକୁ ଗେହ୍ଲାରେ କୁଶ ବୋଲି ଡାକେ।

ମିନି ଆଉ କୁସୁମ ଦୁହେଁ ଗାଁ ସ୍କୁଲରେ ପଢ଼ନ୍ତି ଅଲଗା ଶ୍ରେଣୀରେ। ମିନିର ପରିବାର ଭଲ ଚଳାଚଳ। ବାପା ଗାଁ ସ୍କୁଲରେ ପିଅନ, ସରକାରୀ ଚାକିରୀ।

ଏଇ ବର୍ଷେ ତଳେ ଦୁହେଁ ମକର ବସିଥିଲେ। ମକର ସଂକ୍ରାନ୍ତି ଦିନ, ଗାଁ ମୁନି ପଡ଼ିଆରେ ମକର ଚାଉଳ ଦେଇ ପ୍ରଭୁଙ୍କୁ ସାକ୍ଷୀ ରଖି ଦୁହେଁ ଦୁହିଁଙ୍କ ସୁଖ ଦୁଃଖର ସାଥି ଟିଏ ହେବାପାଇଁ ପ୍ରତିଶୃତି ନେଇଥିଲେ। ସାଥି ହୋଇ ଗୁଡ଼ି ଉଡ଼େଇବା, ମକର ମେଳାରେ ବୁଲିବା, ପାଲା ଦେଖିବା ଆଦି ସବୁଥିରେ ଦୁହେଁ ଏକାଠି ନଜର ଆସନ୍ତି।

ଅନେକ ସମୟରେ ଦୁଇଜଣ ମିଶି ସକାଳ କିମ୍ବା ସନ୍ଧ୍ୟା ଭୋଜନ କରନ୍ତି। ଭୋଜନ ପୂର୍ବରୁ ହଠାତ ଦୁଇଜଣ ଉଭା ହୋଇ ଯେତେବେଳେ ନିଜର ନିଜର ଭାଗ ଦାବି କରନ୍ତି ଅପ୍ରସ୍ତୁତ ଥିବା ଉଭୟଙ୍କ ମା' ମାନେ ସମସ୍ୟାରେ ପଡ଼ି ଯାଆନ୍ତି, କିନ୍ତୁ ଦୁହିଁଙ୍କ ବନ୍ଧୁତା ଆଗରେ ସେ ସବୁ ଫିକା ପଡ଼ିଯାଏ। ସମୟ ଚକ୍ରରେ କୁସୁମ ଆଉ ମିନି ବଡ଼ ହେଲେ। ମିନି ଏ ବର୍ଷ କଲେଜରେ ପଢ଼ିଲା।

ସକାଳ ବେଳା ମିନି ଟ୍ୟୁସନ ଯାଏ ତାପରେ କଲେଜ। ତେଣୁ କୁସୁମ ସହ ମିନି କେବଳ ସନ୍ଧ୍ୟାରେ ଯାହା ଭେଟ। ବିଗତ ଦୁଇ ବର୍ଷ ହେଲା କୁସୁମକୁ ମିନି ଛଡ଼ା ଆଉ କେହି ସାଙ୍ଗ ନଥିଲେ। ତେଣୁ ଏବେ ସେ ଅନେକ ସମୟରେ ନିସଙ୍ଗତା ଅନୁଭବ କରୁଥିଲା।

ଧିରେ ଧିରେ କଲେଜରେ ମିନିର ନୂଆ ନୂଆ ଝିଅ, ପୁଅ ସାଙ୍ଗ ହେଲେ। କଲେଜରେ ନୂଆ ସାଙ୍ଗ ମାନଙ୍କ ସହ ମିଶି ପାଠପଢା, ମଜାମସ୍ତି ଏମିତିରେ କୁସୁମ ସହ ବନ୍ଧୁତାର ଦୂରତ୍ୱ ବଢ଼ିବଢ଼ି ଗଲା।

ସେଦିନ ମକର ସଂକ୍ରାନ୍ତି। ଶୀତ ସକାଳର ସୁନେଲି କିରଣ ବିଛାଡ଼ି ହେଇ ପଡ଼ିଥାଏ ଅଗଣାରେ। ଶିଶିର ବିନ୍ଦୁ ମାନ ମୁକ୍ତାପରି ଝଟକୁଥାନ୍ତି। ବିଗତ ବର୍ଷ ଭଳି ଏଥର ବି ମକର ମେଳା ପାଇଁ ପଡ଼ିଆ ସଜା ଯାଇଛି। ନାନା ରଙ୍ଗର ପତାକା, ବିଭିନ୍ନ ରକମର ଫୁଲ ମାଳ ସହ ମୁନି ମଣ୍ଡପ ସୁସଜ୍ଜିତ। ମେଳା ପାଇଁ ନାନାଦି ବ୍ୟବସ୍ଥା କରାଯାଇଛି। ଉପର ବେଳା ବାଦୀ ପାଲାର ବନ୍ଦୋବସ୍ତ ହୋଇଛି।

: 'ମା ତୁ ଆଜି ଖଣିକୁ ସଅଳ ଯାଇ ସଅଳ ଫେରି ଆସିବୁ। ଆମେ ଦୁହେଁ ମିଶି ଉପର ବେଳା ମେଳା ଦେଖିବାକୁ ଯିବା।' କୁସମ ସକାଳ ଟାରେ ତା ମା ସାବିକୁ ବଡ଼ ପାଟିରେ କହୁଥିଲା।

: 'ତୁ କେବେଠୁ ମିନିକୁ ଛାଡ଼ି ମୋ ଭଳି ଦରବୁଢ଼ୀକୁ ସାଙ୍ଗ କଲୁଣି ଯେ ମେଳାରେ ବୁଲିବା ପାଇଁ..!!' ହସି ହସି ସାବି କହୁଥିଲା।

: 'ମିନି ବଡ଼ ହେଇଗଲାଣି ମା।

ସେ କଣ ଅଗଭଳି ଆଉ ମୋ ସାଙ୍ଗ ଅଛି ! ତାର କିଛି କଲେଜ ସାଙ୍ଗ ମାନେ ଆଜି ବଣ ଭୋଜି କରୁଛନ୍ତି। ମୋ ସହ ସକାଳୁ ଯାଇ ମକର ପଡ଼ିଆରେ ଟିକେ ବୁଲି ଆସିବା ପାଇଁ ତାକୁ ତ କହିଛି..କିନ୍ତୁ ଯିବ କି ନାହିଁ ଜାଣିନି। ସେକଥା ଛାଡ଼।

ଉପରବେଳା ତୁ ମୋ ଆସିବୁ ନା କହ। ନହେଲେ ମୁଁ ଆଜି କୁଆଡ଼େ ଯିବିନି, ଏଇ ଘରେ ହିଁ ବସିବି।' ନାକ କାନ୍ଦୁରି କୁସୁମ ସୁଂ ସୁଂ ହୋଇ କହୁଥିଲା।

: 'ହଉ ହେଲା..ମୁଁ ଜଲ୍‌ଦି ବହାରିଯାଉଛି। ଫେରିଲେ ମେଳାକୁ ଯିବା।' ସାବି ଚା ଆଉ ଟିକେ ମୁଢ଼ି ଖାଉ ଖାଉ କହିଲା।

ଦିନ ଏଗାରଟା ହେବ।

ଆଜି ଫୁଲନ ଆଇ ଶାଗ, ବଡ଼ି ଚୁରା, ଆଳୁ ବାଇଗଣ ଭରତା କରିଛି।

: 'ଏତେ ବେଳ ହେଲାଣି। ତୋ ମା ଆଜି ସକାଳୁ ଚା ମୁଢ଼ି ଦୁଇଟା ପାଟିରେ ଦେଇ ସକାଳ ଟାରେ ବାହାରିଯାଇଛି। ଖଣିରେ କେତେ କାମ କରୁଥିବ। ପେଟକୁ ଦିଇଟା ଦାନା ନଗଲେ କେମିତି ଦିହ ପା ଖରାପ ହବନି? ଏଇ ପଖାଳ, ଶାଗ ଭଜା ଆଉ ଭରତା ନେଇ ଟିକେ ଖଣିରେ ତୋ ମାକୁ ଦେଇ ଆସନ୍ତୁନି କୁଶ।' କୁସୁମକୁ କହିଲା ଫୁଲନ ଆଇ।

କୁସୁମ ଟିଫିନ୍ ଧରି ଖଣିକୁ ବାହାରିଲା।

ବସ୍ତିରୁ ଖଣି ତିନି ମାଇଲ ବାଟ ହେବ..। ଗାଡ଼ିରେ ଯିବା ଆସିବାର ସୁବିଧା ନାହିଁ। ପାହାଡିଆ ରାସ୍ତା ନିଛାଟିଆ, କେହି କେହି ଚେରମୂଳି କି ଫଳମୂଳ ଖୋଜା ଖୋଜା କରିବାକୁ କେବେ କେବେ ଉପରକୁ ଯାଏ। ନହେଲେ ସେମିତି ଯା ଆସ ନାହିଁ।

(କ୍ରମଶଃ)






# ନିଉ ଲକ୍ଷ୍ମୀ ଶ୍ରମିକମାନଙ୍କ ଜୀବନ ସୁତା ଖିଅରେ

**ଖୋର୍ଦ୍ଧା, (ଶେଖ୍ ଲିଆକତ ଅଲ୍ଲୀ):** ସାରୁଅ ଶିଳ୍ପାଞ୍ଚଳରେ ଛତୁ ଫୁଟିଲା ଭଳି ଶିଳ୍ପମାନ ପ୍ରତିଷ୍ଠା ହୋଇଥିଲେ ମଧ୍ୟ ଅଙ୍କୁଶ ବିହୀନ ଭାବେ କିଛି ବଡ ବଡ ଶିଳ୍ପ ସଂସ୍ଥାମାନ ନିଜସ୍ୱ ଅର୍ଥ ବଳରେ ଶିଳ୍ପ ନିର୍ଦ୍ଦେଶାଳୟ ନୀତି ନିୟମକୁ ଉଲଂଘନ କରି ବେଆଇନ ଭାବେ କାୟା ବିସ୍ତାର କରି ଚାଲିଆସୁଥିବା ଜଣାପଡୁଛି। ତନ୍ମଧ୍ୟରୁ ନିଉ ଲକ୍ଷ୍ମୀ ରଡ୍ ଫ୍ୟାକ୍ଟ୍ରି ଅନ୍ୟତମ। ପ୍ରଥମତଃ ଏହି କମ୍ପାନୀରେ ଶ୍ରମିକମାନଙ୍କ ସୁରକ୍ଷା ତଥା ଜୀବନ ରକ୍ଷା ନିମନ୍ତେ ଉଦ୍ଦିଷ୍ଟ ସୁରକ୍ଷା ସାଧନ ଏବଂ ସୁରକ୍ଷା ଅଧିକାରୀ କେହି ନଥିବା ଜଣାପଡିଅଛି। ଶ୍ରମିକମାନଙ୍କ ଉପରେ ଉକ୍ତ କମ୍ପାନୀ ପ୍ରତ୍ୟେକ ସମୟରେ ଦାଉ ସାଜୁଥିବା ଶୁଣିବାକୁ ମିଳୁଛି। ଉକ୍ତ କମ୍ପାନୀ ବିରୁଦ୍ଧରେ କେହି ସ୍ୱର ଉତ୍ତୋଳନ କଲେ ପେଡି ପୁଟୁଳା ବାନ୍ଧି ନିଜ ଗ୍ରାମକୁ ଯିବାକୁ ବାଧ୍ୟ ହୁଏ। ନିକଟ ଭବିଷ୍ୟତରେ ଅନେକ କର୍ମଚାରୀ ଉକ୍ତ ଦଶା ଭୋଗୀ ଛଟେଇର ଶିକାର ହୋଇଥିବା ବେଳେ ଆଉ କେତେକ କର୍ମଚାରୀ ସାମାନ୍ୟ ସ୍ୱର ଉତ୍ତୋଳନ କରି ଅଯଥା




ଆକ୍ରୋଶର ଶିକାର ହୋଇଥିଲେ ଏବଂ ବିନା ନୋଟିସ୍‌ରେ ନିଉ ଲକ୍ଷ୍ମୀ ଫାଟକ ସେମାନଙ୍କର ସବୁଦିନ ପାଇଁ ବନ୍ଦ ହୋଇଯାଇଥିଲା । ଏହି କମ୍ପାନୀର ହାତ ଏତେ ଲମ୍ବା ଯେ ଶ୍ରମିକ କାର୍ଯ୍ୟାଳୟକୁ ଖବର ଗଲେ ମଧ୍ୟ ତାହାର କୌଣସି ପ୍ରଭାବ ପଡେନାହିଁ। ପୈସା କ୍ୟା ନା କରେ କାମ ଏହି ଉପାୟ ଅବଲମ୍ବନ କରି ଶ୍ରମିକ କାର୍ଯ୍ୟାଳୟ, ପରିବେଶ ବିଭାଗ, ସୁରକ୍ଷା ବିଭାଗ ଏପରିକି ପୋଲିସକୁ ମଧ୍ୟ ନିଜ ହାତ ପାପୁଲିରେ ରଖିଥିବା ଜଣାପଡିଛି। ଶ୍ରମିକମାନେ ବାରମ୍ବାର ଅତ୍ୟାଚାରର ଶିକାର ହୋଇ ଓଡିଶା ଛାଡି ବାହାର ରାଜ୍ୟକୁ ପଳାଉଥିବା ଜଣାପଡିଛି । ରାଜ୍ୟସରକାରଙ୍କ ଶ୍ରମିକମାନଙ୍କୁ ଚାରି ଭାଗରେ ବିଭକ୍ତ ଯଥା ଅନୁଶଳୀ, ଅର୍ଦ୍ଧକୁଶଳୀ, କୁଶଳୀ ଓ ଉଚ୍ଚକୁଶଳୀ କରି ଆଠ ଘଣ୍ଟାର ପାରିଶ୍ରମିକ ଧାର୍ଯ୍ୟ କରିଥିବା ବେଳେ ଉକ୍ତ କମ୍ପାନୀ ସବୁ ନୀତି ନିୟମକୁ ଜଳାଞ୍ଜଳି ଦେଇ ବାର ଘଣ୍ଟା ଶ୍ରମିକମାନଙ୍କୁ ଖଟାଇ ସମସ୍ତ ଶ୍ରମିକମାନଙ୍କୁ ଅଣକୁଶଳୀ ବେତନ ପ୍ରଦାନ କରିଆସୁଅଛି । କମ୍ପାନୀର ନାଲିଆଖି ତଳେ ଶ୍ରମିକମାନେ ନାଚାର ହୋଇ ନିଜ ଭାଗ୍ୟକୁ ଆଦରି ରହିଯାଉଥିବା ଦେଖିବାକୁ ମିଳୁଛି। ଏହି କମ୍ପାନୀ ପୂର୍ବରୁ ଟିକସ ଫାଙ୍କି ମାମଲାରେ ଛନ୍ଦିହୋଇ କିଛି ଦିନପାଇଁ ବନ୍ଦ ରହିଥିଲା। ସେହିପରି ଉକ୍ତ କମ୍ପାନୀର ଜଣେ ଶ୍ରମିକ ସୁରକ୍ଷା ବେଲ୍ଟ ନଥିବା ଯୋଗୁଁ ମୃତ୍ୟୁବରଣ କରିଥିବା ବେଳେ କମ୍ପାନୀ କର୍ତ୍ତୃପକ୍ଷ ନାନା ଚକ୍ରାନ୍ତ ଚଳାଇ ସେଥିରୁ ମଧ୍ୟ ମୁକୁଳି ଯାଇଥିବା ଶୁଣିବାକୁ ମିଳିଥିଲା। ଉକ୍ତ କମ୍ପାନୀ କର୍ତ୍ତୃପକ୍ଷ କେବଳ ଯେ ସରକାରୀ ଏବଂ ଶ୍ରମ ଆଇନକୁ ଉଲଂଘନ କରୁଛନ୍ତି ତାହା ନୁହେଁ କମ୍ପାନୀ ଫ୍ୟାକ୍ଟ୍ରି ଆକ୍ଟ, ପରିବେଶ କାନୁନ, ଶ୍ରମ କାନୁନର ଖୋଲମଖୁଲା ଉଲଂଘନ କରିଆସୁଥିବା ବେଳେ ଜିଲ୍ଲା ପ୍ରଶାସନର କେବେ ନଜର ପଡିବ, ଚାତକ ଭଳି ଚାହିଁ ବସିଛନ୍ତି ଶ୍ରମିକମାନେ। ରାଜ୍ୟ ସରକାର ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦୃଢ ଦାବି ହେଉଅଛି।

## ଚିଲିକା ଘେରି ଉଚ୍ଛେଦରେ ଖର୍ଚ୍ଚ ହେବ ୩୦ କୋଟି

### ଡ୍ରୋନ୍ ଯୋଗେ ନଜର ରଖିବାକୁ ଦୈନିକ ଆବଶ୍ୟକ ୪୮ ହଜାର

**କଟକ :** ପୁରୀ ଜିଲ୍ଲା ଅନ୍ତର୍ଗତ ଚିଲିକାରୁ ବେଆଇନ ଘେରି ଉଚ୍ଛେଦ କରିବାକୁ ପ୍ରାୟ ୩୦ କୋଟି ଟଙ୍କା ଖର୍ଚ୍ଚ ହେବ ଏବଂ ଏହା କେବଳ ଗ୍ରୀଷ୍ମ ଋତୁରେ କରାଯାଇପାରିବ ବୋଲି ପୁରୀ ଜିଲ୍ଲାପାଳ ହାଇକୋର୍ଟରେ ତଥ୍ୟ ଉପସ୍ଥାପନ କରିଛନ୍ତି। ସେହି ଏହି ଅଂଚଳରେ ଡ୍ରୋନ ଜରିଆରେ ବେଆଇନ ଘେରି ଉପରେ ନଜର ରଖିବାକୁ ଦୈନିକ ପ୍ରାୟ ୪୮ ହଜାରରୁ ଅଧିକ ଟଙ୍କା ଖର୍ଚ୍ଚ ହେବ ବୋଲି ସେ ଦର୍ଶାଇଛନ୍ତି। ଚିଲିକା ଏବଂ ଭିତରକନିକା ଆଦ୍ର ଭୂମି ସୁରକ୍ଷା ସମ୍ପର୍କିତ ମାମଲାର ଶୁଣାଣିରେ ସତ୍ୟପାଠ ଦାଖଲ କରି ପୁରୀ ଜିଲ୍ଲାପାଳ ଏହି ତଥ୍ୟ ଦେଇଛନ୍ତି। ଅନ୍ୟପଟେ ଚିଲିକାରେ ମାଛ ଚାଷ ପାଇଁ କେଉଁ ଆଧାରରେ ଜମି ଆବଣ୍ଟନ କରାଯିବ ସେନେଇ ଖସଡ଼ା ପ୍ରସ୍ତୁତ କରିବାକୁ ରାଜସ୍ୱ ବିଭାଗକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଚିଲିକା ଉନ୍ନୟନ କର୍ତ୍ତୃପକ୍ଷ, ମତ୍ସ୍ୟଜୀବୀ, ସ୍ଥାନୀୟ ମାଛ ଚାଷୀ ଏବଂ ଅନ୍ୟମାନଙ୍କ ସହ ଆଲୋଚନା ପର୍ଯ୍ୟାୟ କ୍ରମେ ଜାରି ରହିଛି ବୋଲି ସରକାରଙ୍କ ପକ୍ଷରୁ ଦାଖଲ ସତ୍ୟପାଠରେ କୁହାଯାଇଛି। ଏନେଇ ଅମିକସକ୍ୟୁରୀ ମୋହିତ ଅଗ୍ରୱାଲ କହିଛନ୍ତି, ଚିଲିକାକୁ ନେଇ ସର୍ବଦା ମତ୍ସ୍ୟଜୀବୀ ଓ ଅଣମତ୍ସ୍ୟଜୀବୀଙ୍କ ଭିତରେ ଲାଗି ରହିଥିବା ତିକ୍ତତାକୁ ସମାଧାନ ନିମନ୍ତେ କୋର୍ଟ ଦେଇଥିବା



ନିର୍ଦ୍ଦେଶକୁ ଦେଖି ସରକାର ସତ୍ୟପାଠ ଦାଖଲ କରିଛନ୍ତି। ଯେଉଁଥିରେ ଲୋକଙ୍କ ସହ ଅଲୋଚନା ଚାଲିଥିବା କୁହାଯାଇଛି। ଆସନ୍ତା ଅଗଷ୍ଟ ମାସ ୩ ତାରିଖରେ ଭିତରେ ସେମାନେ ଏକ ବୁଝାବୁଣା ଭିତିକ ବୈଠକ କରି କିପରି ଚିଲିକାକୁ ଲିଜ୍ ଦିଆଯିବ ସେନେଇ ଜଣାଇବେ। ସେହିପରି ଭୁବନେଶ୍ୱର ଗଙ୍ଗୁଆ ନାଳର ପ୍ରଦୂଷିତ ପାଣି ଦୟା ନଦୀ ହୋଇ ଚିଲିକାରେ ମିଶୁଥିବାରୁ ଏହାର ବାଟ ବନ୍ଦ କରିବାକୁ ମଧ୍ୟ କୋର୍ଟ ନିର୍ଦ୍ଦେଶ ଦେଇଥିଲେ। କିପରି ଗଙ୍ଗୁଆ ନାଳ ପାଣି ବିଶୋଧିତ ହେବା ପରେ ଦୟାକୁ ଛଡ଼ା ଯିବ ସେଥିପାଇଁ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଭୁବନେଶ୍ୱର ମହାନଗର ନିଗମ ଓ ହାଇସିଂ-ଆପର୍ଟମେଣ୍ଟ ସୋସାଇଟି ସହ ମିଶିକି ଏକ ପ୍ଲାନ କରିବାକୁ କୁହାଯାଇଥିଲା। ଏଦିଗରେ କ'ଣ ପଦକ୍ଷେପ ନିଆଯାଇଛି ସେବାବଦରେ ଜଣାଇବାକୁ କୋର୍ଟ ସରକାରଙ୍କୁ ଜବାବ ମାଗିଛନ୍ତି। ସେହିପରି ଘେରି ଉଚ୍ଛେଦ ଓ ଡ୍ରୋନ୍ ସର୍ଭିଲାନ୍ସ ନିମନ୍ତେ ସରକାର କି ପଦକ୍ଷେପ ନେଲେ ତାହା ଆସନ୍ତା ଶୁଣାଣିରେ ଜଣାପଡ଼ିବ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଆଉଥରେ ...

ଆକାଂକ୍ଷା ପୂରଣ ଦିଗରେ ଆମେ ଆଉ ପାଦେ ନିକଟତର ହୋଇଛୁ। ମୁଁ ନିଶ୍ଚିତ ଯେ, ଆପଣଙ୍କ ନେତୃତ୍ୱରେ ଆମକୁ ଖୁବଶୀଘ୍ର ବୁଲେଟ୍ ଟ୍ରେନ ମିଳିବ ବୋଲି ନବୀନ କହିଛନ୍ତି। ନବୀନଙ୍କ ଏଭଳି ଖୋଲା ଇସାରା ଏବେ ରାଜ୍ୟ ରାଜନୀତି, ଏପରିକି ଜାତୀୟ ରାଜନୀତିକୁ ନୂଆ ମୋଡ଼ ଦେବ ବୋଲି ଆକଳନ କରାଯାଉଛି। ତେବେ ସାଧାରଣ ନିର୍ବାଚନ ସମୟରେ ଏଭଳି ଆଭିମୁଖ୍ୟ ନବୀନ ସରକାର ପାଇଁ ଆବଶ୍ୟକତା ନା ବାଧ୍ୟବାଧକତା ତାକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି। ୨୦୧୯ ସାଧାରଣ ନିର୍ବାଚନ ପରଠୁ କେନ୍ଦ୍ରରେ ମୋଦି ସରକାରକୁ ପ୍ରତ୍ୟେକଟି ପ୍ରସଙ୍ଗରେ ଅଯାଚିତ ସମର୍ଥନ ଦେଇ ଆସୁଥିବା ନବୀନ ପଟ୍ଟନାୟକଙ୍କ ବିଜେଡି ଗତ ସପ୍ତାହରେ ନୀତିଶ କୁମାର ଓ ପୂର୍ବରୁ ମମତା ବାନାର୍ଜୀଙ୍କୁ ସାକ୍ଷାତ କରିଥିଲେ ମଧ୍ୟ ତୃତୀୟ ସାମ୍ମୁଖ୍ୟରେ ସାମିଲ ହେବେନି ବୋଲି ସ୍ପଷ୍ଟ କରିସାରିଛନ୍ତି। ଏନଡିଏ ଓ ୟୁପିଏଠୁ ସମଦୂରତ୍ୱ ନୀତି ବଜାୟ ରଖି ବିଜେଡି ଏକାକୀ ନିର୍ବାଚନ ଲଢ଼ିବ ବୋଲି ମଧ୍ୟ ନବୀନ ଘୋଷଣା କରିଛନ୍ତି। ତଥାପି ପ୍ରଧାନମନ୍ତ୍ରୀ ମୋଦିଙ୍କ ନେତୃତ୍ୱ ପ୍ରତି ଆସ୍ଥା ପ୍ରକଟ କରି ନବୀନ ପରୋକ୍ଷରେ ୨୦୨୪ ସାଧାରଣ ନିର୍ବାଚନରେ ବିଜେଡି ଓ ବିଜେପି ମଧ୍ୟରେ କଡ଼ା ଟକ୍କର ନୁହେଁ ବରଂ ସୌହାର୍ଦ୍ଧ୍ୟପୂର୍ଣ୍ଣ ଲଢ଼େଇ ହେବ ବୋଲି ଏବେଠୁ ଇସାରା କରିଛନ୍ତି। ଗତ କିଛିବର୍ଷ ଧରି ବିଜେଡି ପ୍ରତ୍ୟେକ କ୍ଷେତ୍ରରେ ଜାତୀୟସ୍ତରରେ ବିଜେପିକୁ ସୁହାଇବା ଭଳି ସମର୍ଥନ ଦେଇ ଆସିଛି। ଏପରିକି ୨୦୧୯ ସାଧାରଣ ନିର୍ବାଚନ ପରଠୁ ବିଜେଡିର କୌଣସି ମୁଖପାତ୍ର କିମ୍ବା ଦଳୀୟ ନେତା ଏପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଟାର୍ଗେଟ୍ କରି ପଦେ କହିବାର ନଜିର ବି ନାହିଁ। ସମ୍ଭବତଃ ବିଜେଡି ପକ୍ଷରୁ ଏଭଳି ଅଲିଖିତ ନିର୍ଦ୍ଦେଶ ପୂର୍ବରୁ ଜାରି ହୋଇଛି। ଯାହା ନବୀନଙ୍କ ଅଭିଭାଷଣ ପରେ ସ୍ପଷ୍ଟ ହୋଇଛି। ଏପଟେ ବିଜେପି ପାଇଁ ଜାତୀୟସ୍ତରରେ ବିଜେଡି ଭଳି ଏକ ସହଯୋଗୀର ଆବଶ୍ୟକତା ମଧ୍ୟ ରହିଛି। ନବୀନ ନିଜର ଅଣଏନଡିଏ ଓ ଅଣୟୁପିଏ ଖୋଳପା ଭିତରେ ରହି ସୁବିଧାବାଦୀ କାର୍ଡ ଖେଳି ନିଜର ଆସନକୁ ସୁରକ୍ଷିତ ରଖିବାରେ ସକ୍ଷମ ହୋଇଛନ୍ତି। ତେବେ ପ୍ରଶ୍ନ ଉଠୁଛି, ଏହା ନବୀନଙ୍କ ସୁବିଧାବାଦୀ ରାଜନୀତି ନା ରାଜ୍ୟ ବିଜେପିକୁ ଅକଳରେ ପକାଇବା ନିମନ୍ତେ ସୁଚିନ୍ତିତ ଚାଲ୍। ମୋଦିଙ୍କ ନେତୃତ୍ୱ ପ୍ରତି ଆସ୍ଥା ପ୍ରକଟ କରି ତାଙ୍କୁ ପୁଣିଥରେ ପ୍ରଧାନମନ୍ତ୍ରୀ ଭାବେ ଦେଖିବା ନବୀନ ସରକାର ପାଇଁ ବାଧ୍ୟବାଧକତା କି ? କାରଣ ଚିଟଫଣ୍ଡ, କୋଇଲା, ଖଣି ଓ ବ୍ଲାକରୋଜ୍ ଭଳି ପ୍ରସଙ୍ଗରେ ବ୍ୟାକଫୁଟରେ ଥିବା ବିଜେଡିକୁ ସିବିଆଇ ଭୟ ଘାରିଛି କି ? ଆଉ ଏସବୁ କାରଣ ପାଇଁ ବିଜେଡି ନିଜର ସୁବିଧାବାଦୀ କାର୍ଡ ଖେଳି ଆଗାମୀ ସାଧାରଣ ନିର୍ବାଚନ ବୈତରଣୀ ପାର ହେବାକୁ ରଣନୀତି ପ୍ରସ୍ତୁତ କରିଥାଇପାରେ ବୋଲି ରାଜନୀତିକ ମହଲରେ ଚର୍ଚ୍ଚା ହେଉଛି।

### ମେଧା ତାଲିକା ...

ମାମଲା ଦାୟର ହୋଇଥିଲା। ହାଇକୋର୍ଟଙ୍କ ନଭେମ୍ବର ୧୪ର ରାୟ ଅନୁସାରେ୨୦୧୬, ସେପ୍ଟେମ୍ବର ୩ର ବିଜ୍ଞପ୍ତି ଓପିଏସି ପରୀକ୍ଷାଫଳ ପ୍ରକାଶ କରିଥିଲା। ସେମାନଙ୍କ ଭିତରୁ ୧୧୦୪ଜଣ ଲିଖିତ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ନେଇ ୨୦୨୨, ନଭେମ୍ବର ୭ରେ ଓପିଏସସି ବିଜ୍ଞପ୍ତି ପ୍ରକାଶ କରିଥିଲା। ଏହି ତାଲିକାରେ ସ୍ଥାନ ପାଇଥିବା ପ୍ରାର୍ଥୀଙ୍କୁ ସାର୍ଟିଫିକେଟ/ନଥିପତ୍ର ଯାଞ୍ଚ ଓ କମ୍ପ୍ୟୁଟର (ପ୍ରାକ୍ଟିକାଲ) ସ୍କିଲ ଟେଷ୍ଟ ପାଇଁ ଡକାଯାଇଥିଲା। କିନ୍ତୁ ଏହା ପରେ ମଧ୍ୟ ଏଏସଓ ନିଯୁକ୍ତି ପ୍ରକ୍ରିୟାର ବିବାଦ ପଛ ଛାଡି ନଥିଲା। ଏଏସଓ ପରୀକ୍ଷାରେ ନିୟମ ଉଲ୍ଲଂଘନ ହୋଇଛି। ନିୟମ ଅନୁସାରେ ମେଧା ତାଲିକା ପ୍ରସ୍ତୁତ କରାଯାଇ ନାହିଁ ବୋଲି ଅଭିଯୋଗ ହୋଇଥିଲା। ବିଷୟଭିତ୍ତିକ ସର୍ବନିମ୍ନ ମାର୍କ ନିୟମ ଲାଗୁ କରାଯିବା ଆଇନ ଅନୁସାରେ ଗ୍ରହଣୀୟ ନୁହେଁ। ପ୍ରାର୍ଥୀ ବିଭିନ୍ନ ବିଷୟରେ ରଖିଥିବା ସର୍ବମୋଟ ମାର୍କକୁ ନେଇ ମେଧା ତାଲିକା ପ୍ରକାଶ କରାଯିବା କଥା। ଏପରି ନିୟମ ୨୦୧୮-୧୯ରେ ଅନୁଷ୍ଠିତ ନିଯୁକ୍ତି ପରୀକ୍ଷାରେ ମଧ୍ୟ ଲାଗୁ କରାଯାଇଥିଲା। କିନ୍ତୁ ଏଥର ନୂଆ ନିୟମ ଲାଗୁ କରି ଲିଖିତ ପରୀକ୍ଷା ଫଳ ପ୍ରକାଶ କରାଯାଇଛି। ମୂଳ ନିଯୁକ୍ତି ବିଜ୍ଞପ୍ତିରେ କେତେ ବିଷୟ ଭିତ୍ତିକ ସର୍ବନିମ୍ନ ମାର୍କ ରହିବ ସେ ନେଇ କିଛି ଉଲ୍ଲେଖ ନଥିବା ବେଳେ ପ୍ରକ୍ରିୟା ଆରମ୍ଭ ପରେ ଏପରି ନିୟମ ଲାଗୁ କରାଯାଇଥିଲା। ୨୦୧୬ର ନିଯୁକ୍ତି ନିୟମ ଅନୁସାରେ ଏହି ମେଧା ତାଲିକା ପ୍ରକାଶ କରାଯାଇ ନଥିଲା। ୨୦୧୬ ନିୟମ ଓପିଏସସି ପାଳନ କରିବା ବଦଳରେ ନିଜେ ନିୟମ କରିବା ଗ୍ରହଣୀୟ ନୁହେଁ ବୋଲି ଆବେଦନକାରୀ ଦର୍ଶାଇଥିଲେ। ଏଭଳି ଅନିୟମିତତା ଫଳରେ ବହୁ ଯୋଗ୍ୟ ପ୍ରାର୍ଥୀ ନିଯୁକ୍ତି ପ୍ରକ୍ରିୟାରୁ ବାଦ ପଡ଼ିଛନ୍ତି ବୋଲି ଆବେଦନରେ ଉଲ୍ଲେଖ କରାଯାଇଥିଲା। ଆବେଦନକାରୀଙ୍କ ତରଫରୁ ବରିଷ୍ଠ ଆଇନଜୀବୀ ମନୋଜ କୁମାର ମିଶ୍ର ଓ ଓପିଏସସି ତରଫରୁ ବରିଷ୍ଠ ଆଇନଜୀବୀ ପ୍ରଦୀପ୍ତ କୁମାର ମହାନ୍ତି ମାମଲା ପରିଚାଳନା କରୁଥିଲେ। ଅନ୍ୟପକ୍ଷରେ ରାୟ ପ୍ରକାଶ ପାଇଥିଲେ ମଧ୍ୟ ରାୟର କପି ପକ୍ଷଙ୍କ ହସ୍ତଗତ ହୋଇ ନାହିଁ। ରାୟ କପି ମିଳିବା ପରେ ଆଇନଗତ ତର୍ଜମା କରି କମିସନଙ୍କ ତରଫରୁ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ ବୋଲି ବରିଷ୍ଠ ଆଇନଜୀବୀ ଶ୍ରୀ ମହାନ୍ତି ସୂଚନା ଦେଇଛନ୍ତି। ଏଠାରେ ଉଲ୍ଲେଖ ଯୋଗ୍ୟ ଯେ ହାଇକୋର୍ଟଙ୍କ ଏହି ରାୟ ଓପିଏସସି କାର୍ଯ୍ୟକାରୀ କରିବ କି ଏହା ବିରୋଧରେ ହାଇକୋର୍ଟରେ ରିଟ୍ ଅପିଲ ବା ସୁପ୍ରିମକୋର୍ଟରେ ମାମଲା କରିବ ତାହା ସମୟ କହିବ।

### ଗୋଲାପି ନୋଟର ...

୨୦୧୭ ସୁଦ୍ଧା ୮୯ ପ୍ରତିଶତ ୨ ହଜାର ଟଙ୍କିଆ ନୋଟ୍ ବଣ୍ଟନ ବନ୍ଦ ହୋଇଥିଲା। ବଜାରରେ ମୋଟ ଛପାର ୧୦.୮ପ୍ରତିଶତ ୨ ହଜାର ଟଙ୍କିଆ ନୋଟ୍ ଅଛି। ଏବେ ବଜାରରେ ଥିବା ୨ ହଜାର ଟଙ୍କିଆ ନୋଟ୍ ବୈଧ ଅଟେ। ସେପ୍ଟେମ୍ବର ୩୦, ୨୦୨୩ ପର୍ଯ୍ୟନ୍ତ ବୈଧ ରହିବ ୨ ହଜାର ଟଙ୍କିଆ ନୋଟ୍। ଏକକାଳୀନ ୧୦ଟି ୨ ହଜାର ଟଙ୍କିଆ ନୋଟ୍ ବ୍ୟାଙ୍କରେ ଡିପୋଜିଟ୍ କରିପାରିବେ। ୨ ହଜାର ଟଙ୍କିଆ ନୋଟ୍ ଗ୍ରାହକଙ୍କୁ ନଦେବାକୁ ବ୍ୟାଙ୍କକୁ ପରାମର୍ସ ଦେଇଛି ଆରବିଆଇ। ୨୦୧୬ ନଭେମ୍ବରରେ ବିମୁଦ୍ରୀକରଣ ପରେ ୨ହଜାର ଟଙ୍କା ନୋଟ୍ ବଜାରକୁ ଅଣାଯାଇଥିଲା। ବିମୁଦ୍ରୀକରଣରେ ୫୦୦ ଏବଂ ହଜାରେ ଟଙ୍କା ନୋଟ୍ ବନ୍ଦ କରାଯାଇଥିଲା। ଏହି ସମୟରେ ସରକାର କହିଥିଲେ ଯେ ଏହି ପଦକ୍ଷେପ ଦୁର୍ନୀତି ସମାପ୍ତ କରିବା ପାଇଁ ନିଆଯାଇଛି। ବିରୋଧୀଦଳ ମାନେ କହିଥିଲେ ଯେ ସରକାର ଏହି ନିଷ୍ପତ୍ତି ବିନା ଭାବି ଚିନ୍ତି ନେଇଛନ୍ତି।

### ବଢ଼ିଲା +୨ ...

ସବୁକୁ ହିସାବ କଲେ ରାଜ୍ୟରେ ପ୍ରାୟ ୧୮ ହଜାର ସିଟ୍ର ଅଭାବ ରହିଛି। ତେବେ ବଡ଼ କଥା ହେଉଛି, ପାଖାପାଖି ୧୮ଟି ଜିଲ୍ଲାରେ କମ୍ କଲେଜ ଥିବାରୁ ସେ ଅଞ୍ଚଳ ଛାତ୍ରଛାତ୍ରୀ ଅଧିକ ପ୍ରଭାବିତ ହୋଇପାରନ୍ତି। ସୀମିତ ସିଟରେ କୃତୀ ଛାତ୍ରଛାତ୍ରୀ କିପରି ଆଡମିଶନ କରିବେ ତାହା ନେଇ ବ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଗଣଶିକ୍ଷା ବିଭାଗ ସିଟ୍ ସମସ୍ୟା ଦୂର ଲାଗି ବିଚାର ବିମର୍ଷ ଆରମ୍ଭ କରିଥିଲେ ସୁଦ୍ଧା ଏଯାଏଁ କୌଣସି ନିଷ୍ପତ୍ତି ନିଆଯାଇ ନାହିଁ। ସରକାରଙ୍କ ନିଷ୍ପତ୍ତିକୁ କଲେଜ କର୍ତ୍ତୃପକ୍ଷମାନେ ଅପେକ୍ଷା କରିଥିବା ବେଳେ ଶିକ୍ଷାବିତଙ୍କ ମତ ହେଲା, ସରକାର ବୈଷୟିକ ଶିକ୍ଷାନୁଷ୍ଠାନ ସଂଖ୍ୟା ବଢାଇଲେ ଏ ସମସ୍ୟାର ସମାଧାନ ହୁଅନ୍ତା।

### ସୁପର ଧନୀଙ୍କ ...

ଅପରପକ୍ଷେ ଏହି ସମୟରେ ୧୦ ଲକ୍ଷ ଡଲାର ବା ୮.୨୩ କୋଟି ଟଙ୍କା ଥିବା ବ୍ୟକ୍ତିବିଶେଷଙ୍କ ସଂଖ୍ୟା (ଏଚ୍‌ଏନ୍‌ଆଇ)ରେ ୧୦୭% ବୃଦ୍ଧି ହୋଇ ୧୬,୫୭,୨୭୨ରେ ପହଞ୍ଚିଯିବ। ନାଇଟ୍ ଫ୍ରାଙ୍କ ଇଣ୍ଡିଆର ଅଧ୍ୟକ୍ଷ ଶିଶିର ବୈଜଲ କହିଛନ୍ତି ଯେ ନିକଟ ଅତୀତରେ ଭାରତରେ ଦ୍ରୁତ ଅର୍ଥନୈତିକ ଅଭିବୃଦ୍ଧି ଘଟିଛି। ଏହା ସହିତ ନୂଆ ସମ୍ପତ୍ତି ସୃଷ୍ଟିକାରୀ ବୈଶ୍ୱିକ ଷ୍ଟାର୍ଟଅପ୍ ହବ୍ ଭାବରେ ଭାରତ ଏକ ମଜଭୁତ ସ୍ଥିତିରେ ପହଞ୍ଚିଛି। ଭାରତ ପାଖରେ ବର୍ତ୍ତମାନ କେବଳ ବିଶ୍ୱର ଏକ ମାନୁଫାକ୍‌ଚରିଂ ହବ୍ ହେବାର ସମ୍ଭାବନା ରହିଛି ତାନୁହେଁ, ଭାରତ ନିକଟେ ଭିତ୍ତିଭୂମି ଏବଂ ଟେକ୍ନୋଲୋଜି ଭଳି ଅନ୍ୟ କ୍ଷେତ୍ରରେ ଅଭିବୃଦ୍ଧିର ସୁଯୋଗ ରହିଛି। ଏହି ଦୃଷ୍ଟିରୁ ଭାରତରେ ଧନୀମାନଙ୍କ ସଂଖ୍ୟାରେ ତୀବ୍ର ବୃଦ୍ଧି ହେବାର ସମ୍ଭାବନା ରହିଛି। ନାଇଟ୍ ଫ୍ରାଙ୍କର ରିପୋର୍ଟ ଅନୁଯାୟୀ, ଭାରତର ସବୁଠାରୁ ଧନୀ ୧ ପ୍ରତିଶତ ଲୋକଙ୍କ ତାଲିକାରେ ଅନ୍ତର୍ଭୁକ୍ତ ହେବା ପାଇଁ ଅତି କମରେ ୧.୪୪ କୋଟି ଟଙ୍କା ଆବଶ୍ୟକ। ଏହି ମାମଲାରେ ଦକ୍ଷିଣ ଆଫ୍ରିକା, ଫିଲିପାଇନ୍ସ ଏବଂ କେନିଆର ସ୍ଥିତି ଭାରତ ଅପେକ୍ଷା ଭଲ ରହିଛି। ୨୫ଟି ଦେଶର ଏହି ତାଲିକାରେ ଭାରତ ୨୨ତମ ସ୍ଥାନରେ ଏବଂ ମୋନାକୋ ଶୀର୍ଷରେ ରହିଛି, ଯେଉଁଠାରେ ଶୀର୍ଷ ଏକ ପ୍ରତିଶତ ଧନୀଙ୍କ ତାଲିକାରେ ସାମିଲ ହେବା ଲାଗି ୧୦୨ କୋଟି ଟଙ୍କା ଆବଶ୍ୟକ। ଏ କ୍ଷେତ୍ରରେ ସ୍ୱିଜରଲ୍ୟାଣ୍ଡ ଦ୍ୱିତୀୟ ସ୍ଥାନରେ ରହିଛି, ଯେଉଁଠାରେ ତାଲିକାରେ ସାମିଲ ହେବା ପାଇଁ ୫୪.୪ କୋଟି ଟଙ୍କା ଆବଶ୍ୟକ।

### ୨୭ରେ 'ନିତି' ...

ଆକର୍ଷଣ କରିପାରନ୍ତି ବୋଲି ଆଲୋଚନା ହେଉଛି। ସୂଚନାଯୋଗ୍ୟ ନିକଟରେ ନୂଆଦିଲ୍ଲୀରେ ପ୍ରଧାନମନ୍ତ୍ରୀଙ୍କୁ ମୁଖ୍ୟମନ୍ତ୍ରୀ ଭେଟିଥିବା ବେଳେ ରାଜ୍ୟରେ ଅସମ୍ପୂର୍ଣ୍ଣ ଜାତୀୟ ରାଜପଥ, ରାଜ୍ୟର ସମସ୍ତ ପଞ୍ଚାୟତରେ ବ୍ୟାଙ୍କ ଶାଖା , ଭାରତ ନେଟ୍ର ଦ୍ୱିତୀୟ ପର୍ଯ୍ୟାୟରେ ଓଡ଼ିଶାକୁ ସାମିଲ କରିବାକୁ ଦୃଢ଼ ଦାବି ଉପସ୍ଥାପନ କରିଥିଲେ। ତେବେ ମୁଖ୍ୟମନ୍ତ୍ରୀ ଉପସ୍ଥାପନ କରିଥିବା ସିଂହଭାଗ ଦାବି ଏବେବି ଅପୂରଣୀୟ ହୋଇ ରହିଥିବା ବେଳେ ସମାନ ଦାବି ଆସନ୍ତା ବୈଠକରେ ଉଠିବାର ଯଥେଷ୍ଟ ସମ୍ଭାବନା ରହିଥିବା କୁହାଯାଉଛି। ତେବେ ରାଜ୍ୟ ସରକାର ଗତ ୨୦୧୭ ମସିହାରୁ କୋଇଲା ରାଜଭାଗ ବୃଦ୍ଧି ନେଇ ଦାବିକରି ଆସୁଥିଲେ ମଧ୍ୟ କେନ୍ଦ୍ର ସରକାର ଏଥି ପ୍ରତି କର୍ଣ୍ଣପାତ କରୁନାହାନ୍ତି। କୋଇଲା ରାଜଭାଗକୁ ୧୪ ପ୍ରତିଶତରୁ ୨୦ ପ୍ରତିଶତକୁ ବୃଦ୍ଧି ନେଇ ଓଡ଼ିଶାର ବହୁଦିନର ଦାବି ଏହି ବୈଠକରେ ଉଠିବାର ଯଥେଷ୍ଟ ସମ୍ଭାବନା ରହିଛି ବୋଲି ବିଶେଷଜ୍ଞ ମହଲରେ ମତପ୍ରକାଶ ପାଇଛି। ଏହାସହ ଉଷୁନା ଚାଉଳ ଉଠାଣକୁ ନେଇ ସବୁବେଳେ ବିବାଦୀୟ ପରିସ୍ଥିତି ସୃଷ୍ଟି ହେଉଛି। ବଳକା ଚାଉଳକୁ ଏଫ୍‌ସିଆଇ ଉଠାଇବାକୁ ମନା କରୁଥିବା ବେଳେ ଏହାଦ୍ୱାରା ରାଜ୍ୟର ଚାଷୀକୂଳ ଗୁରତର ଭାବେ ପ୍ରଭାବିତ ହେଉଛନ୍ତି। ତେଣୁ ଏପରି ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଓଡ଼ିଶା ପକ୍ଷରୁ ପ୍ରଧାନମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ାଯିବାର ଯଥେଷ୍ଟ ସମ୍ଭାବନା ରହିଛି। ସୂଚନାଯୋଗ୍ୟ ଆୟୋଜିତ ହେବାକୁ ଥିବା ବୈଠକରେ ଶିକ୍ଷା, କୃଷି ଏବଂ ଅର୍ଥନୀତି ଉପରେ ବିଶେଷ ଭାବରେ ଆଲୋଚନା ହେବ ବୋଲି ଜଣାପଡ଼ିଛି।

### ଆର୍ଥିକ ପରିଚାଳନାରେ ...

୧.୧୨ ଲକ୍ଷ କୋଟି ଟଙ୍କା ଛୁଇଁପାରେ। ଯାହା ରାଜ୍ୟର ଜିଡିପିର ପ୍ରାୟ ୧୩.୧୨ ପ୍ରତିଶତ ହେବ ବୋଲି ଆକଳନ କରାଯାଉଛି। ଏଫଆରବିଏମ୍ ଆଇନ ଅନୁଯାୟୀ ରାଜ୍ୟ ସରକାର ରାଜ୍ୟ ଜିଡିପିର ୨୫ ପ୍ରତିଶତ ପର୍ଯ୍ୟନ୍ତ ଅର୍ଥକୁ ଋଣ ଆକାରରେ ଆଣିବା ପାଇଁ ସକ୍ଷମ ଅଟନ୍ତି। ଏହି ଦୃଷ୍ଟିରୁ ରାଜ୍ୟ ସରକାର ଋଣ ଦୃଷ୍ଟିରୁ ବେଶ୍ ପୋଷଣୀୟ ସ୍ଥିତିରେ ଅଛନ୍ତି। ଗତ କିଛିବର୍ଷ ଧରି ରାଜ୍ୟ ସରକାର ନିଜର ଋଣବୋଝକୁ କ୍ରମାଗତ ହ୍ରାସ କରିବାରେ ଲାଗିଛନ୍ତି। ଏପିରିକି ବିଗତ ୨ଟି ଆର୍ଥିକ ବର୍ଷରେ ରାଜ୍ୟ ସରକାର ଖୋଲା ବଜାରରୁ ଋଣ ଉଠାଇ ନଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ କେନ୍ଦ୍ର ଉପରେ ରାଜ୍ୟ ସରକାରଙ୍କ କ୍ରମାଗତ ଭାବେ ନିର୍ଭରଶୀଳତା ହ୍ରାସ ପାଉଥିବା ବେଳେ ସେହି ଅନୁସାରେ ରାଜ୍ୟର ନିଜସ୍ୱ ରାଜସ୍ୱ କ୍ରମାଗତ ଭାବେ ବୃଦ୍ଧି ପାଇଚାଲିଛି। ସେହିପରି ଖଣି ରାଜସ୍ୱ ଏବଂ ଲଘୁ ଖଣିଜ ରାଜସ୍ୱ ଆଦାୟରେ ରାଜ୍ୟ ସରକାର ବର୍ଷଓ୍ୱାରୀ ରେକର୍ଡ ପରେ ରେକର୍ଡ କରିଚାଲିଛନ୍ତି। ଉପରୋକ୍ତ ମାନଦଣ୍ଡଗୁଡ଼ିକୁ ବିଚାରକୁ ନେଲେ ରାଜ୍ୟର ଆର୍ଥିକ ସ୍ୱାସ୍ଥ୍ୟ ବେଶ୍ ସବଳ ଥିବା ଅର୍ଥନୈତିକ ବିଶେଷଜ୍ଞମାନେ ମତପ୍ରକାଶ କରିଛନ୍ତି। ନିକଟରେ ପିଆରଏସ ଲେଜିସଲେଟିଭ ରିସର୍ଚ୍ଚର ଏକ ରିପୋର୍ଟରେ ରାଜ୍ୟର ବିତ୍ତୀୟ ସ୍ଥିତି କିପରି ଅନୁକୂଳ ପରିବେଶ ମଧ୍ୟରେ ରହିଛି ସେନେଇ ବିସ୍ତୃତ ତଥ୍ୟ ପ୍ରକାଶ ପାଇଥିଲା। ତଥ୍ୟ ଅନୁଯାୟୀ ଦେଶର ୧୩ଟି ରାଜ୍ୟ ସିଧାସଳଖ ଭାବେ କେନ୍ଦ୍ରୀୟ ଅନୁଦାନ ଉପରେ ନିର୍ଭରଶୀଳ ଅଟନ୍ତି। ତେବେ ଆଗାମୀ ୩ ବର୍ଷ ମଧ୍ୟରେ ତୁଳନାତ୍ମକ ଭାବେ କେନ୍ଦ୍ରୀୟ ଅନୁଦାନ ଧୀରେଧୀରେ ହ୍ରାସ ପାଇବ। ଯାହାଫଳରେ ହରିୟାଣା, କର୍ଣ୍ଣାଟକ, ମହାରାଷ୍ଟ୍ର, ମଧ୍ୟପ୍ରଦେଶ ଏବଂ ତାମିଲନାଡୁ ରାଜସ୍ୱ ନିଅଣ୍ଟିଆ ପରିସ୍ଥିତିର ସାମ୍ନା କରିପାରନ୍ତି। ମାତ୍ର ଓଡ଼ିଶା ଏ କ୍ଷେତ୍ରରେ ପ୍ରଭାବିତ ହେବାର ଆଦୌ ସମ୍ଭାବନା ନାହିଁ ବୋଲି କୁହାଯାଇଛି। କେବଳ ଆର୍ଥିକ ଶୃଙ୍ଖଳା ନୁହେଁ, ରାଜ୍ୟ ସରକାର ଦେଶର ପ୍ରଥମ ରାଜ୍ୟ ଭାବେ ବଜେଟ ସ୍ଥିରତା ପାଣ୍ଠିର କାର୍ଯ୍ୟନ୍ୱୟନ କରିଛନ୍ତି। ଯାହାକୁ ବିଭିନ୍ନ ମହଲରେ ଉଚ୍ଚ ପ୍ରଶଂସା କରାଯାଇଛି। ଏସବୁକୁ ବିଚାରକୁ ନେଲେ ରାଜ୍ୟର ଆର୍ଥିକ ସ୍ଥିତି ବେଶ୍ ଶୃଙ୍ଖଳିତ ଥିବା ସ୍ପଷ୍ଟ ହେଉଛି ବୋଲି ସାଧାରଣରେ ମତପ୍ରକାଶ ପାଇଛି।

### ପଦ୍ମ ଘୁଞ୍ଚ ...

କରିଥିଲେ ଯେ ୫ ବର୍ଷ ବିତିଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ କମନ ଫରେମେସନ ଫର୍ମାଟ ସାଧାରଣ ସୂଚୀ ପୁସ୍ତିକା ପ୍ରସ୍ତୁତ ହୋଇପାରିଲା ନାହିଁ। ଟ୍ରିବ୍ୟୁନାଲ ମଧ୍ୟବର୍ତୀ କାଳୀନ ରିପୋର୍ଟ ଦେଉନାହାନ୍ତି କି ରାଜ୍ୟ ସରକାର ମଧ୍ୟ ଏଥିନିମନ୍ତେ ଦାବି କରୁନାହାନ୍ତି। ସେ ଉଲେଖ କରିଥିଲେ ଯେ ମହାନଦୀର ଉପର ମୁଣ୍ଡରେ ଛତିଶଗଡ଼ ସରକାର ବହୁ ସଂଖ୍ୟାରେ ବ୍ୟାରେଜ ନିର୍ମାଣ କରିବା ଫଳରେ ଏପ୍ରିଲ ମାସରେ ଓଡ଼ିଶାରେ ପ୍ରଭାବିତ ହୋଇଥିବା ମହାନଦୀ ଜଳ ଭଣ୍ଡାର ୭୩ ପ୍ରତିଶତ କମିଛି। ସେହିପରି ମେ ମାସରେ ୭୭.୭ ପ୍ରତିଶତ ଜଳ ପ୍ରବାହ କମିଛି। ବର୍ତ୍ତମାନ ଛତିଶଗଡ଼ ସରକାର କଲମାବ୍ୟାରେଜ ତଳକୁ ଆଦୌ ଜଳ ଛାଡୁନାହାନ୍ତି। ତେଣୁ ବର୍ଷରତୁ ପରେ ନଭେମ୍ବରରୁ ମେ ମାସ ମଧ୍ୟରେ ଛତିଶଗଡ଼ ସରକାର ହୀରାକୁଦ ଜଳ ଭଣ୍ଡାରକୁ ପର୍ଯ୍ୟାପ୍ତ ପରିମାଣରେ ଜଳ ଛାଡ଼ିବା ପାଇଁ ଟ୍ରିବ୍ୟୁନାଲ ଅନ୍ତରୀଣ ଆଦେଶ ଦିଅନ୍ତୁ। ଓଡ଼ିଶାର ସରକାରଙ୍କ ନିଷ୍କ୍ରିୟତା ଫଳରେ ମହାନଦୀ ଅବବାହିକାରେ ଥିବା ପଶ୍ଚିମ ଓଡ଼ିଶା ଏବଂ ଉପକୂଳ ଓଡ଼ିଶାରେ ପିଇବା ପାଣିର ଘୋର ଅଭାବ ପରିଲକ୍ଷିତ ହେଉଛି। ଏ ବାବଦରେ ରାଜ୍ୟ ସରକାର କ'ଣ ପଦକ୍ଷେପ ନେଉଛନ୍ତି। ବିଗତ ୧୦ବର୍ଷ ହେବ ରାଜ୍ୟ ସରକାର ଖରାଦିନେ ଡାଲୁଆ ଚାଷ ପାଇଁ ପ୍ରାୟତ ବନ୍ଦ କରିଦେଇଛନ୍ତି। କେନ୍ଦ୍ରାପଡ଼ା କେନାଲ, ପୁରୀ କେନାଲ ଅନେକ ଶାଖା କେନାଲରେ ପାଣି ଛଡ଼ାଯାଉ ନାହିଁ। ଫଳରେ ଉପକୂଳ ଅଂଚଳରେ ଚାଷ ଜମି ଲବଣାକ୍ତ ହେବା ସହିତ କୂଅ ପୋଖରୀ ଶୁଖିଗଲାଣି। ନଳକୂପରୁ ପିଇବା ପାଣି ବାହାରୁ ନଥିବା ବେଳେ ଉପକୂଳ ଅଂଚଳରେ ଲୁଣି ପାଣି ବାହାରୁଛି। ରାଜ୍ୟରେ ଭିଷଣ ଗ୍ରୀଷ୍ମ ପ୍ରବାହ ସାଂଗକୁ ଜଳକଷ୍ଟ ଅସହ୍ୟ ହେଲାଣି। ଏଣୁ ଓଡ଼ିଶା ସରକାର ତୁରନ୍ତ ସମସ୍ତ କେନାଲରେ ପାଣି ଛାଡ଼ିବାକୁ ଆମେ ଦାବି କରୁଛୁ। ଯଦି ଛତିଶଗଡ଼ ସରକାର ଏତେ ଗୁଡ଼ିଏ ବନ୍ଧ ନିର୍ମାଣ କରିପାରିଲେ ତେବେ ୨୩ ବର୍ଷର ସରକାର ଏକ ନମ୍ବର ମୁଖ୍ୟମନ୍ତ୍ରୀ ମହାନଦୀର ତଳ ମୁଣ୍ଡରେ ଏ ପର୍ଯ୍ୟନ୍ତ ଜଳଧାର ସୃଷ୍ଟି କରିଛନ୍ତି। ବକ୍ତବ୍ୟ ଶେଷରେ ଯଦି ଓଡ଼ିଶାବାସୀଙ୍କ ବୃହତର ସ୍ୱାର୍ଥ ଦୃଷ୍ଟିରୁ ଟ୍ରିବ୍ୟୁନାଲରୁ ମଧ୍ୟବର୍ତୀ କାଳୀନ ରିପୋର୍ଟ ନ ଆସେ ଓ କେନାଲ ମାନଙ୍କରେ ପାଣି ଛଡ଼ାନଯାଏ କଂଗ୍ରେସ ରାସ୍ତାକୁ ଓହ୍ଲାଇବାକୁ ବାଧ୍ୟ ହେବ ବୋଲି ଶ୍ରୀ ପଟ୍ଟନାୟକ ସୂଚାଇ ଦେଇଥିଲେ।

## ସିଆରପି ଏମବିକେ ବ୍ୟାଙ୍କ ମିତ୍ର ନିଯୁକ୍ତିରେ ଅନିୟମିତତା; ତଦନ୍ତ ଦାବି

**କାକଟପୁର :** କେତେବେଳେ ଛତୁଆ ଦୁର୍ନୀତି ତ କେତେବେଳେ ବିନା ଓଏଲଆର ଅନୁମତିରେ ବିଶାଳ ଅଟ୍ଟାଳିକା ସାମ୍ରାଜ୍ୟ ଗଠନ କରି ରାଜସ୍ୱ ଠକି ମାଲେମାଲ୍ ହେଇଥିବା ସଭାନେତ୍ରୀଙ୍କ ବିରୋଧରେ ନିଯୁକ୍ତି ପାଇଁ ଲକ୍ଷ ଲକ୍ଷ ଟଙ୍କା ଆଦାୟ କରିଥିବା ସଙ୍ଗୀନ ସାଂଘାତିକ ଅଭିଯୋଗ ଆଣିଛନ୍ତି ସ୍ୱୟଂ ସହାୟକ ମହିଳା ଗୋଷ୍ଠୀର ସଭ୍ୟା ମାନେ। ଓଥକା ପଞ୍ଚାୟତର ଜଣେ ସଭ୍ୟା ନିଜ ନାମ ଗୋପନ ରଖି କହିଛନ୍ତି ମା' ମଙ୍ଗଳା ମହିଳା ମହାସଂଘ, କାକଟପୁର ଚିଠି ନଂ:୧୯ ତା୧୭.୦୧.୨୦୨୩ରିଖ ଦିନ ୧୬ଗୋଟି ପଞ୍ଚାୟତ ପାଇଁ ୧୪୫ଜଣ ସିଆରପି ୧୦ଜଣ ଏମବିକେ ୯ଜଣ ବ୍ୟାଙ୍କ ମିତ୍ର ନିଯୁକ୍ତି ପାଇଁ ନୋଟିଫିକେସନ ହୋଇଥିଲା। କିଛି ଖଳ ପ୍ରକୃତିର ଦଲାଲ୍ ଓ ଜୈନିକ ସଭାନେତ୍ରୀ ନିଯୁକ୍ତି ନାଁରେ ଜଣପିଛା ୮ ରୁ ୧୦ ଲକ୍ଷ ଟଙ୍କା ଆଦାୟ କରୁଥିବା ଅଭିଯୋଗ ହେଉଛି। ସରକାରଙ୍କ ବିଧି ବ୍ୟବସ୍ଥା ସବୁ ନିୟମକୁ ଧୂଆଁ ଉଠାଇ ଟଙ୍କା ଦିଅ ନିଯୁକ୍ତି ପତ୍ର ନିଅ କହି ପ୍ରାୟ ୫କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଆଦାୟର ଅର୍ଥନୈତିକ ଅପରାଧ ଶାଖା, ଭିଜିଲାନ୍ସ ବିଭାଗ, କ୍ରାଇମବ୍ରାଞ୍ଚ ତଦନ୍ତର ଆବଶ୍ୟକତା ରହିଛି। ଏସମ୍ପର୍କରେ ପୁରୀ ଜିଲ୍ଲା ପ୍ରୋଜେକ୍ଟ ମ୍ୟାନେଜରଙ୍କୁ ପଚାରିବାରେ ସେ ତାଙ୍କ ପ୍ରତିକ୍ରିୟାରେ କୁହନ୍ତି ଯେ ଯଦି ନିଯୁକ୍ତି ନାଁରେ ବଟି ଆଦାୟ ଘଟଣା ସତ ହୋଇଥାଏ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। କାକଟପୁର ବ୍ଲକ ମିଶନ ଶକ୍ତିର ଅଧିକାରୀ ନୟନ କୁମାର ଜେନା କୁହନ୍ତି ଅଭିଯୋଗର ସତ୍ୟତା ରହିଛି ନଜର ରଖିଛୁ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଉପରିସ୍ଥ ଅଧିକାରୀଙ୍କୁ ଜଣାଇବୁ।

## ବିନା ଓଏଲଆର ଅନୁମତିରେ ଅଟ୍ଟାଳିକା ପ୍ରସଙ୍ଗ: ଉପଜିଲ୍ଲାପାଳଙ୍କ ତଦନ୍ତ ନିର୍ଦ୍ଦେଶ

**କାକଟପୁର :** ଆସନ୍ତା ୧୫ତାରିଖ ଦୈନିକ ସମ୍ବାଦପତ୍ରରେ ପ୍ରକାଶିତ ଖବର ବିନା ଓଏଲଆର ଅନୁମତିରେ ବିଶାଳ ଅଟ୍ଟାଳିକା ସନ୍ଦେହ ଘେରରେ ତହସିଲଦାର ରାଜସ୍ୱ ନିରୀକ୍ଷକ ଭିଜିଲାନ୍ସ ତଦନ୍ତ ଦାବି ପ୍ରସଙ୍ଗରେ ତତ୍ପରତା ପ୍ରକାଶ କରିଛି। ପୁରୀ ଜିଲ୍ଲା ପ୍ରଶାସନ ମିଳିଥିବା ସୂଚନା ମୁତାବକ ପୁରୀ ଜିଲ୍ଲା କାକଟପୁର ତହସିଲ ଅନ୍ତର୍ଗତ ସମସ୍ତ ମୌଜାରେ କେତେକ ଦଲାଲ ଜମି ମାଫିଆ ମାନେ ରାଜସ୍ୱ ଅଧିକାରୀ ମାନଙ୍କୁ ମୋଟା ଅଙ୍କର ଅର୍ଥ ଦେଇ ବିନା ଓଏଲଆର ଅନୁମତିରେ ବିଶାଳ ଅଟ୍ଟାଳିକା ସାମ୍ରାଜ୍ୟ ଗଠନ କରିବାରେ ସମର୍ଥ ହେଉଛନ୍ତି। କାକଟପୁର ମୌଜା ଥାନା ନମ୍ବର:-୨୫ ପରିଛେଦ ନମ୍ବର: ୪୦୨ ଖାତା ନମ୍ବର:-୬୩୩ ପ୍ଲଟ୍ ନମ୍ବର:-୯୦୨ ରେ କିସମ ବିଆଳି ଦୋଫସଲି ଥିବା ବେଳେ ଉକ୍ତ ସ୍ଥାନରେ ବିଶାଳ ଅଟ୍ଟାଳିକା ସାମ୍ରାଜ୍ୟ କାହା ସ୍ୱାର୍ଥରେ ଗଢି ଉଠିଛି ଏବେ ସାଧାରଣରେ ଚର୍ଚ୍ଚା ଜୋର ଧରିଛି। ଉକ୍ତ ଖତିୟାନର ପ୍ରଜା ଜଣେ ପ୍ରତିଷ୍ଠିତ ବ୍ୟବସାୟୀ ହୋଇଥିବା ବେଳେ ତାଙ୍କ ଧର୍ମ ପତ୍ନୀ ଜଣେ ସରକାରୀ କର୍ମଚାରୀ, ପୁଅ, ବୋହୂ, ଝିଅ ଜ୍ୱାଇଁ



ସରକାରୀ କର୍ମଚାରୀ ହୋଇଥିବା ବେଳେ ସରକାରଙ୍କୁ ଆଖି ଠାର ପଛରେ ସ୍ଥାନୀୟ ରାଜସ୍ୱ ଅଧିକାରୀଙ୍କ ଭୂମିକା କାର୍ଯ୍ୟ ନିର୍ବାହ ଉପରେ ପ୍ରଶ୍ନ ଉଠାଇଲାଣି ସାଧାରଣ ଲୋକେ ଏହି ଖବର ପ୍ରସାରିତ ହେବା ପରେ ପୁରୀ ଜିଲ୍ଲା ପ୍ରଶାସନ ଘଟଣାକୁ ଗଭୀର ସହ ନେଇ ୩ଜଣିଆ କମିଟି ଗଠନ କରି ତଦନ୍ତ ରିପୋର୍ଟ ଦାଖଲ କରିଥିବା ନିର୍ଦ୍ଦେଶ କରିଛନ୍ତି। ଏବେ ପ୍ରଶ୍ନ ଉଠିଛି କାକଟପୁର ମୌଜାରେ ଚକ୍, ବିଆଳି, ଦୋଫସଲି ରେ ବିନା ଓଏଲଆର ରେ ଅଟ୍ଟାଳିକା କରିବାକୁ କିଏ କ'ଣ ପାଇଁ କାହା ସ୍ୱାର୍ଥରେ ଗଢି ଉଠିଛି ତଦନ୍ତ ଜୋର ଧରିଛି।

## ସରକ୍ଷଗୁଡ଼ା ମା' ପେଣ୍ଡ୍ରାଣୀ ଠାକୁରାଣୀ ଯାତ୍ରା ସମ୍ପନ୍ନ



**ନବରଙ୍ଗପୁର:** ନବରଙ୍ଗପୁର ଜିଲ୍ଲା ଡାବୁଗାଁ ବ୍ଲକ କୋଇଲାରି ଗ୍ରାମ ପଞ୍ଚାୟତର ସରକ୍ଷଗୁଡା ଗ୍ରାମ ସଦର ମହକୁମାରେ ମହାସମାରୋହରେ ମା' ପେଣ୍ଡ୍ରାଣୀ ଠାକୁରାଣୀ ଯାତ୍ରା ସମ୍ପନ୍ନ ହୋଇଯାଇଛି। ଏହି ଅବସରରେ ଆଖ ପାଖ ଦେବା ଦେବୀଙ୍କ ପ୍ରତୀକ ଲାଠି କୁରୁଚି ଗ୍ରାମ ପରିକ୍ରମା କରି ମା' ପେଣ୍ଡ୍ରାଣୀ ଠାକୁରାଣୀ ମନ୍ଦିର ନିକଟରେ ପହଞ୍ଚି ଜଗଦୀଶ ପୁଝାରୀଙ୍କ ଦ୍ୱାରା ପୂଜାର୍ଚ୍ଚନା କରାଯାଇଥିଲା କ୍ଷପୂଜାରୀ, ଶିରା ମାନେ ଉପସ୍ଥିତ ରହି ପୂଜାକାର୍ଯ୍ୟ ସମାପନ କରି ଥିବା ବେଳେ ଉକ୍ତ ଯାତ୍ରାରେ ବହୁ ଉଠା ଦୋକାନୀ ମାନଙ୍କ ଭିଡ ସାଙ୍ଗକୁ ଶ୍ରଦ୍ଧାଳୁ ଭକ୍ତ ମାନଙ୍କ ଭିଡ ଦେଖିବାକୁ ମିଳିଥିଲା। ଶ୍ରଦ୍ଧାଳୁ ଭକ୍ତ ମାନଙ୍କ ପାଇଁ ରାତ୍ରୀରେ ମନୋରଞ୍ଜନ ନିମନ୍ତେ କୋରାପୁଟ ଜିଲ୍ଲାରୁ କଟରିଗୁଡକ୍ଷ ଗ୍ରାମର ମା' ତାରେଣୀ ନାଟ୍ୟ ସଂଘ କର୍ତ୍ତ ଗୁରୁଙ୍କ 'ମୋ ପ୍ରେମିକା ଦେଲା ପ୍ରେମରେ ଧକ୍କା' ନାଟକ ପ୍ରଦର୍ଶନ କରାଯିବ। ଉକ୍ତ ଯାତ୍ରାର କମିଟି ବୃନ୍ଦଙ୍କ ମଧ୍ୟରେ କପୁର ଚନ୍ଦ୍ର, ଲାଇବନ,ଚୈତନ୍ୟ, ଚନ୍ଦ୍ର, ଶୁକଦେବ, କୈଳାଶ, ସଦା, ଅଭି, ନରହରି, ସନାଧର, ନରସିଂ, ଗୁରୁବାରୁ, ବଇସୂ ପ୍ରମୁଖ ଗ୍ରାମର ଅନ୍ୟ ଭଦ୍ର ବ୍ୟକ୍ତି ସହଯୋଗରେ ସରସ ସୁନ୍ଦର ହୋଇ ପାରିଥିଲା। ଉକ୍ତ ଯାତ୍ରା ସରାଗୁଡା, ଝାଲିଆଗୁଡକ୍ଷ ଓ କେନ୍ଦୁଗୁଡା ୩ଟି ଗ୍ରାମ ମିଶି କାହିଁ ଆଦିମ କାଳରୁ ହୋଇଆସୁଛି।

# ସାଂସ୍କୃତିକ ପ୍ରେକ୍ଷାପଟରେ ସାବିତ୍ରୀ ବ୍ରତ



ଡକ୍ଟର ମନୋରଞ୍ଜନ ବିଷୋୟୀ

ପୁରୁଷାନୁକ୍ରମେ ଧାରାବାହିକ ଭାବରେ ମାନବ ଗୋଟିଏ ଗୋଷ୍ଠୀର ଅଂଶ ଭାବରେ ସାଇଁଟି ନେଇଥିବା ଅନୁଭୂତି ଓ ଅଭିଜ୍ଞତାର ପୁଞ୍ଜିକୁ ଆଧାର କରି ପରମ୍ପରା 'ସଂସ୍କୃତି' ଭାବରେ ପରିଚିତ ହୁଏ । ପ୍ରତ୍ୟେକ ମାନବ ଗୋଷ୍ଠୀର ଏକ ନିର୍ଦ୍ଦିଷ୍ଟ ଆଚରଣ ବିଧି ରହିଥାଏ । ଜନ୍ମ ପରବର୍ତ୍ତୀ ସମୟରେ ମାନବ ଏହାକୁ ଅନୁକରଣ କରିବା ନିମନ୍ତେ ବାଧ୍ୟ ହୁଏ । ଏହାର ପରିସର ପରିବ୍ୟାପ୍ତ । ସଂକ୍ଷିପ୍ତରେ କହିଲେ- ମାନବୀୟ ଉତ୍କର୍ଷ କାର୍ଯ୍ୟାବଳୀକୁ 'ସଂସ୍କୃତି' କୁହାଯାଏ । ମାନବୀୟ ଆଚରଣ ଓ ଉଚ୍ଚାରଣ ଆଧାରରେ ଗଢ଼ିଉଠେ ପରମ୍ପରା ଓ ପରମ୍ପରାର ସଜ୍ଜିକରଣରେ ସଂସ୍କୃତି ଜନ୍ମ ନେଇଥାଏ । ମାନବ ସଭ୍ୟତାର ଶୈଶବକାଳୀନ ଅନୁଭୂତିଠାରୁ ସାମାଜିକ ବିକାଶଧାରାର ଇତିବୃତ୍ତକୁ ଆଧାର କରି ପାରମ୍ପରିକ ଦୃଷ୍ଟିଭଙ୍ଗୀର ସୁସଂଯତ ବିନ୍ୟାସରେ ବିକାଶଲାଭ କରିଛି ସଂସ୍କୃତି।

ଏ ପରିପ୍ରେକ୍ଷୀରେ କହିରଖେ ମହାଭାରତୀୟ ସଂସ୍କୃତି ବିବିଧତା ମଧ୍ୟରେ ଏକତ୍ୱର ଦୃଷ୍ଟିଭଙ୍ଗୀକୁ ନେଇ ବିଶ୍ୱକୁ ଦେଇଛି ଅଭିନବ ପରିଚିତି । ବହୁ ଚିନ୍ତା, ବହୁ ବିଶ୍ୱାସ ଏବଂ ବହୁ ଆଚରଣର ସମନ୍ୱୟ ଭିତରେ; ଭାରତୀୟ ସଂସ୍କୃତିର ମହାନତାକୁ ଅନୁଭବ କରିହୁଏ । ବିଶ୍ୱକଲ୍ୟାଣ ହେଉଛି ଏହାର ମୂଳମନ୍ତ୍ର । 'ସର୍ବଜନ ହିତାୟ, ସର୍ବଜନ ସୁଖାୟ' ସତ୍ୟରେ ଏହି ସଂସ୍କୃତି ବିଶ୍ୱାସ ରଖେ ।

ଏହି ଧାରାରେ ମହାଭାରତୀୟତାର ଅଭିନ୍ନ ଅଂଶ ଭାବରେ ଉତ୍କଳୀୟ ସାଂସ୍କୃତିକ ଚେତନାକୁ ଅନୁଧ୍ୟାନ କରାଯାଇପାରେ । କପିଳ ସଂହିତା କହେ-

"ବର୍ଷାଣାଂ ଭାରତ ଶ୍ରେଷ୍ଠୋ ଦେଶାନାମୁତ୍କଳ ଶ୍ରୁତଃ

ଉତ୍କଳସ୍ୟ ସମୋଦେଶୋ ଦେଶୋନାସ୍ତି ମହୀତଳେ ।"

ବାସ୍ତବିକ କହିବାକୁ ଗଲେ ମହାଭାରତୀୟ ମୌଳିକ ଦୃଷ୍ଟିଭଙ୍ଗୀକୁ ଅକ୍ଷୁଣ୍ଣ ରଖି ଉତ୍କଳୀୟ ସଂସ୍କୃତି ଆପଣାର ମହନୀୟତାରେ ଦୀପ୍ତିମାନ । ବହୁଧାରା ଏ ମାଟିରେ ଏକ ହୋଇ ଜାତୀୟ ଚେତନାକୁ ସମୃଦ୍ଧ କରିଛି । ଭାରତୀୟ ସଂସ୍କୃତି ଯେପରି ବିଭିନ୍ନତା ଓ ବୈଚିତ୍ର୍ୟ ମଧ୍ୟରେ ପୂର୍ଣ୍ଣତା ଲାଭ କରିଛି; ଓଡ଼ିଶା ମଧ୍ୟ ସମତଳ, ଉପକୂଳ ଓ ପାର୍ବତ୍ୟାଞ୍ଚଳ ସଭ୍ୟତାର ସମନ୍ୱୟରେ ହୋଇଛି ବୈଭବଶାଳୀ । କଳିଙ୍ଗ, କୋଶଳ, କଙ୍ଗୋଦ, ଉଡ୍ର ଓ ଉତ୍କଳ ଭଳି ବହୁ ନାମକୁ ବହନ କରିଥିବା ଓଡ଼ିଶା ଭୂମିର ସଂସ୍କୃତି ହିଁ ଏହି ସିଦ୍ଧ-ଶୁଦ୍ଧ-ସତ୍‌ଭୂମିକୁ କରିଛି ସ୍ୱର୍ଣ୍ଣପ୍ରସୂ । ସମୟକ୍ରମେ ଧାର୍ମିକ, ସାମାଜିକ, ସାଂସ୍କୃତିକ ଦୃଷ୍ଟିରୁ ଓଡ଼ିଶା ଗୁରୁତ୍ୱପୂର୍ଣ୍ଣ ସ୍ଥାନ ବହନ କରିଆସୁଅଛି । ଓଡ଼ିଶାର ସଂସ୍କୃତି ସ୍ୱକୀୟ ସତ୍ତା, ବୈଶିଷ୍ଟ୍ୟ, ମର୍ଯ୍ୟାଦା ଓ ମହିମାରେ ମହିମାନ୍ୱିତ ହୋଇଛି ।

ଏ ପରିପ୍ରେକ୍ଷୀରେ କହିରଖେ ଉତ୍କଳୀୟ ସଂସ୍କୃତିର ପ୍ରାଣରେ ଭରିରହିଛି ଆଧ୍ୟାତ୍ମ୍ୟବାଦ । ଏହା ଯାନିଯାତ୍ରା, ପୂଜାପାର୍ବଣ ଓ ଓଷାବ୍ରତାଦି ଦ୍ୱାରା ଅଧିକ ପ୍ରସାରିତ ହୋଇପାରିଛି । ଧର୍ମଧାରଣା ସହ ପବିତ୍ର ଭକ୍ତିଭାବନା ଏ ସବୁରେ ସମନ୍ୱିତ । ଏହି ଧାରାରେ ଓଷାବ୍ରତ ଆଦି ସାମାଜିକ ତଥା ସାଂସ୍କୃତିକ ଜୀବନରେ ଯଥେଷ୍ଟ ପ୍ରାଧାନ୍ୟ ବିସ୍ତାର କରିଛି ।

ଓଷାବ୍ରତ ଆଦି ଆଧ୍ୟାତ୍ମିକତା ଭିତ୍ତିଭୂମି ଉପରେ ପ୍ରତିଷ୍ଠିତ ଧର୍ମଧାରଣା ସହିତ ପବିତ୍ର ଭକ୍ତିଭାବନା ଏଥିରେ ସମନ୍ୱିତ । ଏହା ସହ ସାମାଜିକ ଜୀବନଧାରା ମଧ୍ୟ ପ୍ରତିଫଳିତ । ଏଥିରେ ଜାତୀୟ ଚରିତ୍ରର ସ୍ୱରୂପ ସ୍ପଷ୍ଟ ଅଭିବ୍ୟକ୍ତି ଲାଭ କରିଥାଏ । ସମୂହ ଏକତା, ପାରସ୍ପରିକ ସ୍ନେହ, ସଦିଚ୍ଛା, ମୈତ୍ରୀ, ସହୃଦୟତା ସହ ପରୋପକାରିତା, ସହଯୋଗିତା ଓ ସେବାପରାୟଣତା ଭଳି ଦୁର୍ଲ୍ଲଭ ମାନବିକ ଆଚରଣକୁ ଓଷାବ୍ରତ ଆଦି ସୁଦୃଢ଼ କରିଥାଏ ।

ବ୍ରତ ସାଧାରଣତଃ ଉପବାସ, ନିୟମ, ସଂଯମ ଓ ନିଷ୍ଠା ପ୍ରଭୃତିକୁ ବୁଝାଇଥାଏ । ଏକାଧିକ ଅଲୌକିକ କାହାଣୀ ବା ଘଟଣା ମାଧ୍ୟମରେ ଓଷାବ୍ରତର ମହିମା ପ୍ରତିପାଦନ କରାଯାଇଥାଏ । ଏହା ପ୍ରଥମେ ମୌଖିକ ଥିବା ସ୍ଥଳେ ପରମ୍ପରା କ୍ରମେ ତୁଣ୍ଡରୁ ତୁଣ୍ଡ ହୋଇ ପ୍ରତିଷ୍ଠା ଅର୍ଜନ କରିବା ଦ୍ୱାରା ଏହାକୁ ଲିଖିତ ରୂପ ପ୍ରଦାନ କରାଯାଇଛି । ତତ୍ ସହ ବିଭିନ୍ନ ଆଚାର ବିଧି ସେଥିରେ ସଂଯୁକ୍ତ ହୋଇଛି । ପ୍ରକୃତ ପକ୍ଷେ କହିବାକୁ ଗଲେ ଓଷାବ୍ରତ ଆଦି ସାମାଜିକ ଓ ସାଂସ୍କୃତିକ ଜୀବନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଆସିଅଛି । ଏହାଦ୍ୱାରା ସମାଜରେ ଶୃଙ୍ଖଳା, ସଦ୍‌ଭାବ, ମୈତ୍ରୀଭାବ ଆଦି ସହ ପରସ୍ପର ମଧ୍ୟରେ ସ୍ନେହ, ସୌହାର୍ଦ୍ଦ୍ୟ ସ୍ଥାପନ କରିବାରେ ବେଶ୍ ସହାୟକ ହୋଇପାରିଛି ।

ଏଠାରେ କହିରଖେ, ନିତ୍ୟ, ନୈମିତ୍ତିକ ଓ କାମ୍ୟ ଭେଦରେ ବ୍ରତ ସାଧାରଣତଃ ତିନି ଭାଗରେ ବିଭକ୍ତ । ତନ୍ମଧ୍ୟରୁ ପ୍ରଥମ ଦୁଇଟି ବ୍ରାହ୍ମଣ୍ୟ ଧର୍ମର ଅନ୍ତର୍ଭୁକ୍ତ । କାରଣ ନିତ୍ୟ ଓ ନୈମିତ୍ତିକ ବ୍ରତରେ କୌଣସି ପ୍ରକାର ତ୍ରୁଟି-ବିଚ୍ୟୁତି ସମ୍ଭବ ନୁହେଁ କିମ୍ବା ବ୍ରାହ୍ମଣର ସହାୟତା ବିନା ସେସବୁର ପ୍ରତିପାଳନ ସହଜ ନୁହେଁ । କିନ୍ତୁ କାମ୍ୟ ବ୍ରତ ନିର୍ଦ୍ଦିଷ୍ଟ କାମନାର ସଫଳତା ନିମିତ୍ତ ପାଳନ କରାଯାଇଥାଏ । ସେଥିପାଇଁ ପୁରୋହିତଙ୍କ ଆବଶ୍ୟକତା ଅନିବାର୍ଯ୍ୟ ନୁହେଁ।

ଧର୍ମଶାସ୍ତ୍ରକାରମାନଙ୍କ ଅନୁସାରେ ବ୍ରତ କାୟିକ ଓ ମାନସିକ ଭେଦରେ ଦୁଇ ପ୍ରକାର ।



ତନ୍ମଧ୍ୟରେ ଉପବାସାଦିକୁ କାୟିକ ଓ ଅହିଂସା, ସତ୍ୟ ଓ ବ୍ରହ୍ମଚର୍ଯ୍ୟାଦିକୁ ମାନସିକ ବ୍ରତ କୁହାଯାଏ। କାମନା ପୂରଣ ଉଦ୍ଦେଶ୍ୟରେ ଆଚରଣ ଓ ଖାଦ୍ୟପେୟରେ ଶୁଦ୍ଧତା ଏବଂ ସଂଯତ ରହି ନିର୍ଦ୍ଦିଷ୍ଟ ତିଥି, ବାର, ଯୋଗ, ସପ୍ତାହ, ମାସ ବା ସମୟରେ କୌଣସି ଦେବଦେବୀଙ୍କ ସନ୍ତୋଷ ବିଧାନ ଓ ଅନୁକୂଲ୍ୟ ଲାଭ ପାଇଁ ସଂକଳ୍ପବଦ୍ଧ ହୋଇ ନିର୍ଦ୍ଧାରିତ ନିୟମ ଅନୁସାରେ ସମ୍ପାଦିତ ଏକ ପ୍ରକାର ଧର୍ମକୃତ୍ୟକୁ ବ୍ରତ କୁହାଯାଏ ।

ଏହି ଧାରାରେ ଉତ୍କଳୀୟ ଜନଜାତିର ଏକ ଶ୍ରେଷ୍ଠ ବ୍ରତ ଭାବରେ 'ସାବିତ୍ରୀ ବ୍ରତ' କାଳ କାଳ ଧରି ପ୍ରଭାବ ବିସ୍ତାର କରି ଆସିଛି । ଏହି ବ୍ରତ ଅନ୍ତରାଳରେ ରହିଛି ସାମାଜିକ ସଂହତି, ବିକାଶ ତଥା ପ୍ରସାରର ଏକ ସାଂକେତିକ ଉପଲବ୍ଧ । ପ୍ରକୃତପକ୍ଷେ କହିବାକୁ ଗଲେ ସାଂସ୍କୃତିକ, ଆଧ୍ୟାତ୍ମିକ, ସାମାଜିକ ଓ ନୈତିକ ଅଭିବ୍ୟକ୍ତିର ଏହା ଏକ ସାର୍ଥକ ପରିପ୍ରକାଶ । ପତି-ପତ୍ନୀ ସଂପର୍କର ଏକ ଶାଶ୍ୱତ ପରିପ୍ରକାଶ । ଏହି ବ୍ରତର ପରିସରରେ ଦେବ ଓ ମାନବ ସମ୍ପର୍କ ଅତି ନିବିଡ଼ ଭାବରେ ଥିବା ଲକ୍ଷ୍ୟ କରିହୁଏ । ଭକ୍ତି ସହ ସାମାଜିକ ଲକ୍ଷ୍ୟ ସାଧନ ନିମନ୍ତେ ଏକ ସୁସ୍ଥ ପରମ୍ପରା ଗଢ଼ିଉଠିଥାଏ । ଏ ଅବସରରେ କହିରଖେ ସାବିତ୍ରୀ ବ୍ରତର ବିଧାନ ମଧ୍ୟ ଦୁଇଟି ପରିସର ଭିତରେ ଯୋଗସୂତ୍ର ରକ୍ଷା କରିଥାଏ । କାରଣ ପିତା ଗୃହରୁ ଆସିଥିବା ଭାର ଅର୍ଥାତ୍ ଭୋଗ ସାମଗ୍ରୀ ଏଠାରେ ପତିଗୃହର ମଙ୍ଗଳ ସାଧନ ନିମନ୍ତେ ବ୍ୟବହୃତ ହୋଇଥାଏ । ଦୁଇଟି ପରିବାରର ମିଳନ ବିନ୍ଦୁରେ ଠିଆ ହୁଏ ନାରୀ । ଏହାହିଁ ହେଉଛି ନାରୀ ଜୀବନର ମହାନତା । ସେ ଦୁଇଟି ପୃଥିବୀରେ କାଳ ଅତିବାହିତ କରିଥାଏ । ଜନ୍ମଠାରୁ ଯୌବନ ପ୍ରାପ୍ତି ପର୍ଯ୍ୟନ୍ତ ପିତୃଗୃହରେ; ତା' ପରବର୍ତ୍ତୀ ପର୍ଯ୍ୟାୟ ପତି ଗୃହରେ । ଏହି ବ୍ରତରେ ମଧ୍ୟ ନାରୀ ଦୁଇ ପରିବାରର ମଙ୍ଗଳ ସାଧନ ନିମନ୍ତେ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ । ଏହି ବ୍ରତରେ ଶିଳପୁଆ ପ୍ରତୀକାତ୍ମକ ରୂପ ପରିଗ୍ରହଣ କରି ନୂତନ ବସ୍ତ୍ରରେ ଆଚ୍ଛାଦିତ ହେବା ସହ ଚନ୍ଦନ, ସିନ୍ଦୂର, ହଳଦୀ ଆଦିରେ ବିଭୂଷିତ ହୋଇ ପୂଜା ପାଇଥାନ୍ତି । ବତୁରା ମୁଗ, ଆମ୍ବ, ପଣସ, ନଡ଼ିଆ, କଦଳୀ, ଖଜୁରୀ, ତାଳ, କାକୁଡ଼ି, କାଚ, କଳାମାଳି ଆଦି ପୂଜାର ମୁଖ୍ୟ ଉପାଦାନ । ସଧବା ନାରୀମାନେ ନବବସ୍ତ୍ର ପରିଧାନ ସହ ପବିତ୍ର ମନରେ ପୂଜାକର୍ମ ସାରିବା ପର୍ଯ୍ୟନ୍ତ ନିର୍ଜ୍ଜଳ ଉପବାସ ରହି ପତିଙ୍କ ସହ ଉଭୟ ପରିବାରର ମଙ୍ଗଳ କାମନା କରିଥାନ୍ତି । ଏହି ବ୍ରତ ବେଳେ ନାରୀଟିଏ ପରିବାର ପ୍ରତି ଥିବା ନିଷ୍ଠା, ଆନୁଗତ୍ୟ ଓ ତ୍ୟାଗକୁ ଲକ୍ଷ୍ୟ କରିହୁଏ ।



ପ୍ରକୃତପକ୍ଷେ କହିବାକୁ ଗଲେ ସାମାଜିକ ପ୍ରଗତି ଓ ପାରିବାରିକ ସଂହତିର ଧାରାରେ ନାରୀର ନିଷ୍ଠା ଓ ତ୍ୟାଗ କେତେ ଯେ ଗୁରୁତ୍ୱପୂର୍ଣ୍ଣ; ତାହା ଏହି ବ୍ରତ ପାଳନ ଅବସରରେ ଅନୁଭବ କରିହୁଏ । ଏହାସହ ଗୋଟିଏ ପରିବାରର ଉନ୍ନତି ଓ ବ୍ୟକ୍ତିର ଅଗ୍ରଗତିରେ ନାରୀର ଭୂମିକା କେତେ ଗୁରୁତ୍ୱପୂର୍ଣ୍ଣ ତାହା ସୂଚିତ କରିଥାଏ । ଏହି ବ୍ରତ ଯେ କେବଳ ଆଧ୍ୟାତ୍ମିକ ମାର୍ଗ ପ୍ରଦର୍ଶନ କରିନଥାଏ; ଏହା ସହ



ଏହି ବ୍ରତ ସାମାଜିକ ବାସ୍ତବତାକୁ ମଧ୍ୟ ବହନ କରିଥାଏ । ଏ ପରିପ୍ରେକ୍ଷୀରେ କହିରଖେ ସାବିତ୍ରୀ ବ୍ରତ କଥା ମହାଭାରତ ପରିସରରୁ କ୍ରମେ ଲୋକଜୀବନ ସହ ଘନିଷ୍ଠ ଭାବରେ ସଂପୃକ୍ତ ହୋଇପଡ଼ିଛି । ପଣ୍ଡୁ ପୁତ୍ର ଯୁଧିଷ୍ଠିରଙ୍କ ପଚାରିବା ପ୍ରକାରେ ଶ୍ରୀକୃଷ୍ଣଙ୍କ ଦ୍ୱାରା କଥିତ ଏହି ଆଖ୍ୟାନଟି ହେଲା- ଅଶ୍ୱପତି ନାମକ ଜଣେ ଧର୍ମପରାୟଣ, ପ୍ରଜାପାଳକ ରାଜାଙ୍କ ସୁଖ୍ୟାତି ଥିଲେ ମଧ୍ୟ ସନ୍ତାନଟିଏ ନଥିବାରୁ ସେ ଦୁଃଖରେ ଥିଲେ । ଋଷିଙ୍କ କହିବାପ୍ରକାରେ ମନ୍ତ୍ର ଜପ କରି ଏକ ଶୁଭଲଗ୍ନରେଏକ ଦୁହିତାର ଜନକ ହେବାର ସୌଭାଗ୍ୟ ଲାଭ କରିଥିଲେ । ଏହି ଦୁହିତା ମନ୍ତ୍ର ପ୍ରଭାବରୁ ଜନ୍ମିଥିବାରୁ ନାମ ହେଲା ସାବିତ୍ରୀ । ବେଦର ଓଁକାର ଧ୍ୱନିରେ ଲାଳିତା ସାବିତ୍ରୀ ଜଣେ ସାଧାରଣ ନାରୀ ନୁହଁନ୍ତି । ସେ ବ୍ୟାପକ ଅର୍ଥର ପ୍ରତୀକ । ସେ ସାବିତ୍ରୀ ଅର୍ଥାତ୍ ସୂର୍ଯ୍ୟଙ୍କ ପରି ଅମାପ ଶକ୍ତିର ଅଧିକାରିଣୀ । ବାସ୍ତବିକ କହିବାକୁ ଗଲେ ଏକ ଅଖଣ୍ଡ ସୌନ୍ଦର୍ଯ୍ୟର ପ୍ରତୀକ ହେଉଛନ୍ତି ସାବିତ୍ରୀ । କେବଳ ସୌନ୍ଦର୍ଯ୍ୟର ସ୍ଥୂଳ ରୂପ ନୁହେଁ, ସୂକ୍ଷ୍ମ ରୂପ ସହ ମଧ୍ୟ ସାବିତ୍ରୀ ଚରିତ୍ରର ସମନ୍ୱୟ ଘଟିଛି । ବିଚାର ଓ ବିବେକ ସହ ତ୍ୟାଗ ଓ ସମର୍ପଣର ଚିତ୍ର ସାବିତ୍ରୀଙ୍କୁ ମହନୀୟ କରି ଗଢ଼ି ତୋଳିଛି ।

ରାଜା ଅଶ୍ୱପତି ଓ ରାଣୀଙ୍କ ସ୍ନେହ ଆଦର ପାଇ ବଢ଼ିବାକୁ ଲାଗିଥିବା ସାବିତ୍ରୀ ଋଷି ଆଶ୍ରମରେ ଏକ ପୁରୁଷକୁ ଦେଖି ଋଷିଙ୍କ ଠାରୁ ସେ ପୁରୁଷ ଅବନ୍ତୀ ନଗର ରାଜା ଦ୍ୟୁମତସେନଙ୍କ ପୁତ୍ର ସତ୍ୟବାନ ଅର୍ଥାତ୍ ଚିତ୍ରସେନ ବୋଲି ଜାଣିପାରି ମନେ ମନେ ପତି ରୂପେ ବରଣ କରିବାକୁ ମନସ୍ଥ କରିଛନ୍ତି । କିନ୍ତୁ ପରବର୍ତ୍ତୀ ସମୟରେ ନାରଦ ମହାମୁନିଙ୍କ ଠାରୁ ସତ୍ୟବାନଙ୍କ ଆୟୁଷ ଏକବର୍ଷ ଜାଣିବା ସତ୍ତ୍ୱେ ସାବିତ୍ରୀ ପିତା ଅଶ୍ୱପତିଙ୍କ ଆଗରେ ଅନ୍ୟପୁରୁଷ ବରଣ କରିବି ନାହିଁ ବୋଲି ଶୁଣାଇବା ସହ ଏକ ଶୁଭଲଗ୍ନରେ ସତ୍ୟବାନଙ୍କୁ ବିବାହ କରିଛନ୍ତି । ଯଥାଭକ୍ତି ପତି, ଶାଶୁ ଶ୍ୱଶୁରଙ୍କ ସେବା କରୁଥିବା ସାବିତ୍ରୀ କିନ୍ତୁ ନାରଦ ମହାମୁନିଙ୍କ କଥା ମନେ ରଖିଥାନ୍ତି । ଜ୍ୟେଷ୍ଠମାସ ଅମାବାସ୍ୟା ଦିନ ସତ୍ୟବାନଙ୍କ ଆୟୁଷ ଶେଷ ହେବା କଥା ମନେ ରଖି ସାବିତ୍ରୀ, ଲକ୍ଷ୍ମୀ ନାରାୟଣଙ୍କ ପୂଜା ଓ ଉପବାସ କରିଛନ୍ତି । ବ୍ରାହ୍ମଣ ଭୋଜନ ସହ ଶାଶୁ, ଶ୍ୱଶୁର ଓ ପତିଙ୍କୁ ଭୋଜନ ଦେଇ; ଭୋଜନ ପରେ ସତ୍ୟବାନଙ୍କ ସହ ସାବିତ୍ରୀ ମଧ୍ୟ କାଠ, ଫୁଲ ଫଳ ପାଇଁ ବନ ଗମନ କରିଛନ୍ତି । କାଷ୍ଠ ହାଣିବା ସମୟରେ ଅସୁସ୍ଥ ଅନୁଭବ କରୁଥିବା ସତ୍ୟବାନଙ୍କୁ ସାବିତ୍ରୀ କାନିପଣତ ବିଛାଇ ନିଜ ଜାନୁରେ ଶୁଆଇ ଦେଇଛନ୍ତି । ସେଠାରେ ଯମଦୂତଗଣ ମଧ୍ୟ ପତିବ୍ରତା, ପରମ ତେଜସ୍ୱିନୀ ସାବିତ୍ରୀଙ୍କ କୋଳରୁ ମୃତ୍ୟୁ ହୋଇଥିବା ସତ୍ୟବାନଙ୍କ ପ୍ରାଣ ନେବା ନିମନ୍ତେ ସାହସ କରିପାରି ନାହାନ୍ତି । ତେଣୁ ସ୍ୱୟଂ କାଳଦେବ ଯମଙ୍କୁ ଆସିବାକୁ ପଡ଼ିଛି ସତ୍ୟବାନଙ୍କ ପ୍ରାଣ ନେବା ନିମନ୍ତେ । ଏହିଠାରୁ ହିଁ ସାବିତ୍ରୀ କଥାନକର ମୂଳ ଉଦ୍ଦେଶ୍ୟ ଅତି ଚମତ୍କାର ରୂପ ପରିଗ୍ରହଣ କରିଅଛି । ସତ୍ୟବାନଙ୍କ ପ୍ରାଣକୁ ନେଇ ଯାଉଥିବା ଯମରାଜଙ୍କୁ ଅନୁଧାବନ କରିବା ଅବସରରେ ପତିବ୍ରତା ସାବିତ୍ରୀଙ୍କ ପ୍ରତି ସନ୍ତୁଷ୍ଟ ହୋଇ ସତ୍ୟବାନଙ୍କ ପ୍ରାଣ ବ୍ୟତୀତ ଯାହା ମାଗିବ ଦେବି କହି ଯମରାଜ ବଚନ ଦେଇଛନ୍ତି ।

ପ୍ରଥମେ ଶ୍ୱଶୁରଙ୍କ ଚକ୍ଷୁ ଓ ରାଜ୍ୟ ମାଗିବା ସହ ଦ୍ୱିତୀୟରେ ନିଜ ପିତା ଅଶ୍ୱପତିଙ୍କର ପୁତ୍ର ନଥିବାରୁ ପୁତ୍ର ଏବଂ ନିଜର ଭକ୍ତିମତାରେ ସାବିତ୍ରୀ ଶତପୁତ୍ରର ଜନନୀ ହେବାର ବରପ୍ରାପ୍ତ ହୋଇଛନ୍ତି । ନିଜ ସତୀତ୍ୱ ପଣ ଯୋଗୁଁ ପତିଙ୍କ ପ୍ରାଣ ସହ ତିନିକୁଳକୁ ଉଦ୍ଧାର କରିପାରିଛନ୍ତି । ଏହାଥିଲା ସାବିତ୍ରୀ ବ୍ରତର ସଂକ୍ଷିପ୍ତ କଥା । ସେହି ଦିନଠାରୁ ଏହି କଥା ବିଖ୍ୟାତ ହେବା ସହ ଜ୍ୟେଷ୍ଠମାସ ଅମାବାସ୍ୟା ଦିନ ନାରୀମାନେ ସାବିତ୍ରୀ ବ୍ରତ କରି ଜନ୍ମେ ଜନ୍ମେ ସଧବା, ପୁତ୍ରବତୀ, ଧନବତୀ, ପତିପରାୟଣା ହେବା ସହ ସବୁ ମନୋବାଞ୍ଛା ପୂରଣ ହୋଇ ବୈକୁଣ୍ଠପ୍ରାପ୍ତି ହୋଇଥାନ୍ତି ।

ବସ୍ତୁତଃ କହିବାକୁ ଗଲେ ଏସବୁ ଓଷାବ୍ରତ ଏକ ଏକ ବୃହତ୍ତର ସ୍ୱାର୍ଥସିଦ୍ଧିର ଉଦ୍ଦେଶ୍ୟ ନେଇ ସୃଷ୍ଟିଲାଭ କରିଥାଏ । ଏଠାରେ 'ସମୂହ' ନିମନ୍ତେ 'ଏକକ' ମାନବର ଆତ୍ମବଳୀ ଅନେକତ୍ର ଦେଖିବାକୁ ମିଳେ । ଏହା 'ଜଣ' ମନରେ ସର୍ବଦା 'ଗଣ' ନିମନ୍ତେ ସୃଷ୍ଟି କରିଥାଏ ଆତ୍ମୀୟତା । ଏଠାରେ ସାବିତ୍ରୀ ମଧ୍ୟ ଏକ ପ୍ରତୀକାତ୍ମକ ଚରିତ୍ର । ସାବିତ୍ରୀ ଚରିତ୍ର ଅନ୍ତରାଳରେ ଦାମ୍ପତ୍ୟ ଜୀବନର ମହାନ ଆଲେଖ୍ୟକୁ ଅନୁଭବ କରିହୁଏ । ସେ ଚିରନ୍ତନ ସତ୍ୟର ପ୍ରକାଶକ । ମୃତ୍ୟୁରୁ ଊର୍ଦ୍ଧ୍ୱରେ ଜୀବନର ଜୟଗୀତି ସାବିତ୍ରୀ ମାଧ୍ୟମରେ ଉତ୍କୀର୍ଣ୍ଣ ହୋଇପାରିଛି ।

*ସ୍ନାତକୋତ୍ତର ଓଡ଼ିଆ ବିଭାଗ,*
*ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ*
*ସଂପର୍କ: ୮୮୯୫୧୪୧୭୭୭*

**ଓଡ଼ିଆ ସିନେମାକୁ ମିଳୁ ନାହାନ୍ତି ଦର୍ଶକ; ବଲିଉଡ, ହଲିଉଡ୍, ସାଉଥ ଫିଲ୍ମ କୁ 'ହଁ', ଓଡିଆ ଫିଲ୍ମ କୁ 'ନା'**

# ଦର୍ଶକଙ୍କ ମନରୁ ହଜିଗଲା ବାରିପଦା ସହରର ଦୁଇଟି ନାମୀ ଦାମୀ ସିନେମା ହଲ

**ବାରିପଦା, (ବିଜୁ ସିଂ) :** ବଲିଉଡ, ହଲିଉଡ୍ ଓ ସାଉଥ ହିନ୍ଦୀ ଡ୍ବିଙ୍ଗ ସିନେମା ବେଳକୁ ପ୍ରବଳ ଦର୍ଶକଙ୍କ ଭିଡ଼ କିନ୍ତୁ ଓଡ଼ିଆ ସିନେମା ବେଳକୁ ଖାଁ ଖାଁ ସିନେମା ହଲ। ବହୁ ଚର୍ଚ୍ଚିତ ଦମନ ଓ ପ୍ରତୀକ୍ଷା ଭଳି ଫିଲ୍ମ ଆସିବା ପରେ ଓଡ଼ିଆ ସିନେ ଜଗତରେ ଏକ ବୈପ୍ଳବିକ ପରିବର୍ତ୍ତନ ଘଟିଥିଲା। କିନ୍ତୁ ପୁଣି ଥରେ ଓଡ଼ିଆ ଫିଲ୍ମ ଜଗତରେ ସେଭଳି କିଛି ନୂଆ ଘଟୁନି। ପୁଣି ଥରେ ଓଡ଼ିଆ ସିନେମା ଠାରୁ ମୁହଁ ଫେରାଉଛନ୍ତି ଦର୍ଶକ। ୨୦୨୩ ମସିହାରେ ରିଲିଜ୍ ହୋଇଛି ତୋର ମୋର କଟି, ଉଡ଼ନ୍ତା ଥାଳିରେ ଆସିଛି ପ୍ରିୟା, ବହୁ ଆମର ବିଛୁଆତି, କନ୍ୟାଦାନ, ବିଭ୍ରାନ୍ତ, ବ୍ରେକଅପ ୱାଲା ଲାଭ ଷ୍ଟୋରୀ, ବାପା ସୁପରମେନ, ବାହାଘର. କମ, ଡେଲିଭରି ବୟ, ସରଗ ପୁରୀରୁ ଆସିଛି ପ୍ରିୟା ଓଡ଼ିଆ ଫିଲ୍ମ। ଓଡ଼ିଶାର ଭୁବନେଶ୍ୱର ଓ କଟକ ସମେତ ରାଜ୍ୟର ବିଭିନ୍ନ ସିନେମା ହଲରେ ଏହି ଫିଲ୍ମ







ଗୁଡିକ ରିଲିଜ୍ ହୋଇସାରିଥିଲେ ସୁଦ୍ଧା ଆଶା ଅନୁସାରେ ଫିଲ୍ମକୁ ନେଇ ଦର୍ଶକଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳୁନି। ହଲ ଗୁଡିକ ଖାଁ ଖାଁ ହୋଇ ପଡି ରହିଛି। ବହୁ ପ୍ରଚାର ପ୍ରସାର ପରେ ରିଲିଜ୍ ହୋଇଥିଲା-ନାରୀ ନୁହେଁତୁ ଅର୍ଦ୍ଧନାରୀ, ମନସ୍କ ଏବଂ ମନ ମ୍ୟୁଜିୟମ୍ ଭଳି ସିନେମା। ଏହି ଭିନ୍ନଧରଣର କାହାଣୀକୁ ନେଇ ଫିଲ୍ମ ପ୍ରସ୍ତୁତ ହୋଇଥିଲେ ମଧ୍ୟ ଏହି ଫିଲ୍ମ ଗୁଡିକ ଦର୍ଶକ ସେଭଳି ରୁଚି ଦେଖିବାକୁ ମିଳି ନ ଥିଲା। ଓଡ଼ିଆ ଫିଲ୍ମ ଇଣ୍ଡଷ୍ଟ୍ରି ହିଟ ସିନେମା ଦେବା ପାଇଁ ବହୁ ପ୍ରୟାସ ପରେ ମୁଣ୍ଡ ଟେକି ଆସୁଥିବା ବେଳେ ଗୋଟିଏ ପଟେ ଯେତେବେଳେ ଓଡ଼ିଆ ଫିଲ୍ମକୁ ଦର୍ଶକ ମିଳୁନି ସେତେବେଳେ ରିଲିଜ୍ ହୋଇଥିବା ତେଲୁଗୁ, ହିନ୍ଦୀ ଓ ଇଂରାଜୀ ଏକ୍ସନର ଫିଲ୍ମ ଗୁଡିକ ବେଶ ଭଲ ରୋଜଗାର କରୁଛି। ପାଠାନ, ଗୁମରାହ, ଭୋଲା ଭଳି ହିନ୍ଦୀ ସିନେମା ଭଲ ରୋଜଗାର କରୁଥିବା ବେଳେ ଓଡ଼ିଆ ସିନେମାକୁ ଦର୍ଶକ ମିଳୁନାହାଁନ୍ତି। ଏଭଳି କାହିଁକି ହେଉଛି ? ପୁଣି ଥରେ ଓଡ଼ିଆ ସିନେମା ପଛକୁ ଫେରିଯାଉଛି କି ? ବର୍ତ୍ତମାନ ଏଭଳି କିଛି ପ୍ରଶ୍ନ ଉଠୁଛି ଓଡ଼ିଆ ସିନେମାରୁ କାହିଁକି ମୁହଁ ଫେରାଇ ନେଉଛନ୍ତି ଦର୍ଶକ ? ଦମନ ଓ ପ୍ରତୀକ୍ଷାର ସଫଳତା କାହିଁକି ବଳବତ୍ତର ରହୁନି ? ଦର୍ଶକଙ୍କୁ କାହାଣୀ ପସନ୍ଦ ଆସୁନି ନା' ଫିଲ୍ମ ପସନ୍ଦ ଆସୁନି ? ନିକଟରେ ରିଲିଜ୍ ହୋଇଥିବା ୩ଟି ଫିଲ୍ମର ସମାନ ଅବସ୍ଥା ! ହିନ୍ଦୀ ସିନେମା ଦେଖୁଛନ୍ତି ହେଲେ ଓଡ଼ିଆ ଫିଲ୍ମ କାହିଁକି ନୁହେଁ? ବାରିପଦା ସହରରେ ପୂର୍ବରୁ ଲୋକେ ସିନେମା ଦେଖିବା ପାଇଁ ଟିକେଟ ନ ମିଳିଲେ ବ୍ଲାକରେ ଟିକଟ କ୍ରୟ କରି ସିନେମା ଦେଖୁଥିଲା ବେଳେ ଆଜି ମୁହଁ ଫେରାଇ ନେଉଛନ୍ତି। ଯେଉଁ ସିନେମା ହୋଲ ଦିନେ ମୟୂରଭଞ୍ଜ ରେ ପ୍ରସିଦ୍ଧ ଥିଲା ଆଜି ସେ ସିନେମା ହଲ ଭୁତ କୋଠି ପାଲଟି ଯାଇଛି। ଆଜିର ଆଧୁନିକ ଯୁଗରେ ସିନେମା ରିଲିସ ହେବା ପର ଦିନ ହିଁ ଆପଣ ମାନେ ନିଜ ମୋବାଇଲ ରେ ସେଇ ସିନେମାକୁ ଦେଖୁଛନ୍ତି। ଲୋକେ ମୋବାଇଲ ସହିତ ଏପରି ଯୋଡି ହୋଇଛନ୍ତି ଯେ ଘରେ ଟିଭି ଥିବା ସତ୍ତ୍ୱେ ଟିଭି ବର୍ଷ ବର୍ଷ ଧରି ଖୋଲା ହେଉନାହିଁ। ବାରିପଦା ସହରର ଦୁଇଟି ନାମୀ ଦାମୀ ସିନେମା ହୋଲ କେଏମବେଏମ ଓ ଜେଡି ସିନେମା ହୋଲ ବେଶ ପରିଚିତ ଥିଲା ସମସ୍ତଙ୍କ। ଓଡ଼ିଆ ସିନେମା ଜଗତର ହାଉସ ଫୁଲ ହେଉଥିବା କେଏମବେଏମ ସିନେମା ହୋଲ ଟି ସମ୍ପୂର୍ଣ୍ଣ ଧ୍ୱଂସ ହୋଇ ଏବେ ସେଠାରେ ଗଢି ଉଠିଛି ବଡ଼ ଅଟାଳିକା। ଏ ବାବଦରେ ରୋକ୍ସି ସିନେମା ହୋଲ ମ୍ୟାନେଜର ମୁନା ମହାନ୍ତିଙ୍କ ପ୍ରତିକ୍ରିୟା ନେବାରୁ ସେ ପ୍ରକାଶ କରିଥିଲେ ଓଡ଼ିଆ ସିନେମା ଗୁଡିକ ବହୁ କ୍ଷେତ୍ର ସାଉଥ ସିନେମା ଫ୍ଲିମ ଗୁଡିକୁ କପି କରୁଥିବାରୁ ତାର ଚାହିଦା ଧୀରେ ଧୀରେ କମିବାରେ ଲାଗିଛି। ଯଦି ଦମନ ଓ ପ୍ରତୀକ୍ଷା ଭଳି ସିନେମା ଯଦି ଆଗକୁ ତିଆରି ହୁଅନ୍ତା ତେବେ ଦର୍ଶକଙ୍କ ଓଡ଼ିଆ ସିନେମା ପ୍ରତି ପୁଣିଥରେ ଆଗ୍ରହ ବଢିବ।



# ଏଣିକି ବର୍ଷକୁ ୨ ଥର କାଳିଆ ବୃତ୍ତି ଲାଗି ଆବେଦନ

**ଭୁବନେଶ୍ୱର :** ସହଜ ହେବ ବୃତ୍ତି (ସ୍କଲାରସିପ୍) ପାଇଁ ଆବେଦନ ପ୍ରକ୍ରିୟା। ଛାତ୍ରଛାତ୍ରୀ ଏଣିକି ନାମଲେଖା ପାଇଁ ଆବେଦନ ସମୟରେ ବୃତ୍ତି ବାବଦରେ ସମସ୍ତ ତଥ୍ୟ ପାଇ ପାରିବେ। ମୁଖ୍ୟ ଶାସନ ସଚିବଙ୍କ ଅଧକ୍ଷତାରେ ବୃତ୍ତି ବାବଦରେ ଏକ ଉଚ୍ଚ ସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିବାବେଳେ ବ୍ୟବସ୍ଥାର ସରଳୀକରଣ ପାଇଁ ବିଧିବଦ୍ଧ ନିଷ୍ପତ୍ତି ହୋଇଛି। ସେହିପରି ଏଣିକି ବର୍ଷକୁ ୨ ଥର କାଳିଆ ବୃତ୍ତି ଲାଗି ଆବେଦନ ଆହ୍ୱାନ କରାଯିବ। ଜୁଲାଇରୁ ଅଗଷ୍ଟ ପ୍ରଥମ ଦଫା ଏବଂ ନଭେମ୍ବରରୁ ଡିସେମ୍ବର ଦ୍ୱିତୀୟ ଦଫାରେ ଛାତ୍ରଛାତ୍ରୀ ଆବେଦନ କରିବେ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ଘରୋଇ ଏବଂ ସରକାରୀ କଲେଜରେ ପିଜି ସମକକ୍ଷ ସମସ୍ତ କୋର୍ସ କରୁଥିବା ଛାତ୍ରଛାତ୍ରୀଙ୍କୁ ମଧ୍ୟ କାଳିଆ ସ୍କଲାରସିପ ପ୍ରଦାନ କରାଯିବ। ମେଡିକାଲ ଠାରୁ ଆରମ୍ଭ କରି ବୈଷୟିକ ଶିକ୍ଷା, ଆଇଆଇଟି, ଆଇଆଇଏମ, ଏନଆଇଟି, ପିଜି ମେଡିକାଲ ସାଇନ୍ସ, ପିଜି ଏଗ୍ରିକଲଚର ସାଇନ୍ସ, ଏମ-ଟେକ, ଏମଏସସି କୋର୍ସ କରୁଥିବା ପିଲାମାନେ ମଧ୍ୟ ସ୍କଲାରସିପର ଲାଭ ନେଇପାରିବେ। କାଳିଆ ଯୋଜନା ଅଧୀନରେ ଥିବା ହିତାଧିକାରୀଙ୍କ ପିଲାମାନଙ୍କୁ ରାଜ୍ୟ ସରକାର ୨୦୨୧-୨୨ବର୍ଷରୁ କାଳିଆ ଛାତ୍ରବୃତ୍ତି ପ୍ରଦାନ କରିଆସୁଛନ୍ତି। ଯୋଜନା ଅଧୀନରେ ହିତାଧଳକାରୀଙ୍କ ପିଲାମାନଙ୍କୁ ପାଠପଢ଼ିବା ଲାଗି କୋର୍ସ ଫି ଠାରୁ ଆରମ୍ଭ କରି ହଷ୍ଟେଲ ଓ ଅନ୍ୟାନ୍ୟ ଖର୍ଚ୍ଚ ମଧ୍ୟ ରାଜ୍ୟ ସରକାର ବହନ କରୁଛନ୍ତି। ଏହି ସ୍କଲାରସିପ ଯୋଜନା ଛାତ୍ରଛାତ୍ରୀଙ୍କ ନିକଟରେ କିପରି ସହଜରେ ପହଁଞ୍ଚିପାରିବ ତାର ସରଳୀକରଣ ବ୍ୟବସ୍ଥା ଲାଗି ସରକାର ଯୋଜନା କରିଛନ୍ତି। ତେବେ ବୃତ୍ତିଗୁଡ଼ିକ ବିଷୟରେ ଅନେକ ଛାତ୍ରଛାତ୍ରୀ ଜାଣିପାରୁନାହାଁନ୍ତି। ତେଣୁ ସାମ୍ସ ପୋର୍ଟାଲ ସହିତ ଏଣିକି 'ଷ୍ଟେଟ୍ ସ୍କଲାରସିପ ପୋର୍ଟାଲ'କୁ ଯୋଡାଯିବ। ଯାହାଦ୍ୱାରା ନାମଲେଖା ସମୟରେ ପିଲାମାନେ ପୋର୍ଟାଲ ଦେଖି ବୃତ୍ତି ଆବେଦନ କରିପାରିବେ।

## 'ମୋ ସରକାର' ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ

# ଭଲ କାମ ପାଇଁ ପ୍ରଶଂସା ଓ ଅବହେଳା କଲେ ଦଣ୍ଡ

**ଭୁବନେଶ୍ୱର :** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟ ସରକାରଙ୍କ ଗୁରୁତ୍ୱପୂର୍ଣ୍ଣ 'ମୋ ସରକାର' କାର୍ଯ୍ୟକ୍ରମର ସମୀକ୍ଷା କରି ଅଧିକାରୀ ମାନଙ୍କୁ ନିୟମିତ ଫିଡବ୍ୟାକ ସଂଗ୍ରହ କରିବାକୁ ପରାମର୍ଶ ଦେବା ସହିତ ଭଲ ଫିଡ୍ବ୍ୟାକକୁ ଭିତ୍ତିକରି ଅଧିକାରୀ ମାନଙ୍କୁ ପ୍ରଶଂସାପତ୍ର ପ୍ରଦାନ କରିବା ସହିତ ଅବହେଳା ପାଇଁ ଦଣ୍ଡ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଆଜିର ସମୀକ୍ଷାରେ ସ୍ୱାସ୍ଥ୍ୟ, ରାଜସ୍ୱ, ଗୃହ, କୃଷି ଓ ଅନ୍ୟାନ୍ୟ ବିଭାଗ ସେମାନଙ୍କ ମୋ ସରକାର କାର୍ଯ୍ୟକ୍ରମ ଉପରେ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଉପସ୍ଥାପନା ରଖିଥିଲେ। ରାଜସ୍ୱ ବିଭାଗରେ ମୋ ସରକାର କାର୍ଯ୍ୟକ୍ରମ ଦ୍ୱାରା କାର୍ଯ୍ୟ ଦକ୍ଷତା ବୃଦ୍ଧି ପାଇଛି ବୋଲି ସମୀକ୍ଷାରୁ ଜଣାଯାଇଛି। ଲୋକଙ୍କୁ ବିଭିନ୍ନ ସେବା ଯୋଗାଇ ଦେବାର ସମୟ ସୀମା ବହୁତ କମିଯାଇଛି। ପୂର୍ବରୁ ମ୍ୟୁଟେସନ କେସ୍ ଗୁଡିକରେ ଫଇସଲା ପାଇଁ ୧୦୦ରୁ ୧୫୦ ଦିନ ଲାଗୁ ଥିବା ବେଳେ, ୨୦୨୩-୨୪ରେ ଏହା ୨୧ ଦିନରୁ କମ୍ ସମୟ ଲାଗୁଛି। ଏପରିକି ୩,୭୦,୦୦୦ ପଟ୍ଟା ୭ ଦିନ ମଧ୍ୟରେ ପ୍ରଦାନ କରାଯାଇଛି। ସେହିପରି ବିଭିନ୍ନ ସାର୍ଟିଫିକେଟ ପ୍ରଦାନ କ୍ଷେତ୍ରରେ ମଧ୍ୟ ଯଥେଷ୍ଟ ଉନ୍ନତି ଆସିଛି ବୋଲି ସୂଚନା ଦିଆଯାଇଥିଲା। ରାଜସ୍ୱ ବିଭାଗରେ ଫିଡବ୍ୟାକ ଭିତ୍ତିରେ ୬ ଜଣ ଓଏଏସ୍ ଅଧିକାରୀଙ୍କୁ ସମୟ ପୂର୍ବରୁ ବାଧ୍ୟତାମୂଳକ ଅବସର ଦିଆଯାଇଥିବାବେଳେ, ୩୨ ଜଣ ଓଏଏସ୍ ଅଧିକାରୀ ଓ ୧୪ ଜଣ ଓଆରଏସ୍ ଅଧିକାରୀଙ୍କୁ ସସ୍‌ପେଣ୍ଡ କରାଯାଇଛି। ୪ ଜଣ ଓଏଏସ୍ ଅଧିକାରୀଙ୍କୁ ବରଖାସ୍ତ କରାଯାଇଛି। ୧୧ ଜଣ ଓଏଏସ୍ ଅଧିକାରୀଙ୍କ ଗ୍ରାଚ୍ୟୁଇଟି ଓ ପେନ୍‌ସନ୍ ବନ୍ଦ କରାଯାଇଛି। ସେହିପରି ୬୭ ଜଣ ଓଏଏସ୍ ଅଧିକାରୀ ଓ ୩୦ ଜଣ ଓଆରଏସ୍ ଅଧିକାରୀଙ୍କ ବିରୁଦ୍ଧରେ ବିଭାଗୀୟ ପଦକ୍ଷେପ ଗ୍ରହଣ କରାଯାଇଛି। ସ୍ୱାସ୍ଥ୍ୟ ବିଭାଗର ୯୯ ପ୍ରତିଶତରୁ ଅଧିକ ଫିଡବ୍ୟାକ ଆଉଟଷ୍ଟାଣ୍ଡିଂ ବା ଅତି ଭଲ ଅଛି ବୋଲି ଜଣାଯାଇଛି। ସରକାରୀ ହସ୍ପିଟାଲରେ ମାଗଣା ଚିକିତ୍ସା ମିଳୁଥିବା ବେଳେ, ବେସରକାରୀ ହସ୍ପିଟାଲ ଗୁଡିକରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର ରୂପାୟନ କ୍ଷେତ୍ରରେ ସାମାନ୍ୟ ଅବହେଳା ହେଲେ, ତୁରନ୍ତ ପଦକ୍ଷେପ ନିଆଯାଉଛି। ପେନ୍‌ସନ ପ୍ରଦାନ ଏବଂ ଅନ୍ୟାନ୍ୟ କ୍ଷେତ୍ରରେ ସବୁ ବ୍ୟବସ୍ଥା ସତ୍ତ୍ୱେ ଅବସରପ୍ରାପ୍ତ କର୍ମଚାରୀମାନେ ଠିକ୍ ସମୟରେ ପେନ୍ସନ୍ ପାଉନାହାନ୍ତି। ତେଣୁ ପ୍ରତ୍ୟେକ ବିଭାଗ ଏହାକୁ ସମୀକ୍ଷା କରି ବ୍ୟବସ୍ଥାରେ ଉନ୍ନତି ଆଣିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। ପଦୋନ୍ନତି କ୍ଷେତ୍ରରେ ମଧ୍ୟ ଉନ୍ନତି ଆଣିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। ଆଲୋଚନାରେ ଅଂଶଗ୍ରହଣ କରି ମୁଖ୍ୟମନ୍ତ୍ରୀଙ୍କ ୫-ଟି ସଚିବ ଭି.କେ. ପାଣ୍ଡିଆନ କହିଥିଲେ ଯେଉଁସବୁ କ୍ଷେତ୍ରରେ ନିୟମିତ ଭାବରେ ଭଲ ଫିଡବ୍ୟାକ ମିଳୁନାହିଁ, ସେ ସବୁ କ୍ଷେତ୍ରରେ ଯୋଜନାର ବ୍ୟବସ୍ଥାକୁ ପରିବର୍ତ୍ତନ କରି ସେଥିରେ ଅଧିକ ଉନ୍ନତି ଆଣିବାର ଆବଶ୍ୟକତା ରହିଛି। ରାଜ୍ୟ ସରକାରଙ୍କ ସବୁ କାର୍ଯ୍ୟକ୍ରମ ଓ ଯୋଜନାକୁ ଦକ୍ଷ ଭାବରେ କାର୍ଯ୍ୟକାରୀ କରିବାର ଉଦ୍ଦେଶ୍ୟ ନେଇ ମୋ ସରକାର ଫିଡ୍‌ବ୍ୟାକ ବ୍ୟବସ୍ଥା ଗ୍ରହଣ କରାଯାଇଛି ବୋଲି ସେ କହିଛନ୍ତି। ଉନ୍ନୟନ କମିଶନର ଅନୁ ଗର୍ଗ ସ୍ୱାଗତ ଭାଷଣ ଦେଇଥିଲେ।

# ପ୍ରତି ବ୍ଲକକୁ ଅତ୍ୟାଧୁନିକ ଆମ୍ବୁଲାନ୍ସ ସେବା



**ଭୁବନେଶ୍ୱର :** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନବୀନ ନିବାସ ଠାରେ ୨୪ଟି ନୂତନ ମୌଳିକ ଜୀବନ ରକ୍ଷାକାରୀ ଆମ୍ବୁଲାନ୍ସ ଏବଂ ୨୯୯ଟି ରୂପାନ୍ତରିତ ଆତ୍ୟାଧୁନିକ ଜୀବନ ରକ୍ଷାକାରୀ ଆମ୍ବୁଲାନ୍ସ ରାଜ୍ୟବାସୀଙ୍କ ପାଇଁ ଲୋକାର୍ପିତ କରିଛନ୍ତି। ଏହା ଦ୍ୱାରା ରାଜ୍ୟର ପ୍ରତ୍ୟେକ ବ୍ଲକକୁ ଅତ୍ୟାଧୁନିକ ଆମ୍ବୁଲାନ୍ସ ସେବା ଯୋଗାଇ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସୂଚନାଯୋଗ୍ୟ ଯେ, ୨୦୧୩ ମାର୍ଚ୍ଚ ୫ ରେ ରାଜ୍ୟରେ ୧୦୮ ଜରୁରୀକାଳୀନ ଆମ୍ବୁଲାନ୍ସ ସେବା ଆରମ୍ଭ ହୋଇଥିଲା ଏବଂ ବର୍ତ୍ତମାନ ସୁଦ୍ଧା ୬୨୪ଟି ଆମ୍ବୁଲାନ୍ସ ସାରା ରାଜ୍ୟରେ ୩୦ଟି ଜିଲ୍ଲାର ଲୋକଙ୍କୁ ମାଗଣା ସେବା ଯୋଗାଇ ଦେଇ ଆସୁଅଛି। ଏହି ୬୨୪ଟି ଆମ୍ବୁଲାନ୍ସ ମଧ୍ୟରୁ ୫୧୨ଟି ମୌଳିକ ଜୀବନ ରକ୍ଷାକାରୀ ଆମ୍ବୁଲାନ୍ସ ଓ ୧୧୨ଟି ଅତ୍ୟାଧୁନିକ ଜୀବନ ରକ୍ଷାକାରୀ ଆମ୍ବୁଲାନ୍ସ। ଏହା ସହିତ ୬ଟି ବୋଟ୍ ଆମ୍ବୁଲାନ୍ସ ମଧ୍ୟ କାର୍ଯ୍ୟ କରୁଛି। ଜରୁରୀକାଳୀନ ଆମ୍ବୁଲାନ୍ସ ସେବାରେ ଆହୁରି ଉନ୍ନତି ଆଣିବା ପାଇଁ ୯୨ଟି ନୂଆ ଜରୁରୀକାଳୀନ ଆମ୍ବୁଲାନ୍ସ ପର୍ଯ୍ୟାୟକ୍ରମେ ଯୋଗାଇଦେବାପାଇଁ ବ୍ୟବସ୍ଥା ହୋଇଥିବାବେଳେ ସେଥିମଧ୍ୟରୁ ୨୪ଟି ନୂଆ ଆମ୍ବୁଲାନ୍ସ କିଣାଯାଇ ସାରିଛି। ଏଥିପାଇଁ ୯.୬ କୋଟି ଟଙ୍କା ଖର୍ଚ୍ଚ କରାଯାଇଛି। ଏହାଛଡା ୨୯୯ଟି ମୌଳିକ ଜୀବନରକ୍ଷାକାରୀ ଆମ୍ବୁଲାନ୍ସକୁ ରୂପାନ୍ତରିତ କରାଯାଇ ଅତ୍ୟାଧୁନିକ ଜୀବନରକ୍ଷାକାରୀ ଆମ୍ବୁଲାନ୍ସରେ ପରିଣତ କରାଯାଇ ଆଜିଠାରୁ କାର୍ଯ୍ୟକାରୀ କରାଗଲା। ଏହି ଉନ୍ନତିକରଣ ପରେ ରାଜ୍ୟରେ ମୋଟ ଅତ୍ୟାଧୁନିକ ଜାବନରକ୍ଷାକାରୀ ଆମ୍ବୁଲାନ୍ସ ସଂଖ୍ୟା ୪୧୧ରେ ପହଞ୍ଚିଲା। ଏହି ଉନ୍ନତିକରଣ ପାଇଁ ରାଜ୍ୟ ସରକାର ନିଜ ପାଣ୍ଠିରୁ ମୋଟ ୫୨ କୋଟି ଟଙ୍କା ଖର୍ଚ୍ଚ କରିଛନ୍ତି। ଏହା ଦ୍ୱାରା ପ୍ରତ୍ୟେକ ବ୍ଲକରେ ସର୍ବନିମ୍ନ ଗୋଟିଏ ଅତ୍ୟାଧୁନିକ ଜାବନରକ୍ଷାକାରୀ ଆମ୍ବୁଲାନ୍ସ ସେବା ଯୋଗାଇ ଦେଇପାରିବ। ଏହା ବ୍ୟତିତ ଗର୍ଭବତୀ ମା ଓ ଅସୁସ୍ଥ ଶିଶୁଙ୍କୁ ଡାକ୍ତରଖାନା ନେବା ଆଣିବା ନିମନ୍ତେ ୫୦୦ଟି ଜନନୀ ଏକ୍ସପ୍ରେସ୍ ଆମ୍ବୁଲାନ୍ସ ମଧ୍ୟ କାର୍ଯ୍ୟ କରୁଛି। ବର୍ତ୍ତମାନ ସୁଦ୍ଧା ରାଜ୍ୟର ୮୮ଲକ୍ଷ ରୁ ଉର୍ଦ୍ଧ୍ୱ ଲୋକ ବିଭିନ୍ନ ଆମ୍ବୁଲାନ୍ସ ସେବା ଦ୍ୱାରା ଉପକୃତ ହୋଇଛନ୍ତି। ଏହି କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ମନ୍ତ୍ରୀ ନିରଞ୍ଜନ ପୂଜାରୀ, ମୁଖ୍ୟମନ୍ତ୍ରୀ ଙ୍କ ସଚିବ ୫-ଟି' ଭି କେ ପାଣ୍ଡିଆନ୍, ସ୍ୱାସ୍ଥ୍ୟ ସଚିବ ଶାଳିନୀ ପଣ୍ଡିତ ଓ ସ୍ୱାସ୍ଥ୍ୟ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।



ପଶୁପ୍ରେମୀ, ଦକ୍ଷ ସଂଗଠକ, ଏନ୍‌ୟୁଆଇସିଏର ସାଧାରଣ ସମ୍ପାଦକ ତଥା 'ଏକମାତ୍ର'ର ସାମ୍ବାଦିକ ବିଶ୍ୱଜିତ୍ ପଟ୍ଟନାୟକଙ୍କୁ 'ଦି ଇଣ୍ଡିଆନ ଗୋଲଡେନ୍ ସମ୍ମାନ'।



କିଟ୍ ଓ କିସ୍‌ର ପ୍ରତିଷ୍ଠାତା ତଥା ସାଂସଦ ଡ. ଅଚ୍ୟୁତ ସାମନ୍ତଙ୍କ ଦ୍ୱାରା ପ୍ରତିଷ୍ଠିତ 'ଆର୍ଟ ଅଫ୍ ଗିଭିଂ'ର ଦଶମ ବର୍ଷ ପୂର୍ତ୍ତି ଅବସରରେ ନୀଳାଦ୍ରି ବିହାର ସେକ୍ଟର-୨ରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଦେବାଶିଷ ପଟ୍ଟନାୟକ।

## ଆରଣ୍ୟକ ଶୀତଳଷଷ୍ଠୀ ଯାତ୍ରା -୨୦୨୩, ଗୁଡେଶ୍ୱର ବାବା ଦୁର୍ଗାପାଳି

### କାର୍ଯ୍ୟସୂଚୀ

୨୨.୦୫.୨୩ (ସୋମବାର) : ପତ୍ରପେଣ୍ଡି
୨୩.୦୫.୨୩ (ମଙ୍ଗଳବାର) : ଗୁଆଗୁଣ୍ଡା
୨୪.୦୫.୨୩ (ବୁଧବାର) : ଶିବ ବିବାହ
୨୫.୦୫.୨୩ (ଗୁରୁବାର) : ମୁଖ୍ୟ ଶୋଭାଯାତ୍ରା
୨୬.୦୫.୨୩ (ଶୁକ୍ରବାର) : ମନ୍ଦିର ପ୍ରବେଶ

### ଆରଣ୍ୟକ ଶୀତଳଷଷ୍ଠୀ ଯାତ୍ରା କମିଟି-୨୦୨୩

ସଭାପତି : ଦୀପକ ପାଣ୍ଡେ, ଉପ ସଭାପତି : ଲଳିତ ଅଗ୍ରୱାଲ, ସମ୍ପାଦକ : ଆର୍ତ୍ତ ମିଶ୍ର, ସହ ସଂପାଦକ : ଆଲୋକ ମିଶ୍ର, କୋଷାଧକ୍ଷ : ବିକାଶ ଶାହା, ସହ କୋଷାଧକ୍ଷ : ଅନିଲ ଟିବ୍ରେୱାଲ, ମିଡ଼ିଆ ପ୍ରଭାରୀ - ଅମନ ଅହୁଜା। କାର୍ଯ୍ୟନିର୍ବାହୀ ସଭ୍ୟ : ମୁନ୍ ମୁନ୍ କେଡିଆ, ମୁକେଶ ଅଗ୍ରୱାଲ ଗଣେଶ ଅଗ୍ରୱାଲ, ନାନୁ, ବିଶ୍ୱଜିତ, ବାବୁ, ରାଜେଶ, ସତ୍ୟ, ବିକାଶ, ବାବୁଲି ମହାପାତ୍ର
ଏ ବର୍ଷର କନ୍ୟା ପିତାମାତା : କୈଳାଶ ଖେତାନ୍ ଓ କଞ୍ଚନ ଖେତାନ୍, ରାୟପୁର (ଛତିଶଗଡ)
ବରପିତା ମାତା : ସୁଶାନ୍ତ ଶେଖର ରାଉତ ଓ ଅଞ୍ଜଳି ରାଉତ
ଶୀତଳଷଷ୍ଠୀ ଯାତ୍ରା ପୂଜକ : ସଚ୍ଚିଦାନନ୍ଦ ମିଶ୍ର ଓ ମନ୍ଦିର ପୂଜକ : ରାଜ କୁମାର ମହାପାତ୍ର

# 'ବିକାଶର ନୂଆ ଇତିହାସ ଲେଖିବ କଳାହାଣ୍ଡି'



**ଭୁବନେଶ୍ୱର :** କଳାହାଣ୍ଡି ବିଶ୍ୱବିଦ୍ୟାଳୟର କ୍ଲାସରୁମ୍, ଇ-ଲାଇବ୍ରେରି, ପରୀକ୍ଷାଗାର ଓ ଅନ୍ୟ ସୁବିଧା ସ୍ମାର୍ଟ ହେବ। ଉତ୍କଳୀ ଏୟାରଷ୍ଟ୍ରିପ ରନ୍‌ୱେ ଚଳିତ ବର୍ଷ ଡିସେମ୍ବର ଶେଷ ସୁଦ୍ଧା ସଂପ୍ରସାରଣ କରାଯିବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ଶୁକ୍ରବାର ଠାରୁ ତିନି ଦିନିଆ କଳାହାଣ୍ଡି ଓ ନୂଆପଡା ଗସ୍ତରେ ଯାଇ ୫-ଟି ସଚିବ ଭିକେ ପାଣ୍ଡିଆନ୍ ଏହା କହିଛନ୍ତି। ଭବାନୀପାଟଣା ବସ୍ ଟର୍ମିନାଲକୁ ଯାଇ କାମର ଅଗ୍ରଗତି ସମୀକ୍ଷା କରି ନିର୍ଦ୍ଧାରିତ ସମୟ ରେ କାମ ଶେଷ କରିବାକୁ ପରାମର୍ଶ ଦେଇଛନ୍ତି। ଏହି ଗସ୍ତ ଅବସରରେ ଶ୍ରୀ ପାଣ୍ଡିଆନ୍ କଳାହାଣ୍ଡି ମେଡିକାଲ କଲେଜ ଓ କଳାହାଣ୍ଡି ବିଶ୍ୱବିଦ୍ୟାଳୟକୁ ଯାଇ ବୁଲି ଦେଖିଥିଲେ ଓ ଛାତ୍ରଛାତ୍ରୀମାନଙ୍କ ସହିତ ବିଭିନ୍ନ ସମସ୍ୟା ଓ ବିକାଶ ବିଷୟରେ ଆଲୋଚନା କରିଥିଲେ। କଳାହାଣ୍ଡି ବିଶ୍ୱବିଦ୍ୟାଳୟରେ ସ୍ମାର୍ଟ କ୍ଲାସରୁମ୍, ଇ-ଲାଇବ୍ରେରି ଓ ପରୀକ୍ଷାଗାରର ବିକାଶ କରାଯିବ ବୋଲି ୫-ଟି ସଚିବ ସୂଚନା ଦେଇଥିଲେ। କଳାହାଣ୍ଡି ଟାଉନ ହଲ୍‌ରେ ୫-ଟି ସଚିବ ମିସନ ଶକ୍ତିମାନଙ୍କୁ ଭେଟିଥିଲେ। ଜୁନାଗଡ ଠାରେ ପ୍ରସିଦ୍ଧ ଲଙ୍କେଶ୍ୱରୀ ମନ୍ଦିରର ବିକାଶ ସମ୍ପର୍କରେ ମନ୍ଦିର କମିଟି ସହ ଆଲୋଚନା କରିଥିଲେ ଓ ଶୀଘ୍ର ଉନ୍ନୟନମୂଳକ କାମ ପାଇଁ ଡିପିଆର ପ୍ରସ୍ତୁତ କରିବାକୁ ଜିଲ୍ଲାପାଳଙ୍କୁ ପରାମର୍ଶ ଦେଇଥିଲେ। ଜୁନାଗଡର ବିଜୁ ପଟ୍ଟନାୟକ ଷ୍ଟାଡିୟମ୍ କାମ ଅଗ୍ରଗତିର ୫-ଟି ସଚିବ ଶ୍ରୀ ପାଣ୍ଡିଆନ୍ ସମୀକ୍ଷା ମଧ୍ୟ କରିଥିଲେ।

# ଅସ୍ତରଙ୍ଗ ବ୍ଲକରେ ଛାତ୍ରୀ ଆଗରେ



**ଅସ୍ତରଙ୍ଗ :** ଗୁରୁବାର ମାଧ୍ୟମିକ ପରୀକ୍ଷା ଫଳ ପ୍ରକାଶିତ ହୋଇଛି। ଏହି କ୍ରମରେ ଅସ୍ତରଙ୍ଗ ବ୍ଲକ ଅଞ୍ଚଳର ୨୨ ଗୋଟି ଉଚ୍ଚବିଦ୍ୟାଳୟ ଫଳାଫଳ ଶତ ପ୍ରତିଶତ ହୋଇଛି। ଅସ୍ତରଙ୍ଗ ବ୍ଲକରେ ପ୍ରଥମ ସ୍ଥାନ ଐସାନେଶ୍ୱର ବିଦ୍ୟପୀଠ, ଅଠତିରା ଛାତ୍ରୀ ଲୋପାମୁଦ୍ରା ମହାନ୍ତି ୫୬୨ ନମ୍ବର ରଖି, ଗ୍ରେଡ଼ -ଏ ୱାନ ହୋଇଥିବା ବେଳେ, ବେଳାଭୂମି ଉଚ୍ଚ ବିଦ୍ୟାଳୟର ଛାତ୍ର ଶୁଭମ ସୌରଭ ସେନାପତି ୫୫୨ ନମ୍ବର ରଖି ଗ୍ରେଡ଼ ଏ ୱାନ ରଖି ଦ୍ୱିତୀୟ ଓ ଲବଣ ସତ୍ୟାଗ୍ରହ ବିଦ୍ୟାପୀଠ କୁହୁଡିର ଛାତ୍ର ଆୟୁଷ୍ମାନ ବିଶ୍ୱାଳ ୫୪୪ନମ୍ବର ରଖି ଗ୍ରେଡ଼ ଏ ୱାନ ରଖି ତୃତୀୟ ସ୍ଥାନ ବ୍ଲକ ଶିକ୍ଷା ଅଧିକାରୀଙ୍କ ସୂତ୍ରରୁ ପ୍ରକାଶ।


PLOT FOR SALE
MOUZA:BHOLA



N.H. Bye Pass (Old Trunk Road), Near ASBM College, Chandaka, Bhubaneswar, Odisha
Contact : 8658607286


# ମାଟ୍ରିକ ପରୀକ୍ଷାରେ ବିଜରାଗୁଡ଼ା କନ୍ୟାଶ୍ରମର ରାଜ୍ୟସ୍ତରୀୟ ସଫଳତା



**ନବରଙ୍ଗପୁର :** ନବରଙ୍ଗପୁର ଜିଲ୍ଲା ତେନ୍ତୁଳିଖୁଣ୍ଟି ବ୍ଲକ ଅନ୍ତର୍ଗତ ବିଜରାଗୁଡା ଉଚ୍ଚ ବାଳିକା ବିଦ୍ୟାଳୟର ସର୍ବମୋଟ ୧୧୧ ଜଣ ପରୀକ୍ଷା ଦେଇଥିବା ବେଳେ ସମସ୍ତେ ଭଲ ନମ୍ବର ରଖି ପାସ ହୋଇଥିବା ଜଣାପଡିଛି। ସେମାନଙ୍କ ମଧ୍ୟରୁ ଏ-୧ରେ ୨୩ ଜଣ, ବି-୧ରେ ୭୦ଜଣ ଏବଂ ବି-୨ରେ ୧୮ ଜଣ ପାସ ହୋଇଥିବା ଜଣାପଡିଛି। ଉକ୍ତ ପାସ ହାରକୁ ଦୃଷ୍ଟିରେ ରଖି ରାଜ୍ୟ ମଙ୍ଗଳ ବିଭାଗ ତରଫରୁ ପ୍ରକାଶିତ ରାଜ୍ୟ ସ୍ତରୀୟ ଟପ ୨୦ ବିଦ୍ୟାଳୟ ମଧ୍ୟରୁ ବିଜରାଗୁଡ଼ା କନ୍ୟାଶ୍ରମ ୧୮ତମ ସ୍ଥାନ ଗ୍ରହଣ କରିଛି। ଏହି ଖବର ଜାଣିବା ପରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କରୁଣାକର ନାୟକ ଏହି ଉପଲବ୍ଧି ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସମେତ ବିଦ୍ୟାଳୟର ଅନ୍ୟ ସମସ୍ତ କର୍ମଚାରୀ ମାନଙ୍କର ବୋଲି କହିଛନ୍ତି। ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ପ୍ରମୋଦ ରଥ, ତ୍ରିଲୋକ ନାଥ ବିଷୋୟୀ, ମନୋଜ କୁମାର ପଟ୍ଟନାୟକ, କାନୁ ଚରଣ ପଟ୍ଟନାୟକ, ପି. ଧରଣୀଧର, ନିବେଦିତା ସିଂ, ଶୁଭଶ୍ରୀ ବରାଡ଼, ସୁନିତା ତ୍ରିପାଠୀ, ସୌରଭ ସାହୁ, ପଦ୍ମା ଖରା ଏବଂ ବିଦ୍ୟାଳୟ ସଭାପତି ହେମନ୍ତ ଭତ୍ରା ପ୍ରମୁଖ ଛାତ୍ରୀମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ସୂଚନାଯୋଗ୍ୟ ଯେ ଗତ ବର୍ଷ ମଧ୍ୟ ଏହି ବିଦ୍ୟାଳୟକୁ ରାଜ୍ୟ ସ୍ତରରେ ପୁରସ୍କୃତ କରାଯାଇଥିଲା।


PLOT FOR SALE



MOUZA : JUJHAGADA
(Back side of Nandankanan Zoo)
BHUBANESWAR
Contact : 865807286 / 8917571455

MOUZA : BEGUNIA BOREHI
(NEAR CV RAMAN COLLEGE)
TAMANDO - YELLOW ZONE
BHUBANESWAR
30ft Approch Road
Contact : 8658607286 / 8917571455


# କୋଣାର୍କ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରକୁ ମିଳିଲା ନୂଆ ଆମ୍ବୁଲାନ୍ସ



**କୋଣାର୍କ :** ଆନ୍ତର୍ଜାତିକ ପର୍ଯ୍ୟଟନ ସ୍ଥଳୀ କୋଣାର୍କରେ ଥିବା ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରକୁ ମିଳିଛି ନୂଆ ୧୦୮ ଆମ୍ବୁଲାନ୍ସ। ଏହି ଆମ୍ବୁଲାନ୍ସକୁ କୋଣାର୍କ ଏନଏସି ଅଧକ୍ଷା ସୁଶ୍ରୀ ସଞ୍ଜୁକ୍ତା ତ୍ରିପାଠୀ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମରେ ଉପାଧକ୍ଷ ସୁରେଶ ଚନ୍ଦ୍ର ରାଉତରାୟ, ପୁରୀ ଜିଲ୍ଲା କ୍ଲଷ୍ଟର ପରିଚାଳକ ଲଲାଟେନ୍ଦୁ ପ୍ରଧାନ, କୋଣାର୍କ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରର ଆୟୁଷ ଡାକ୍ତର ବିଦୁଭୂଷଣ ନାୟକ ଓ ସମସ୍ତ କର୍ମଚାରୀ ଏବଂ କୋଣାର୍କ ଏନଏସିର ସମୟ କାଉନସିଲର ଉପସ୍ଥିତ ଥିଲେ। ଏଠାରେ ସୂଚନା ଥାଉକି ପୂର୍ବରୁ ମିଳିଥିବା ୧୦୮ ଆମ୍ବୁଲାନ୍ସଟି ବାରମ୍ବାର ଖରାପ ହେବାରୁ ରୋଗୀ ସେବାରେ ସମସ୍ୟା ସୃଷ୍ଟି ହେଉଥିଲା। ଫଳରେ ସୂର୍ଯ୍ୟ ମନ୍ଦିର ଭ୍ରମଣରେ ଆସୁଥିବା ପର୍ଯ୍ୟଟକଙ୍କ ସମେତ ସ୍ଥାନୀୟ ଲୋକେ ଆମ୍ବୁଲାନ୍ସ ସେବାରୁ ବଞ୍ଚିତ ହେଉଥିଲେ। ଏହି ନୂଆ ୧୦୮ ଆମ୍ବୁଲାନ୍ସ ମିଳିବା ଫଳରେ ରୋଗୀଙ୍କୁ ତୁରନ୍ତ ଡାକ୍ତରଖାନାରେ ପହଞ୍ଚିବାରେ ସୁବିଧା ହୋଇ ପାରିବ ବୋଲି ଅତିଥି ମାନେ ମତ ପୋଷଣ କରିଥିଲେ।


Printed, Published and Owned by **Lingaraj Dash**, Published at Plot No.-4233, Sulochana Bhawan, Behind Badagada High School, Badagada, Bhubaneswar-751018, Dist-Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● OFFICE : Plot No.186, Lane-2, Aerodrome Area, Bhubaneswar, Odisha, PIN-751020, Cell : 9338225930 (O), Email : ekamaatra@gmail.com / lingaraj@gmail.com
Managing Editor : **Laxmipriya Dash**
ପରିଚାଳନା ସମ୍ପାଦିକା : ଲକ୍ଷ୍ମୀପ୍ରିୟା ଦାଶ
Editor : **Tarak Mohanty**
ସମ୍ପାଦକ : ତାରକ ମହାନ୍ତି